# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ଛଅବର୍ଷ ପରେ ଏକାଠି
ସଞ୍ଜୟ-ରଣବୀର

▶ପୃଷ୍ଠା ୧୨ ଦେଖନ୍ତୁ...



### ୩୦ ଘଣ୍ଟାର ଲୁଚକାଳି ଖେଳ ଶେଷ; ଆଜି ଇଡିରେ ହାଜର ହେବେ ହେମନ୍ତ

# କଳ୍ପନା ସୋରେନ୍ ଝାଡ଼ଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ !

ରାଞ୍ଚି,୩୦।୧(ଏଜେନ୍ସି)



ଦୀର୍ଘ ୩୦ ଘଣ୍ଟାର ଲୁଚକାଳି ଖେଳ ପରେ ମଙ୍ଗଳବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସାମ୍ନାକୁ ଆସିଛନ୍ତି। ଜମି ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଗତକାଲି ଇଡି ହେମନ୍ତଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ତାଙ୍କୁ ଖୋଜିଥିଲା। କିନ୍ତୁ ହେମନ୍ତଙ୍କ ଖୋଜଖବର ମିଳି ନଥିଲା। ହେମନ୍ତ ଏକ ଘରୋଇ ବିମାନରେ ରାଞ୍ଚିରୁ ଦିଲ୍ଲୀ ଯାଇଥିଲା ବେଳେ ସେହି ବିମାନରେ ରାଞ୍ଚି ପଳାଇ ଯିବାକୁ ଉଦ୍ୟମ କରିଥିବେ ଆକଳନ କରି ଇଡି ଅଧିକାରୀମାନେ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ହେମନ୍ତଙ୍କ ବିମାନ ଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନଥିଲା। ଏହାପରେ ଇଡି ହେମନ୍ତଙ୍କ ବାସଭବନରେ ଚଢଉ କରି ନଗଦ ୩୦ ଲକ୍ଷ ଟଙ୍କା ସମେତ ଦୁଇଟି ଦାବୀ ଗାଡି ଜବତ କରିଥିଲା। ଏହାସତ୍ତ୍ୱେ ହେମନ୍ତଙ୍କ ସମ୍ପର୍କରେ କିଛି ସୂଚନା ମିଳି ନଥିଲା। କିନ୍ତୁ ହେମନ୍ତ ରାତାରାତି ସଡ଼କ ପଥରେ ରାଞ୍ଚି ପଳାଇ ଆସିଥିବା କୁହାଯାଇଥିଲା ବେଳେ ମଙ୍ଗଳବାର ଅପରାହ୍ନରେ ରାଞ୍ଚିସ୍ଥିତ ତାଙ୍କ ବାସଭବନରେ ବିଧାୟକ ଦଳ ବୈଠକ ଡାକି ରାଜ୍ୟର ସାଂପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଜାଣିଶୁଣି ଝାଡ଼ଖଣ୍ଡରେ ଅସ୍ଥିରତା ସୃଷ୍ଟି କରି ଏଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ମସୁଧା କରୁଛନ୍ତି ବୋଲି ହେମନ୍ତ ବିଧାୟକମାନଙ୍କୁ କହିଥିଲେ। ସେ ବୁଧବାର ଇଡି ନିକଟରେ ହାଜର ହେବେ ବୋଲି ଇ-ମେଲ ଜରିଆରେ ଜଣାଇଥିଲେ ମଧ୍ୟ ଇଡି ଅଧିକାରୀମାନେ କାହିଁକି ତାଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚିଥିଲେ ବୋଲି ପ୍ରଶ୍ନ କରିଥିଲେ। ତେବେ ଆସନ୍ତାକାଲି ସେ ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। କିନ୍ତୁ ଏହି ସମୟରେ ଇଡି ହେମନ୍ତଙ୍କୁ ଗିରଫ କରିବାର ସମ୍ଭାବନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହାକୁ ମଧ୍ୟ ହେମନ୍ତ ନିଜେ ଅନୁଭବ କରିଥିବା କୁହାଯାଉଛି।

- ରାଞ୍ଚିରେ ବିଧାୟକଙ୍କ ସହ ବୈଠକ କଲେ ସୋରେନ୍
- ହେମନ୍ତଙ୍କ ଗିରଫ ହେବା ବିଷୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋରଦାର୍

ତେଣୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ସେ ସମ୍ପର୍କରେ ହେମନ୍ତ ନିଜ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ହୋଇଥିବା ବୈଠକରେ ପ୍ରଥମଥର ପାଇଁ ତାଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ଦେଖାଯାଇଥିଲା ବେଳେ କଳ୍ପନା ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଉଛି। ସେ ଜଣେ ଓଡ଼ିଆ ଝିଅ। କିନ୍ତୁ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ବିଷୟକୁ ଜେଏମ୍ଏମ୍ ଏବଂ କଂଗ୍ରେସର କିଛି ବିଧାୟକ ବିରୋଧ କରୁଥିବା କୁହାଯାଉଛି। ତେବେ ଆସନ୍ତାକାଲି ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଆକଳନ କରାଯାଇଛି।

## ତେଜସ୍ୱୀଙ୍କୁ ଇଡିର ୮ ଘଣ୍ଟା ଜେରା



ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗତକାଲି ୧୦ ଘଣ୍ଟା ଜେରା କରାଯାଇଥିଲା। ଏହାର ଦିନକ ପରେ ଲାଲୁଙ୍କ ପୁଅ ତଥା ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଇଡି ୮ ଘଣ୍ଟା ଜେରା କରିଛି। ତେଜସ୍ୱୀଙ୍କୁ ହାଜର ହେବାକୁ ଗତ ୨୮ ତାରିଖରେ ସମନ କରାଯାଇଥିଲା। ସେହି ଅନୁସାରେ ସେ ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କ ନାମରେ ଅନେକ ବେଆଇନ ସମ୍ପତ୍ତି ରହିଥିବା ଦର୍ଶାଇ ଇଡିର ଏକ ୧୨ ଜଣିଆ ଟିମ୍ ତେଜସ୍ୱୀଙ୍କୁ ଜେରା କରିଛି। ଏହି ଦୁର୍ନୀତି ମାମଲାରେ ଇଡି ତେଜସ୍ୱୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିଛି। ଆସନ୍ତା ମାସ ୯ ତାରିଖରେ ଏହି ମାମଲାର ଶୁଣାଣି ହେବ।

- ଆଜି ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ

## ୧୪୬ ସାଂସଦଙ୍କ ଉପରୁ ହଟିବ ନିଲମ୍ବନ ଆଦେଶ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ବୁଧବାର ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହାପୂର୍ବରୁ ଉଭୟ ଗୃହରୁ ନିଲମ୍ବିତ ହୋଇଥିବା ସମସ୍ତ ସାଂସଦଙ୍କ ଉପରୁ କଟକଣା ହଟାଇ ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ , ଶୀତ ଅଧିବେଶନରେ ନିଲମ୍ବିତ ହୋଇଥିବା ବିରୋଧୀ ଦଳର ସବୁ ସାଂସଦଙ୍କ ନିଲମ୍ବନ ରଦ୍ଦ କରାଯିବ। ଇତିମଧ୍ୟରେ ରାଜ୍ୟସଭାରୁ ନିଲମ୍ବିତ ହୋଇଥିବା ସମସ୍ତ ୧୧ ଜଣ ସାଂସଦଙ୍କ ନିଲମ୍ବନ ବାତିଲ ହୋଇଛି। ଶୀତ ଅଧିବଶେନରେ ସ୍ୱାଧିକାର ଭଙ୍ଗ କାରଣରୁ ୧୧ ସାଂସଦଙ୍କ ନିଲମ୍ବନ ଆଦେଶକୁ ରାଜ୍ୟସଭା ଅଧକ୍ଷ ପ୍ରତ୍ୟାହାର କରିନେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ , ଶୀତ ଅଧିବେଶନରେ ବିରୋଧୀ ଦଳର ୧୪୬ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା। ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସାଂସଦମାନେ ଗୃହରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଜବାବ ଦାବି କରି ଗୃହ କାର୍ଯ୍ୟ ଅଚଳ କରିଦେଇଥିଲେ। ଯାହାକୁ ନେଇ ବିଭିନ୍ନ ଦଳର ୧୪୬ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ତେବେ ବଜେଟ୍ ଅଧିବେଶନରେ ସେମାନଙ୍କ ନିଲମ୍ବନ ଆଦେଶ ରଦ୍ଦ କରି ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି।

- ନିର୍ବାଚନ ଲଢିବା ଆଶା ଧୂଳିସାତ୍

## ଇମ୍ରାନଙ୍କ ସହ ମେହମୁଦ୍ କ୍ୟୁରେସିଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

**ଇସଲାମାବାଦ,୩୦ ।୧(ଏଜେନ୍ସି):** ଆସନ୍ତା ମାସରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଏଠାକାର ସବୁ ରାଜନୀତିକ ଦଳଗୁଡିକୁ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଏଭଳି ସମୟରେ ପିଟିଆଇ ଦଳ ମୁଖିଆ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ମେହମୁଦ୍ କ୍ୟୁରେସିଙ୍କୁ ଝଟକା ଲାଗିଛି। ସିଫର( ଜାତୀୟ ସୁରକ୍ଷା) ମାମଲାରେ ପାକିସ୍ତାନ କୋର୍ଟ ଏହି ଦୁଇ ଜଣଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ କରିଛନ୍ତି। ରାୱଲପିଣ୍ଡିର ସ୍ୱତନ୍ତ୍ର କୋର୍ଟ ଏହି ରାୟ ଦେଇଥିଲା ବେଳେ ଆସନ୍ତା ନିର୍ବାଚନରେ ଇମ୍ରାନ ପ୍ରତିଦ୍ୱନ୍ଦ୍ୱିତା କରିବା ଆଶା ମଉଳିଯାଇଛି। ତେବେ ସ୍ୱତନ୍ତ୍ର ଅଦାଲତଙ୍କ ଏହି ରାୟକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିବାକୁ ଇମ୍ରାନଙ୍କ ଦଳ କହିଛି। ଉଲ୍ଲେଖଯୋଗ୍ୟ ଯେ ଜାତୀୟ ସୁରକ୍ଷା ସମ୍ପର୍କିତ ମାମଲା ' ସିଫର' ୨୭ ମାର୍ଚ୍ଚ ୨୦୨୨ରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିଲା। କ୍ଷମତାରୁ ବିଦା ହେବା ପରେ ଇମ୍ରାନ ଏକ ରାଲିରେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଅନ୍ତର୍ଜାତୀୟ ଶକ୍ତିଙ୍କ ଦ୍ୱାରା ଷଡ଼ଯନ୍ତ୍ର କରାଯାଇଥିବା କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଗୁପ୍ତ ସୂଚନାକୁ ଇମ୍ରାନ ତାଙ୍କ ବ୍ୟକ୍ତିଗତ ବ୍ୟବହାରରେ ଲଗାଇଥିବା ଅଭିଯୋଗ ହୋଇଥିଲା।

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

**ୱାଶିଂଟନ, ୩୦।୧ (ଏଜେନ୍ସି):** ଆମେରିକା ଜର୍ଜିଆରେ ଭାରତୀୟ ଛାତ୍ର ବିବେକ ସୈନି (୨୫)ଙ୍କୁ ହତ୍ୟା କରାଯାଇଛି। ଏକ ଫୁଡ୍ ମାର୍ଟ ଭିତରେ ଜଣେ ନିରାଶ୍ରୟ ବ୍ୟକ୍ତି ବିବେକଙ୍କ ମୁଣ୍ଡକୁ ହାତୁଡ଼ାରେ ୫୦ ଥର ପିଟି ହତ୍ୟା କରିଛି। ସୂଚନା ଅନୁଯାୟୀ ବିବେକ ଏକ ଫୁଡ୍ ମାର୍ଟରେ କାମ କରୁଥିଲେ। ଫୁଡ ମାର୍ଟ ବାହାରେ ଜଣେ ନିରାଶ୍ରୟ ବ୍ୟକ୍ତି ଜୁଲିୟାନ ଫକନର ବସୁଥିଲେ। ବିବେକ ଏବଂ ଅନ୍ୟ କର୍ମଚାରୀ ତାଙ୍କୁ ରହିବାକୁ ଜାଗା ଦେଇଥିଲେ। କିନ୍ତୁ ଗତ ୧୬ ତାରିଖରେ ବିବେକ ତାଙ୍କୁ ଘରୁ ବାହାରି ଯିବାକୁ କହିଥିଲେ। ଏଥିରେ ଫକନର ଉତ୍କ୍ଷିପ୍ତ ହୋଇ ତାଙ୍କୁ ହତ୍ୟା କରିଥିଲେ। ପୁଲିସ ଏହି ହତ୍ୟାକାରୀକୁ ଗିରଫ କରିଛି।

## ଦୁର୍ଘଟଣାରେ କଂଗ୍ରେସ ନେତା ଆହତ, ପତ୍ନୀ ମୃତ



**ଅଲଓ୍ୱର,୩୦।୧(ଏଜେନ୍ସି):** ରାଜସ୍ଥାନର ଅଲୱାର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶବନ୍ତ ସିଂଙ୍କ ପୁତ୍ର ମାନବେନ୍ଦ୍ର ସିଂ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ପତ୍ନୀ ଚିତ୍ରା ସିଂଙ୍କ ମୃତ୍ୟୁ ହୋଇଥିବା ବେଳେ ମାନବେନ୍ଦ୍ରଙ୍କ ପୁଅ ଏବଂ ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଲୱାର ଜିଲ୍ଲାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେର ଖୁଶପୁରୀ ନିକଟରେ ଏହି ଦୁର୍ଘଟଣା ଘଟିଛି। ମାନବେନ୍ଦ୍ର ସିଂଙ୍କ କାର ଏକ ଡିଭାଇଡରରେ ପିଟି ହୋଇଯାଇ କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

## ଚଣ୍ଡିଗଡ଼ ମେୟର ନିର୍ବାଚନରେ ବିଜେପିର ବାଜିମାତ୍

ଚଣ୍ଡିଗଡ଼,୩୦।୧(ଏଜେନ୍ସି)



ଚଣ୍ଡିଗଡ଼ ମେୟର ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ଭାବେ ବିଜୟୀ ହୋଇଛି। ସଂଖ୍ୟା ଗରିଷ୍ଠତା ପାଇଁ ବିଜେପି ନିକଟରେ ସମ୍ବଳ ନଥିଲେ ମଧ୍ୟ ବିଜେପି ପ୍ରାର୍ଥୀ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି। ମେୟର ନିର୍ବାଚନରେ ୮ ଭୋଟ୍ ନାକଚ ହୋଇଯାଇଥିବାରୁ ବିଜେପି ଏହି ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। କିନ୍ତୁ ଏହାକୁ ଆପ୍ ଏବଂ କଂଗ୍ରେସ ଜୋରଦାର ବିରୋଧ କରିଛନ୍ତି। ବିଜେପି ଦିନ ଦ୍ୱିପ୍ରହରରେ ବେଇମାନୀ କରିଛି। କିନ୍ତୁ ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ବୋଲି ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଣ୍ଡିଗଡ଼ ପୌର ନିଗମର ମୋଟ ପାର୍ଷଦଙ୍କ ସଂଖ୍ୟା ୩୫ ରହିଥିଲା ବେଳେ ବିଜେପିର ୧୪ , ଆପ୍‌ର ୧୩, କଂଗ୍ରେସର ୭ ଏବଂ ଅକାଳୀ ଦଳର ଜଣେ ପାର୍ଷଦ ରହିଛନ୍ତି। କିନ୍ତୁ ମେୟର ନିର୍ବାଚନରେ ଆପ୍ ଓ କଂଗ୍ରେସ ମିଳିତ ଭାବେ ଲଢୁଥିଲା ବେଳେ ସେମାନଙ୍କ ନିକଟରେ ୨୦ ପ୍ରାର୍ଥୀ ଥିଲେ। କିନ୍ତୁ ଭୋଟ ବେଳେ ନିର୍ବାଚନ ଅଧିକାରୀ ଅଚାନକ ଭାବେ ୮ ଭୋଟ ନାକଚ କରିଦେବାରୁ ବିଜେପି ୧୬ଟି ଭୋଟ ପାଇ ନିର୍ବାଚନ ଜିତିଥିଲା। ବିଜୟକୁ ନେଇ ବିଜେପି ଖୁସି ମନାଇଥିଲା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଅସାଧୁ ଦଳ ବୋଲି କହିଛନ୍ତି। ସେ କହିଛନ୍ତି,ଯେତେବେଳେ କୌଣସି ଭୋଟ ନାକଚ ହୁଏ ସେତେବେଳେ ନିର୍ବାଚନ ଅଧିକାରୀ ଏହାକୁ ସବୁ ଦଳର ଏଜେଣ୍ଟମାନଙ୍କୁ ଦେଖାଇଥାଆନ୍ତି। କିନ୍ତୁ ସେମିତି କିଛି ବି ହୋଇନି ।ନିର୍ବାଚନ ଏଜେଣ୍ଟ କିମ୍ବା ଡେପୁଟି କମିସନରଙ୍କୁ ବାଲଟ ପେପର ଦେଖିବାକୁ ଦିଆଯାଇନି। ଏକତରଫା ଭାବେ ଭୋଟ ନାକଚ କରାଯାଇଛି। ଭୋଟ ନାକଚ ହେବା ଘଟଣାକୁ ସେ ବିଜେପିର ଚାଲ ବୋଲି କହିବା ସହିତ ଦିନ ଦ୍ୱିପ୍ରହରରେ ଏହି ଦଳ ବେଇମାନୀ କରିଛି ବୋଲି କହିଛନ୍ତି। ଯଦି ମେୟର ନିର୍ବାଚନରେ ବିଜେପି ଏତେ ତଳକୁ ଖସିପାରୁଛି ତେବେ ସାଧାରଣ ନିର୍ବାଚନରେ ଏହି ଦଳ କ'ଣ ନ କରିବ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି। ତେବେ ଫଳାଫଳକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଲୋକସଭା ପୂର୍ବରୁ ପ୍ରଥମଥର ପାଇଁ ଆପ୍ ଓ କଂଗ୍ରେସ ମିଳିତ ଭାବେ ଇଣ୍ଡିଆ ମେଣ୍ଟ ଅଧୀନରେ ଚଣ୍ଡିଗଡ଼ ମେୟର ନିର୍ବାଚନ ଲଢ଼ିଥିଲେ। ଆପ୍ ମେୟର ପ୍ରାର୍ଥୀଙ୍କ ବିଜୟୀ ହେବା ଏକପ୍ରକାର ନିଶ୍ଚିତ ଥିଲା ବେଳେ ସେ ହିଁ କଂଗ୍ରେସ ଦଳରୁ ବରିଷ୍ଠ ଉପ ମେୟର ଏବଂ ଉପ ମେୟର ନିର୍ବାଚିତ କରିଥାଆନ୍ତେ। କିନ୍ତୁ ଆପ୍ ଓ କଂଗ୍ରେସକୁ ହାରିବାକୁ ପଡ଼ିଛି। ବିଜେପିର ମନୋଜ ସୋନକର ୧୬ ଖଣ୍ଡ ଭୋଟ ପାଇ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି।

- ୮ ଭୋଟ୍ ନାକଚ ହେବା ଘଟଣାକୁ ଆପ୍‌ର ବିରୋଧ
- ନିର୍ବାଚନ ହାରିବାରୁ କାନ୍ଦିଲେ ଆପ୍ ପ୍ରାର୍ଥୀ

## କୈଳାସ-ମାନସରୋବର ଦର୍ଶନ ପାଇଁ ଉଡ଼ିଲା ବିମାନ

ନୂଆଦିଲ୍ଲୀ, ୩୦ ।୧(ଏଜେନ୍ସି)

ତିବ୍ବତ ସ୍ୱୟ ଶାସିତ ଅଞ୍ଚଳରେ ଏବଂ ହିମାଳୟ ପର୍ବତ ଶ୍ରେଣୀରେ ଅବସ୍ଥିତ ହିନ୍ଦୁମାନଙ୍କ ପବିତ୍ର ତୀର୍ଥସ୍ଥଳ କୈଳାସ-ମାନସରୋବର ଦର୍ଶନ ପାଇଁ ପ୍ରଥମ ବିମାନ ସେବା ଆରମ୍ଭ ହୋଇଛି। ନେପାଳଗଞ୍ଜରୁ ଏହି ବିମାନ ଉଡାଣ କରି କୈଳାଶ ମାନସରୋବର ପର୍ଯ୍ୟନ୍ତ ଯାତ୍ରା କରିବା ସହ ପ୍ରାୟ ୨୭ ହଜାର ଫୁଟ୍ ଉଚ୍ଚରୁ ଯାତ୍ରୀଙ୍କୁ ଏହି ପବିତ୍ର ସ୍ଥଳ ଦର୍ଶନ କରାଇଛି। ମିଳିଥିବା ସୂଚନା ଅନୁସାରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଥିଲା ବେଳେ ଶ୍ରୀ ଏୟାରଲାଇନ୍ସ ଘରୋଇ ବିମାନରେ ନେପାଳଗଞ୍ଜରୁ ୩୮ ଭାରତୀୟ ଯାତ୍ରୀ କୈଳାଶ ମାନସରୋବର ଦର୍ଶନ ପାଇଁ ଉଡାଣ ଭରିଥିଲା। ଯାହାକି ନିଜସ୍ୱ ଶୈଳୀର ପ୍ରଥମ ପାର୍ବତୀୟ ଉଡାଣ ଥିଲା। 'କୈଳାଶ ମାନସରୋବର ଦର୍ଶନ ଉଡାଣ' ନାମରେ ଏହି ତୀର୍ଥ ଯାତ୍ରାରେ ଯାତ୍ରୀମାନେ କୈଳାଶ ପର୍ବତ ଓ ମାନସରୋବର ହ୍ରଦର ନୈସର୍ଗିକ ଦୃଶ୍ୟକୁ ୨୭ ହଜାର ଫୁଟ ଉଚ୍ଚତାରୁ ଦେଖିଥିଲେ। ଏହି ପ୍ରଥମ ଉଡାଣରେ ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟର ଯାତ୍ରୀ ସାମିଲ ଥିଲେ। ପୂର୍ବରୁ କୈଳାସ-ମାନସରୋବର ଦର୍ଶନ କଷ୍ଟସାଧ ହୋଇଥିଲା ବେଳେ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଏବଂ ସମୟ ବ୍ୟୟ କରିବାକୁ ପଡୁଥିଲା। ଚାଇନା ଭିସା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମଧ୍ୟ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡୁଥିଲା। କିନ୍ତୁ ଏଭଳି ବିମାନ ସେବା ଦ୍ୱାରା ଯାତ୍ରୀମାନେ ସହଜରେ କୈଳାସ-ମାନସରୋବର ଦର୍ଶନ କରିପାରିବେ । ଏହିକ୍ରମରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍‌ର ଆଞ୍ଚଳିକ ମୁଖ୍ୟ କେଶବ ନ୍ୟୁପାନେ କହିଛନ୍ତି ଯେ 'କୈଳାଶ ପର୍ବତ ଓ ମାନସରୋବର' ନିମନ୍ତେ ଏହି ଉଡାଣ ଶସ୍ତା ରହିବା ସହିତ ବିଶ୍ୱସନୀୟ ଏବଂ ସୁରକ୍ଷିତ। ଏହି ଶ୍ରେଣୀର ଆଗାମୀ ଉଡାଣ ଫେବୃଆରୀ ପ୍ରଥମ ସପ୍ତାହରେ ହେବ। ଉଲ୍ଲେଖଯୋଗ୍ୟ ଯେ , କୋଭିଡ୍ କାରଣକୁ ନେଇ ଚୀନ କୈଳାଶ ମାନସରୋବାର ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଛି। ତେବେ ନେପାଳର ଏହି ଉଡାଣ ସେବା ଭାରତୀୟ ଶ୍ରଦ୍ଧାଳୁଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। କୋଭିଡ ମହାମାରୀ ପୂର୍ବରୁ ପ୍ରତିବର୍ଷ ପାଖାପାଖି ୧୨ ହଜାର ଯାତ୍ରୀ ନେପାଳ ଦେଇ କୈଳାଶ ମାନସରୋବର ଯାତ୍ରା କରୁଥିଲେ ।ନେପାଳ ରାସ୍ତାରେ କୈଳାଶ ମାନସରୋବର ଯିବା ପାଇଁ ଯାତ୍ରୀଙ୍କୁ ପ୍ରଥମେ ରାଜଧାନୀ କାଠମାଣ୍ଡୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ଯାତ୍ରୀମାନେ କାଠମାଣ୍ଡୁ ନ ଯାଇ ଲକ୍ଷ୍ନୌ ଠାରୁ ମାତ୍ର ୨୦୦ କିମି ଦୂର ନେପାଳଗଞ୍ଜ ଯାଇ ସେଠାକରୁ ଏହି ଚାର୍ଟାର୍ଡ ବିମାନ ଯୋଗେ କୈଳାସ ପର୍ବତ ଦର୍ଶନ କରିପାରିବେ।

**୨୭ ହଜାର ଫୁଟ୍ ଉଚ୍ଚରୁ ଦର୍ଶନକଲେ ୩୮ ଭାରତୀୟ**



### କେରଳ ବିଜେପି ନେତାଙ୍କ ହତ୍ୟା ଘଟଣା

## ୧୫ ପିଏଫ୍ଆଇ କର୍ମୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ୨୦୨୧ ଡିସେମ୍ବରରେ କେରଳରେ ମାତ୍ର କିଛି ସମୟ ବ୍ୟବଧାନରେ ଘଟିଥିବା ଦୁଇ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ କୋର୍ଟ ବେଆଇନ ଘୋଷିତ ପପୁଲର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫଆଇ)ର ୧୫ କର୍ମୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଗତ ୨୦ ତାରିଖରେ ଏହି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ମଙ୍ଗଳବାର ଏହି ଦଣ୍ଡବିଧାନ କରିଛନ୍ତି। ୨୦୨୧ ଡିସେମ୍ବରରେ କେରଳର ଆଲପୁଲାରେ ପ୍ରଥମେ ଏସଡିପିଆଇର ୩୮ ବର୍ଷୀୟ ନେତା କେ ଏସ ସାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୧୨ ଘଣ୍ଟା ନ ପୁରୁଣୁ ୪୦ ବର୍ଷୀୟ ବିଜେପି ଓବିସି ମୋର୍ଚ୍ଚା ନେତା ରଞ୍ଜିତ ଶ୍ରୀନିବାସନଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ମାଭେଲିକ୍କାରାର ଅତିରିକ୍ତ ଜିଲ୍ଲାଜଜ୍ ଭି ଜି ଶ୍ରୀଦେବୀ ଏହି ମାମଲାର ବିଚାର କରି ଏହି ଦୁଇଟି ଘଟଣାରେ ପିଏଫଆଇ ସଂଗଠନର ୧୫ କର୍ମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଆବେଦନକାରୀ ପକ୍ଷ ସମସ୍ତ ଦୋଷୀଙ୍କ ପାଇଁ କଠୋର ଦଣ୍ଡ ବିଧାନ କରିବାକୁ ଅନୁରୋଧ କରିଥିଲେ । ପିଏଫଆଇର ସଦସ୍ୟମାନେ ଏକ ପ୍ରଶିକ୍ଷିତ ହତ୍ୟାକାରୀ ଗୋଷ୍ଠୀ ସହ ଜଡ଼ିତ ଏବଂ ଅତ୍ୟନ୍ତ ବୀଭତ୍ସ ଭାବେ ପୀଡ଼ିତକୁ ତାଙ୍କ ମାଆ, ପିଲା ଏବଂ ପତ୍ନୀଙ୍କ ସାମ୍ନାରେ ହତ୍ୟା କରାଯାଇଥିଲା ବୋଲି କହିଥିଲେ। ଅନ୍ୟପକ୍ଷରେ ବିପକ୍ଷ ଓକିଲ ଦଣ୍ଡ କୋହଳ କରିବାକୁ ଅନୁରୋଧ କରିଥିଲେ ହେଁ ଅଦାଲତ ଏଭଳି ଦଣ୍ଡ ଶୁଣାଇଥିଲେ।

## ସୋମାଲିଆ ଜଳଦସ୍ୟୁଙ୍କଠାରୁ ୧୯ ପାକିସ୍ତାନୀଙ୍କୁ ଉଦ୍ଧାରକଲା ଭାରତ



**ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି):** ଆରବ ସାଗରରେ ସୋମାଲିଆ ଜଳଦସ୍ୟୁଙ୍କ ଠାରୁ ଭାରତୀୟ ନୌସେନା ୧୯ ପାକିସ୍ତାନୀ ନାବିକଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ମାତ୍ର ୧୨ ଘଣ୍ଟାର ବ୍ୟବଧାନରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇଏନଏସ ସୁମିତ୍ରା ଜଳଦସ୍ୟୁଙ୍କ ଠାରୁ ଏହି ନାବିକମାନଙ୍କୁ ଉଦ୍ଧାର କରିଛି। ଗତକାଲି ଇରାନର ଏକ ଜାହାଜକୁ ଆଇଏନଏସ୍ ସୁମିତ୍ରା ଜଳଦସ୍ୟୁମାନଙ୍କ ଠାରୁ ସୁରକ୍ଷିତ ଉଦ୍ଧାର କରିବା ସହିତ ଏହାର ୧୭ ସଦସ୍ୟଙ୍କୁ ମୁକ୍ତ କରିଥିଲା। ଏହାପରେ ମଙ୍ଗଳବାର ପାକିସ୍ତାନର ଏକ ମାଛଧରା ଜାହାଜକୁ ସୋମାଲିଆ ଜଳଦସ୍ୟୁମାନେ ଅକ୍ତିଆର କରିବାକୁ ଉଦ୍ୟମ କରୁଥିଲା ବେଳେ ଏହି ଜାହାଜକୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ମିଶାଇ ଗତ ତିନି ମାସରେ ପଞ୍ଚମ ଥର ପାଇଁ ଏଭଳି ଘଟଣା ଘଟିଛି।

# ଇଣ୍ଡିଆ ମେଣ୍ଟର ଗତି କୁଆଡ଼େ ?

ନୂଆଦିଲ୍ଲୀ,୩୦।୧(ଏଜେନ୍ସି)

- ୧୬ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ସମାଜବାଦୀ ପାର୍ଟି
- ନୀତୀଶଙ୍କ ଆବଶ୍ୟକତା ନାହିଁ କହିଲେ ରାହୁଲ



୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଇଣ୍ଡିଆ ମେଣ୍ଟର ସମସ୍ୟା ସେତିକି ବଢିବାରେ ଲାଗିଛି। ପୂର୍ବରୁ ଟିଏମସି ଏବଂ ଆପ୍ ମେଣ୍ଟରେ ସମସ୍ୟା ବଢାଇଥିଲା ବେଳେ ଦୁଇ ଦିନ ତଳେ ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମେଣ୍ଟ ଛାଡି ଏନଡିଏରେ ସାମିଲ ହେବା ଘଟଣା ସବୁ ଦଳଙ୍କୁ ଚକିତ କରିଦେଇଥିଲା। ନୀତୀଶଙ୍କ ପଦକ୍ଷେପ ମେଣ୍ଟ ରାଜନୀତି ପାଇଁ ସବୁଠୁ ଧକ୍କା ହୋଇଥିଲା ବେଳେ ସାମଜବାଦୀ ପାର୍ଟି ମଧ୍ୟ ଏହି ରାସ୍ତା ଆପଣେଇଛି। ୨୦୨୪ ନିର୍ବାଚନ ପାଇଁ ଉତ୍ତରପ୍ରଦେଶରେ ସମାଜବାଦୀ ପାଟି ମାତ୍ର ୧୧ଟି ଆସନ ଦେବାକୁ କହିଥିଲା ବେଳେ ମଙ୍ଗଳବାର ନିଜର ୧୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏଭଳି ସ୍ଥଳେ ଇଣ୍ଡିଆ ମେଣ୍ଟ ସ୍ଥିତି ଆଗକୁ କ'ଣ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି ।ଅନ୍ୟପକ୍ଷରେ ମେଣ୍ଟ ଠିକ୍ ଚାଲିବ ଏବଂ ଆଗାମୀ ନିର୍ବାଚନରେ ସୁଫଳ ମିଳିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ବର୍ତ୍ତମାନ ଭାରତ ଯୋଡୋ ଯାତ୍ରାରେ ରହିଥିବା ରାହୁଲ ବିହାରରେ ପ୍ରବେଶ କରିବା ପରେ ନୀତୀଶଙ୍କ ଆଭିମୁଖ୍ୟକୁ ନେଇ ମୁହଁ ଖୋଲିଛନ୍ତି। ରାହୁଲ କହିଛନ୍ତି ଯେ, ବିହାରରେ ଜାତିଭିତ୍ତିକ ସର୍ଭେ କାରଣରୁ ନୀତୀଶ ଇଣ୍ଡିଆ ମେଣ୍ଟରୁ ବିଦାୟ ନେଇଛନ୍ତି। ସେ ଏହି ପ୍ରସଙ୍ଗକୁ ନେଇ କାହିଁକି ଫସିଗଲେ ତାହା ଏବେ ବୁଝିଛନ୍ତି। ନୀତୀଶଙ୍କୁ ବିହାରରେ ଜାତିଭିତ୍ତିକ ଜନଗଣନା କରିବାକୁ ପଡ଼ିବ ବୋଲି ରାହୁଲ ପୂର୍ବରୁ କହିଥିଲେ। ଆରଜେଡି ସହ ମିଶି ଆମେ ସର୍ଭେ କରିବାକୁ ନୀତୀଶଙ୍କ ଉପରେ ଜୋର ଦେଇଥିଲୁ। କିନ୍ତୁ ବିଜେପି ଭୟଭୀତ ହୋଇଯାଇଥିଲା। ସେମାନେ ଏହି ଯୋଜନାକୁ ବିରୋଧ କରୁଛନ୍ତି। କିନ୍ତୁ ନୀତୀଶ ଫସିଗଲେ ବୋଲି ରାହୁଲ କହିଛନ୍ତି। ତେବେ ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ବାହାରିଥିବା ତାଙ୍କ ଯାତ୍ରା ଅବ୍ୟାହତ ରହିବ ଏବଂ ଏଥିପାଇଁ ନୀତୀଶଙ୍କ ଆବଶ୍ୟକତା ନାହିଁ ବୋଲି ରାହୁଲ କହିଛନ୍ତି।

- ସିପିଆଇ-୨୦୨୩ ରିପୋର୍ଟ

## ଚୀନ୍ ତୁଳନାରେ ଭାରତରେ ଅଧିକ ଦୁର୍ନୀତି

### ଦୁର୍ନୀତି ଶୂନ୍ୟତାରେ ଡେନମାର୍କ ସବୁଠୁ ଆଗରେ



**ମୁମ୍ବାଇ,୩୦।୧(ଏଜେନ୍ସି):** ଦୁର୍ନୀତି କ୍ଷେତ୍ରରେ ଭାରତ ଚୀନ୍ ଠାରୁ ମଧ୍ୟ ପଛରେ ପଡ଼ିଛି। ଏପରିକି ୨୦୨୨ ତୁଳନାରେ ୨୦୨୩ରେ ଭାରତରେ ଦୁର୍ନୀତି ବଢିଛି ବୋଲି ମଙ୍ଗଳବାର ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ପ୍ରକାଶ କରାଯାଇଥିବା 'କରପ୍ସନ ପର୍ସେପସନ ଇଣ୍ଡେକ୍ସ-୨୦୨୩' ସୂଚକାଙ୍କରୁ ଜଣାପଡ଼ିଛି। ୧୮୦ଟି ରାଷ୍ଟ୍ରଙ୍କୁ ନେଇ କରାଯାଇଥିବା ଏହି ଅନୁଧ୍ୟାନରେ ଭାରତର ସ୍ଥିତି ୯୩ ରହିଛି। ୨୦୨୨ରେ ଭାରତର ସ୍ଥାନ ଏହି ସୂଚକାଙ୍କରେ ୮୫ ରହିଥିଲା ବେଳେ ୨୦୨୩ରେ ଏହି ସ୍ଥାନ ଆହୁରି ତଳକୁ ଖସି ୯୩ରେ ରହିଛି। ଭାରତର ସ୍ଥାନ ସହ ମାଲଦ୍ୱୀପ, କାଜାକସ୍ତାନ ଏବଂ ଲିସ୍ତୋ ଭଳି କିଛି ରାଷ୍ଟ୍ର ରହିଛନ୍ତି। କିନ୍ତୁ ଏହି ତାଲିକାରେ ଚୀନ୍‌ର ସ୍ଥାନ ୭୬ ରହିଛି। ବିଶ୍ୱର ସବୁଠୁ ଦୁର୍ନୀତିମୁକ୍ତ ରାଷ୍ଟ୍ର ଭାବେ ଡେନମାର୍କର ସ୍ଥାନ ସବୁଠୁ ଉପରେ ରହିଛି।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ପ୍ରଥମ ଦିନରେ ଓଏଚପିସି ଏବଂ ଓପିଜିସିର ଆବେଦନ ଉପରେ ଶୁଣାଣି

**ଓଇଆରସିରେ ଶୁଣାଣି ଆରମ୍ଭ**

**ଭୁବନେଶ୍ୱର, ୩୦।୧(ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ସମ୍ପର୍କିତ ଜନଶୁଣାଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍ ପାଇଁ ବିଦ୍ୟୁତ ଉତ୍ପାଦକ ଓ ବିତରକ କମ୍ପାନୀମାନେ ଆବେଦନ କରିଥିବା ବେଳେ ଆସନ୍ତା ମାର୍ଚ୍ଚ ୨୩ ରେ ଆୟୋଗ ନିର୍ଦ୍ଦେଶନାମା ଜାରି କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି। ଆଜି ପ୍ରଥମ ଦିନରେ ଓଏଚ୍‌ପିସି ଏବଂ ଓପିଜିସିର ଆବେଦନ ଉପରେ ଶୁଣାଣି ହୋଇଛି। ଶୁଣାଣି ବେଳେ ଓଏଚ୍‌ପିସିର ଆବେଦନ ବିରୋଧରେ ୩ଜଣ ନିଜର ଆପତ୍ତି କମିଶନଙ୍କ ନିକଟରେ ଦାଖଲ କରିଥିବା ବେଳେ ଓପିଜିସିର ଆବେଦନ ବିରୋଧରେ ୪ ଜଣ ଆପତ୍ତି ଦାଖଲ କରିଛନ୍ତି। ୩୧ ରେ ଗ୍ରୀଡ୍‌କୋର ଆବେଦନ ଉପରେ କମିଶନ ଶୁମାଣି କରିବେ। ଓଏଚପିସି ପକ୍ଷରୁ ଓଇଆରସିଙ୍କ ନିକଟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍(ଶୁଳ୍କସୂଚୀ) ସମ୍ପର୍କରେ ଆବେଦନ କରାଯାଇଥିଲା। ଆବେଦନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଓଏଚପିସି ନିଜର ମାଛକୁଣ୍ଡ ଉତ୍ପାଦନ କେନ୍ଦ୍ର ବ୍ୟତୀତ ଅନ୍ୟ ସମସ୍ତ ଉତ୍ପାଦନ କେନ୍ଦ୍ରରୁ ମୋଟ ୫୬୦୨.୬୦ ମିଲିୟନ ୟୁନିଟ ବିଦ୍ୟୁତ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଓଏଚପିସିକୁ ଚଳିତ ବର୍ଷ ୫୫୯.୫୭୧ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ଥିବା ବେଳେ ୟୁନିଟ ପିଛା ୯୯.୮୮ ପଇସା ପଡ଼ିବ ବୋଲି ଅଟକଳ କରାଯାଇଛି।






**ଦିନକ ପରେ କେନ୍ଦ୍ର ବଜେଟ୍**

# ଟଙ୍କାକରେ ୩୪ ପଇସା ଋଣ

**ସୁଧ ପୈଠରେ ଯାଏ ଟଙ୍କାଏରୁ ୨୦ ପଇସା**

**ସ୍ୱାଧୀନତାଠାରୁ ଆଗତ ହୋଇଛି ୧୪ ଅନ୍ତରୀଣ ବଜେଟ**

■ **ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ସଂସଦରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ। ଚଳିତବର୍ଷ ଦେଶରେ ଲୋକସଭା ନିର୍ବାଚନ ହେବାକୁ ଯାଉଛି, ତେଣୁ ସମ୍ପୂର୍ଣ୍ଣ ବଜେଟ୍ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରାଯିବ। ନୂତନ ସରକାର ଆସିବା ପର୍ଯ୍ୟନ୍ତ ଏବଂ ଏକ ପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ବଜେଟ୍ ଅର୍ଥରୁ ସରକାର ଦେଶ ଚଳାଇଥାନ୍ତି। ସରକାର ଉଭୟ ଟିକସ ଏବଂ ଅଣ-ଟିକସ ଉତ୍ସରୁ ଅର୍ଥ ପାଇଥାନ୍ତି। ଏଥିସହିତ ସରକାର ସୁଧ, ସବ୍‌ସିଡି ଏବଂ ଯୋଜନା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ କରିଥାନ୍ତି। ସବୁଠରୁ କୌତୂହଳର ବିଷୟ ହେଉଛି ଯେ, ଭାରତର ବଜେଟର ୩୪ ପ୍ରତିଶତ ଅର୍ଥ କରଜରୁ ଆସିଥାଏ। ତେବେ ଟଙ୍କାଏରୁ ୨୦ ପଇସା ସରକାରଙ୍କ ଦ୍ୱାରା ସୁଧ ପୈଠ କରାଯାଇଥାଏ। ଏହାର ଅର୍ଥ ହେଉଛି ▶ପୃଷ୍ଠା-୧୦

**୧ ଟଙ୍କାର ବଜେଟ**

| | |
|---|---|
| **ଆୟ** | |
| ସୀମା ଶୁଳ୍କ | ୪ ପଇସା |
| ଆୟକର | ୧୫ ପଇସା |
| ଉତ୍ପାଦ ଶୁଳ୍କ | ୭ ପଇସା |
| କମ୍ପାନୀ ଟିକସ | ୧୫ ପଇସା |
| ଜିଏସ୍‌ଟି | ୧୭ ପଇସା |
| ଋଣ | ୩୪ ପଇସା |
| ଅଣ-ଟିକସ ରାଜସ୍ୱ ଆୟ | ୬ ପଇସା |
| ପୁଞ୍ଜି ଆୟ | ୨ ପଇସା |
| **ଖର୍ଚ୍ଚ** | |
| ସବ୍‌ସିଡି | ୭ ପଇସା |
| ପେନ୍‌ସନ୍ | ୪ ପଇସା |
| କରଜ ଓ ସୁଧ ପୈଠ | ୨୦ ପଇସା |
| ରାଜ୍ୟ ଟିକସ ଅଂଶ | ୧୮ ପଇସା |
| କେନ୍ଦ୍ରୀୟ ଯୋଜନା ବ୍ୟୟ | ୧୭ ପଇସା |
| କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ୯ ପଇସା |
| ବିତ୍ତୀୟ ଆୟୋଗ ଓ ଅନ୍ୟ ସଂସ୍ଥାନ | ୯ ପଇସା |
| ପ୍ରତିରକ୍ଷା | ୮ ପଇସା |
| ଅନ୍ୟାନ୍ୟ ଖର୍ଚ୍ଚ | ୮ ପଇସା |

**'ନୂଆ-ଓ' କାର୍ଯ୍ୟକ୍ରମରେ ଭବିଷ୍ୟ ପିଢ଼ିଙ୍କୁ ପାଣ୍ଡିଆନଙ୍କ ପରାମର୍ଶ**

# ପିତାମାତାଙ୍କ ସ୍ୱପ୍ନକୁ ସାକାର ପାଇଁ ପଣ କର

- ଗଞ୍ଜାମ ମାଟିରୁ ସୃଷ୍ଟି ହୋଇଛନ୍ତି ନାସା ବୈଜ୍ଞାନିକ
- ତେଜସ୍ ପ୍ରସ୍ତୁତକାରୀ ବୈଜ୍ଞାନିକ ଗଞ୍ଜାମ ମାଟିର ପୁଅ
- ଗଞ୍ଜାମର ସରକାରୀ ସ୍କୁଲର ସୃଷ୍ଟି ହୋଇଛନ୍ତି ଆଇଏଏସ୍
- ଫେବ୍ରୁଆରୀରେ ଶେଷ ହେବ ୧୫୬ କଲେଜ ରୂପାନ୍ତରଣ



■ **ଭୁବନେଶ୍ୱର, ୩୦।୧ (ସମିସ):** ଆପଣଙ୍କ ସୁନ୍ଦର ଭବିଷ୍ୟତ କେବଳ ଆପଣମାନଙ୍କର ନୁହେଁ। ଏହା ପଛରେ ରହିଛି ଆପଣଙ୍କ ପିତାମାତାଙ୍କ ତ୍ୟାଗ। ତେଣୁ ସର୍ବଦା ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗୁରୁଜନଙ୍କ ସମ୍ମାନ କର। ସେମାନଙ୍କ ନିର୍ଦ୍ଦେଶର ଅନୁପାଳନ କରିବାରେ କଦାପି ଅବହେଳା କର ନାହିଁ। ତେବେ ଯାଇ ଜୀବନରେ ସଫଳତା ମିଳିବ। ଆଜି ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ହଜାର ହଜାର ସଂଖ୍ୟାରେ ସମବେତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ପାଣ୍ଡିଆନ କହିଛନ୍ତି ଯେ ଏହି ଗଞ୍ଜାମ ମାଟିରୁ ବହୁ ସ୍ୱନାମଧନ୍ୟ ବ୍ୟକ୍ତି ସୃଷ୍ଟି ହୋଇଛନ୍ତି। ସେମାନେ ସରକାରୀ କଲେଜରେ ପାଠ ପଢ଼ି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିପାରିଛନ୍ତି। ଆମେରିକାର ନ୍ୟୁୟର୍କରେ କଗନିଜାଣ୍ଟ କମ୍ପାନୀର ସିଇଓ ରବି କୁମାର ଏସ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିଥିଲେ। ନାସାରେ ବୈଜ୍ଞାନିକ ଥିବା ଡ଼ କୈଳାଶ ଚନ୍ଦ୍ର ସାହୁ ଓ ତେଜସ୍ ଏୟାରକ୍ରାଫ୍ଟ ଡିଜାଇନ୍ କରିଥିବା କୋଟା ହରିନାରାୟଣ ସମସ୍ତେ ଏହି ଗଞ୍ଜାମ ମାଟିର ସନ୍ତାନ। ସେମାନେ ଏଠିକାର କଲେଜରେ ପାଠ ପଢ଼ିଛନ୍ତି। ସେହିପରି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବରିଷ୍ଠ ବୈଜ୍ଞାନିକ ନାଗ ଭୂଷଣ ଆଚାର୍ଯ୍ୟ, କମନୱେଲଥ୍ ଗେମ୍‌ସ୍‌ରେ ସ୍ୱର୍ଣ୍ଣପଦକ ଜିତି ଥିବା କେ ରବି କୁମାରଙ୍କ ଭଳି ଅନନ୍ୟ ବ୍ୟକ୍ତିତ୍ୱ ଏହି ଠାରୁ ବାହାରିଛନ୍ତି। ସେମାନେ ମଧ୍ୟ ସ୍ଥାନୀୟ ସରକାରୀ ସ୍କୁଲରେ ପାଠ ପଢ଼ିଛନ୍ତି। ▶ପୃଷ୍ଠା-୧୦

◆ ବିଧାନସଭା ଅଧିବେଶନ ୫ରୁ

# ୪ ତାରିଖ ସନ୍ଧ୍ୟାରେ ସର୍ବଦଳୀୟ ବୈଠକ

■ **ଭୁବନେଶ୍ୱର, ୩୦।୧ (ସମିସ):** ଆସନ୍ତା ୫ ତାରିଖରୁ ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଅର୍ଥାତ୍ ବଜେଟ ଅଧିବେଶନ ଆରମ୍ଭ ହେବ। ମାତ୍ର ୭ଟି କାର୍ଯ୍ୟଦିବସ ଅବଧି ବିଶିଷ୍ଟ ଏହି ବଜେଟ ଅଧିବେଶନ କିପରି ସୁରୁଖୁରୁରେ



**୪ରେ ବିଜେପି ଓ କଂଗ୍ରେସ, ୫ରେ ବିଜେଡି ବିଧାୟକ ଦଳ ବୈଠକ**

ଚାଲିବ ସେଥିପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଆସନ୍ତା ୪ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ବାଚସ୍ପତିଙ୍କ ଅଧକ୍ଷତାରେ ବିଧାନସଭାରେ ଏହି ସର୍ବଦୀୟ ବୈଠକ ଅନୁଷ୍ଠିତ ହେବ।

ସେହିପରି ଶାସକ ବିଜେଡି ସମେତ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ନିଜ ନିଜର ବିଧାୟକ ଦଳ ବୈଠକ ନେଇ ସମୟ ଚୂଡ଼ାନ୍ତ କରିଛନ୍ତି। ବିଜେଡି ବିଧାୟକ ଦଳ ବୈଠକ ୫ ତାରିଖ ସକାଳ ୧୦ଟା ୧୫ ମିନିଟରେ ଅନୁଷ୍ଠିତ ▶ପୃଷ୍ଠା-୧୦

**ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉଦ୍‌ଯାପିତ**

# ଚାଷୀ ଓଡ଼ିଶାର ଶକ୍ତି: ମୁଖ୍ୟମନ୍ତ୍ରୀ

- ଜଳ ସଂରକ୍ଷଣ ଓ ପୁନଃବ୍ୟବହାର ପାଇଁ କୃଷକଙ୍କୁ ପରାମର୍ଶ
- ରାଜ୍ୟରେ ଗଠନ ହେଲାଣି ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ
- କମାଣ୍ଡ ଏରିଆ ବିକାଶ ପାଇଁ ହେଉଛି ୬୦୦ କୋଟି ଟଙ୍କା ଖର୍ଚ୍ଚ
- ଶ୍ରେଷ୍ଠ ପାଣି ପଞ୍ଚାୟତ, ଶ୍ରେଷ୍ଠ କୃଷକ, ଛାତ୍ରଛାତ୍ରୀଙ୍କୁ ପୁରସ୍କାର

■ **ଭୁବନେଶ୍ୱର, ୩୦।୧(ସମିସ):** ପାଣି ପଞ୍ଚାୟତ ଆମ ଚାଷୀ ଭାଇଭଉଣୀମାନଙ୍କୁ ପାଣି ଉପରେ ଅଧିକାର ଦେଇଛି। ଏହାର ସୁବିନିଯୋଗ ପାଇଁ ଦାୟିତ୍ୱ ମଧ୍ୟ ଦେଇଛି। ପାଣି ପଞ୍ଚାୟତ ଦ୍ୱାରା ସେମାନେ ପାଣିର ସଠିକ୍ ଉପଯୋଗ କରିବା ସହିତ ଏକାଠି ହୋଇ କାମ କରିବାର ଇଚ୍ଛା ଶକ୍ତି ଓ ଦକ୍ଷତା ମଧ୍ୟ ବଢ଼ିଛି। ପାଣି ପଞ୍ଚାୟତର ସୁବିନିଯୋଗରେ ଆଜି ରାଜ୍ୟର ଚାଷୀମାନେ ଭଲ ଫସଲ କରିପାରୁଛନ୍ତି ଓଡ଼ିଶାରେ ପ୍ରାୟ ୪୦ ହଜାର ପାଣି ପଞ୍ଚାୟତ ଗଠନ ହେଲାଣି। ଏବେ ଏହା ଆଉ ଏକ କାର୍ଯ୍ୟକ୍ରମ ନୁହେଁ, ଆନ୍ଦୋଳନରେ ପରିଣତ ହୋଇପାରିଛି। ଏଥିରେ ମେଗା ଲିଫ୍ଟକୁ ସାମିଲ କରାଯାଇଛି ଓ ମା'ମାନେ ଯେପରି ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ପାଣି ପଞ୍ଚାୟତରେ ମା'ମାନେ ବହୁତ ଭଲ କାମ କରୁଛନ୍ତି ବୋଲି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ସମାରୋହରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ▶ପୃଷ୍ଠା-୧୦






**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୩ରୁ**

# ସମ୍ମାନିତ ହେବେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀ ମହିଳା



■ **ଭୁବନେଶ୍ୱର, ୩୦।୧ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭଳି ଐତିହାସିକ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜର ପାରଦର୍ଶିତା ରଖିଥିବା ମହିଳାମାନଙ୍କୁ ସମ୍ମାନିତ କରାଯିବ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଭାଷାବିତ ଓ ସାହିତ୍ୟିକମାନଙ୍କ ସହ ଲୋକସେବା ଭବନ କନଭେନସନ ସେଣ୍ଟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ଏହି ସୂଚନା ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତ ଭାଷାବିତ ମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଉଲ୍ଲେଖ କରି ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା




**ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା**

**ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ: ସୁଜାତା**

ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସୁଜାତା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଆ ଭାଷାର ପ୍ରାଚୀନତା, ପ୍ରାସଙ୍ଗିକତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏହି ସମ୍ମିଳନୀରେ ବିଚାର ବିମର୍ଶ ହେବ ବୋଲି ଶ୍ରୀ ବାଲକ୍ରିଷ୍ଣନ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ ହେଉଥିବାରୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଉକ୍ତ ବୈଠକରେ ସାହିତ୍ୟିକ, ଭାଷାବିତ, ନୃତ୍ୟବିତ ଏବଂ ଭାଷାନୁରାଗୀ ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଅକ୍ଷରକୁ ନେଇ ଝୋଟି ପକାଇବା, ପ୍ରାଚୀନ ▶ପୃଷ୍ଠା-୧୦

## ୪୬୪ କିଲୋ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର୍

**ନନ୍ଦପୁର, ୩୦ା୧(ସମିସ):** ପାଡୁଆ ପୁଲିସ୍ ଦ୍ୱାରା ଡୁମୁରିଗୁଡ଼ା ନିକଟ ଜଙ୍ଗଲରୁ ୪୬୪ କିଲୋ ଗଞ୍ଜେଇଜବତ କରାଯାଇଥିବାବେଳେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ବାହାର ରାଜ୍ୟକୁ ଚାଲାଣ ନିମନ୍ତେ ଡୁମୁରିଗୁଡ଼ା ନିକଟ ଜଙ୍ଗଲରେ କେହି ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ରଖିଥିବା ସୂଚନା ନନ୍ଦପୁର ଏସଡିପିଓ ଶ୍ରୀମହାପାତ୍ରଙ୍କ ହସ୍ତଗତ ହୋଇଥିଲା। ତାଙ୍କରି ନିର୍ଦ୍ଦେଶରେ ପଟ୍ରୋଲିଂ କରୁଥିବା ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋଇ, ସବଇନ୍ସପେକ୍ଟର ଦୀପକ କୁମାର ବାରିକଙ୍କ ସମେତ ପୁଲିସ ଓ ଆଇଆରବି ଯୱାନ ଉକ୍ତ ଜଙ୍ଗଲରେ ଚଢଉ କରି ଗଞ୍ଜେଇ ଜବତ କରିଥିଲେ। ତେବେ ଚୋରା ଗଞ୍ଜେଇ ମାଫିଆ କୌଶଳକ୍ରମେ ଜଙ୍ଗଲ ଭିତରକୁ ଖସି ପଳାଇଥିବା ଜଣା ପଡ଼ିଛି। ଜବତ ଗଞ୍ଜେଇ ଥାନାକୁ ନେଇ ଓଜନ କରିବା ପରେ ଜରି ଅଖା ଗୁଡ଼ିକ ମୋଟ ୪୬୪ କିଲୋ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ପାଡୁଆ ଥାନା ସବଇନସପେକ୍ଟର ଏଚ୍. ବେହେରା ତଦନ୍ତ କରୁଥିବା ଏସଡିପିଓ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ଗଞ୍ଜେଇ ଚାଲାଣ ମାମଲାରେ ୪ ନିର୍ଦ୍ଦୋଷରେ ଖଲାସ



**ଗୁଣୁପୁର,୩୦ା୧(ସମିସ):** ଗୁଣପୁର ଏଡିଜେ କୋର୍ଟରେ ଦୁଇ ଦିନ ମଧ୍ୟରେ ଦୁଇଟି ଗଞ୍ଜେଇ ଚାଲାଣ ମାମଲାର ରାୟ ପ୍ରକାଶ ପାଇଛି। ୨ଟି ମାମଲାରେ ୪ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏଥି ସହ ମାମଲା ଗୁଡ଼ିକର ସଠିକ ତଦନ୍ତ ହୋଇନଥିବା ମଧ୍ୟ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଆଜି ପ୍ରକାଶ ପାଇଥିବା ରାୟରେ ହରିୟାଣା ରାଜ୍ୟର ୩ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୂଚନାନୁଯାୟୀ, ୨୦୨୨ ମାର୍ଚ୍ଚ ୧୧ ତାରିଖରେ ହରିୟାଣାର ୩ ଜଣ ସାବିର ହୁସନ, ହରିସ ଖାନ ଓ ସାଉନ ଖାନ ପଦ୍ମପୁର ଥାନା କେନ୍ଦୁଗୁଡ଼ା ଅଞ୍ଚଳରୁ ଟ୍ରକରେ ଗଞ୍ଜେଇ ନେଇ ଯାଉଥିଲେ। ସେହି ଦିନ ଦାଗୁଡ଼ି ଛକଠାରେ ପଦ୍ମପୁର ପୁଲିସ ଚଢ଼ଉ କରି ଗଞ୍ଜେଇ ସହ ସେମାନଙ୍କୁ ଗିରଫ କରି ଗୁଣୁପୁର ଏସଡିଜେମଙ୍କ କୋର୍ଟକୁ ଚାଲାଣ କରିଥିଲେ। ପଦ୍ମପୁର ପୁଲିସ ଏଏସଆଇ ଅରୁଣ କୁମା ପାତ୍ରଙ୍କ ଅଭିଯୋଗ କ୍ରମେ ଏତଲା ରୁଜୁ ହୋଇଥିଲା। ଏହାପରେ ଏହି ମାମଲାର ବିଚାରଣା ଗୁଣୁପୁର ଏଡିଜେ କୋର୍ଟରେ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ରାୟ ଶୁଣାଇଥିଲେ। ସାକ୍ଷ୍ୟ ପ୍ରମାଣ ଅଭାବ ସହ ଗଞ୍ଜେଇ ତଥା ଏନଡିପିଏସ୍ ଦଫାରେ ମାମଲାର ସଠିକ ତଦନ୍ତ ହୋଇନାହିଁ। ତେଣୁ ଅଭିଯୁକ୍ତମାନଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବା ସୂଚନା ମିଳିଛି। ସେହିପରି ସାକ୍ଷ୍ୟ ପ୍ରମାଣ ଅଭାବ ସହ ଠିକ୍ ଭାବେ ତଦନ୍ତ ହୋଇପାରି ନ ଥିବାରୁ ପଦ୍ମପୁରର କାହ୍ନୁ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୨୨ ମାର୍ଚ୍ଚ ୩ ତାରିଖ ଦିନ କେନ୍ଦୁଗୁଡ଼ା ପାଣ୍ଠି ଅଧୀନ ଡକରମା ଅଞ୍ଚଳରେ ଏକ ପିକ୍ଅପ୍ ଗାଡ଼ିରେ ଗଞ୍ଜେଇ ଚାଲାଣ କରିଥିବା ବେଳେ ପଦ୍ମପୁର ପୁଲିସ ଚଢ଼ଉ କରି ଗାଡ଼ି ଜବତ କରିବା ସହ କାହ୍ନୁଙ୍କୁ ଗିରଫ କରିଥିଲା। ପଦ୍ମପୁର ପୁଲିସ ଏଏସ୍ଆଇ କିଶୋର ବେହେରାଙ୍କ ଅଭିଯୋଗ କ୍ରମେ କାହ୍ନୁଙ୍କୁ ଗିରଫ କରି ଗୁଣୁପୁର ଏସଡିଜେଏମ କୋର୍ଟ ଚାଲାଣ କରିଥିଲା।






### ମଦମୁକ୍ତି ଅଭିଯାନରେ ସାମିଲ ହେଲେ ମହିଳା

# ତାତିଲେ ଆଉ ମଦ ହାଣ୍ଡି ଭାଙ୍ଗିଲେ

**ତେନ୍ତୁଳିଖୁଣ୍ଟି, ୩୦ା୧(ସମିସ)**



ମଦ ବନ୍ଦ ନ ହେବାରୁ ତାତିଲେ ମହିଳା। ମଦ ମୁକ୍ତି ଅଭିଯାନରେ ନିଜକୁ ସାମିଲ କରିବା ସହ ଗାଁରେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମହିଳାମାନେ ଅଣ୍ଟା ଭିଡିଲେ। ପୁଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ନ ଶୁଣିବାରୁ ଶେଷରେ ମଦ ହାଣ୍ଡିକୁ ଉତ୍ୟକ୍ତ ଗ୍ରାମର ମହିଳାମାନେ ଭାଙ୍ଗିଛନ୍ତି। ଏଭଳି ଦୃଶ୍ୟ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ପଞ୍ଚାୟତ ଅନ୍ତର୍ଗତ ଲକଡିପୋଲା ଗ୍ରାମରେ ଦେଖିବାକୁ ମିଳିଛି। ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଗ୍ରାମରେ ମଦ ହାଣ୍ଡି ଭଙ୍ଗା ଅଭିଯାନରେ ମହିଳାମାନେ ବାହାରି ଶହ ଶହ ଲିଟର ମଦ ପୋଚ ଓ ରନ୍ଧା ମଦ ନଷ୍ଟ କରିଛନ୍ତି। ମହିଳାମାନଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଲକଡି ପୋଲା ଗ୍ରାମରେ ବ୍ୟାପକ ମାତ୍ରାରେ ମଦ କାରବାର ଚାଲୁଥିବା ବେଳେ ଗାଁର ପ୍ରାୟ ଆଠଟି ଘରେ ମଦ ବିକ୍ରୟ ହେଉଛି। ଫଳରେ ଗ୍ରାମର ପୁରୁଷ ଏବଂ ଯୁବକମାନେ ମଦ୍ୟପାନ କରି କୌଣସି କାମ ଧନ୍ଦା କରୁନାହାନ୍ତି। ଏପରିକି ପ୍ରାପ୍ତବୟସ୍କର ପିଲାମାନେ ମଧ୍ୟ ମଦ୍ୟପାନ କରି ସେମାନଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି। ଗ୍ରାମର ମଦ ବିକ୍ରେତାମାନଙ୍କୁ ମହିଳାମାନେ ବାରମ୍ବାର ତାଗିଦ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏହାପରେ ଗ୍ରାମର ମହିଳାମାନେ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରି ଗତ ୨୮ ତାରିଖ ଦିନ ମଦ ବନ୍ଦ ଅଭିଯାନରେ ବାହାରି ଗ୍ରାମର ବହୁ ମଦ ବ୍ୟବସାୟୀଙ୍କ ଘରେ ଚଢ଼ଉ କରି ବ୍ୟାପକ ମହୁଲ ପୋଚ ଏବଂ ରନ୍ଧା ଦେଶୀ ମଦ ନଷ୍ଟ କରିଥିଲେ। ଖବର ପାଇ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଲ ଏକ ପୁଲିସ ଟିମ୍ ସହ ଲକଡି ପୋଲା ଗ୍ରାମରେ ପହଞ୍ଚି ମହିଳାମାନଙ୍କୁ ସହଯୋଗ କରିବା ସହ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ଏହାପରେ ମଧ୍ୟ ଗ୍ରାମର ମଦ ମାଫିଆ ମାନେ ମଦ ବ୍ୟବସାୟକୁ ବନ୍ଦ କରିନଥିଲେ। ଫଳରେ ମହିଳାମାନେ ଗ୍ରାମର ୭ ଜଣଙ୍କ ଘରେ ଚଢ଼ଉ କରିଥିଲେ। ଅନ୍ୟପଟେ ମହିଳାମାନେ ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯାଏ ତେବେ ମହିଳାମାନେ ହିଁ ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ପଦକ୍ଷେପ ନେବେ। ଏହି ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ପ୍ରଶାସନ ଦାୟୀ ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ବ୍ୟାପକ ପରିମାଣର ଗଞ୍ଜେଇ ଗଛ ନଷ୍ଟ

**ଚିତ୍ରକୋଣ୍ଡା,୩୦ା୧(ସମିସ)**



ଗଞ୍ଜେଇ ଅମଳ ପୂର୍ବରୁ ତତ୍ପରତା ଦେଖାଉଛି ମାଲକାନଗିରି ଜିଲ୍ଲା ପୁଲିସ। ଚିତ୍ରକୋଣ୍ଡା ପୁଲିସ, ଅବକାରୀ ବିଭାଗ ଓ ଡିଭିଏଫର ମିଳିତ ଚଢ଼ଉରେ ବ୍ଲକ ସ୍ୱାଭିମାନ ଅଞ୍ଚଳର ବଡ଼ପଦର ପଞ୍ଚାୟତର ଲିମାଲୋର ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ସୂଚନାନୁଯାୟୀ, ବଡ଼ପଦର ପଞ୍ଚାୟତ ଅନ୍ତର୍ଗତ ଲିମାଲୋର ଗ୍ରାମରେ ବେଆଇନ ଭାବେ ୧୮ ଏକର ଜମିରେ ଚାଷ କରାଯାଇଥିବା ପ୍ରାୟ ୪୦,୦୦୦ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି ମାଲକାନଗିରି ଜିଲ୍ଲା ପୁଲିସ। ଆଉ କିଛି ଦିନ ଗଲେ ଗଞ୍ଜେଇ ଅମଳ ହୋଇଥାନ୍ତା। ଏହା ପୂର୍ବରୁ ଗଞ୍ଜେଇ ଚାଷକୁ ମୂଳ ପୋଛ କରିବାକୁ ଗତ କିଛିଦିନ ହେବ ଅଭିଯାନ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ, ପୁଲିସ ବିଭାଗ ଓ ଅବକାରୀ ବିଭାଗ। ଆଜି ଚିତ୍ରକୋଣ୍ଡା ଆଇଆଇସି ମୁକୁନ୍ଦ ମେଲେକାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ପୁଲିସ, ମାଲକାନଗିରି ଅବକାରୀ ବିଭାଗ, ଡିଭିଏଫ ଟିମ୍ ପକ୍ଷରୁ ବଡ଼ପଦର ଅଞ୍ଚଳରେ ଚଢ଼ଉ କରି ଗଞ୍ଜେଇ ଗଛ ଗୁଡିକୁ ନଷ୍ଟ କରାଯାଇଥିବା ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ମଧ୍ୟ ଏହିପରି ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟ ଭାବରେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀ ନାଗରିକ ମଞ୍ଚର ଆନ୍ଦୋଳନ ଘୁଞ୍ଚିଲା

**ତେନ୍ତୁଳିଖୁଣ୍ଟି,୩୦ା୧(ସମିସ):** ଇନ୍ଦ୍ରାବତୀ ନାଗରିକ ମଞ୍ଚ ଦଫା ୧୦ ଦାବି ପୂରଣ ପାଇଁ ୨୮ ତାରିଖ ପରେ ରାଜରାସ୍ତାକୁ ଓହ୍ଲାଇବା ନିଷ୍ପତ୍ତି ନେଇଥିଲେ। ୩୦ ଜାନୁଆରୀରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତିକୁ ଆଜି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୀମାଦ୍ରି ନାରାୟଣ ପୃଷ୍ଟିଙ୍କ ସହ ଆଲୋଚନା ଓ ନିର୍ଦ୍ଧାରିତ ଅବଧିରେ ସରକାରୀ କାର୍ଯ୍ୟ ଦିବସ ଦୁଇରୁ ଚାରିଦିନ ମିଳିଥିବାରୁ ଅଧିକୃତ ଅଧିକାରୀଙ୍କଠାରୁ ଉତ୍ତର ଆସିପାରିନି ବୋଲି କହିଥିଲେ। ଏହାସହ ୩୦ ତାରିଖରେ ବିଜେପି ଯୁବ ମୋର୍ଚ୍ଚାର ଜିଲ୍ଲା ବନ୍ଦ ଡାକରା ରହିଛି। ଇନ୍ଦ୍ରାବତୀ ଅଞ୍ଚଳର ୧୦ଦଫା ଦାବି କୌଣସି ଦଳୀୟ ପ୍ରସଙ୍ଗ ନ କରି ଆଞ୍ଚଳିକ ପ୍ରସଙ୍ଗ ଭାବେ ଦାବି କରି ଏହାକୁ ହାସଲ କରିବା ଉଦ୍ଦେଶ୍ୟ ରହିଛି। ଏଣୁ ପ୍ରସ୍ତାବିତ ଆନ୍ଦୋଳନକୁ ତାରିଖ ପୁନଃ ନିର୍ଦ୍ଧାରଣ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଇନ୍ଦ୍ରାବତୀ ନାଗରିକ ମଞ୍ଚ ନିଷ୍ପତ୍ତି ନେଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ



**କୋରୁକୋଣ୍ଡା, ୩୦ା୧(ସମିସ):** ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଗୁଡିକ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ମଙ୍ଗଳବାର ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ଗ୍ରାମ ପଞ୍ଚାୟତ ପରିସରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ଯୋଜନା ଗୁଡିକ ବିଷୟରେ ଅବଗତ କରାଇଥିଲା। ପଞ୍ଚାୟତ ପରିସରରେ ବିଭିନ୍ନ ବିଭାଗ ମାଧ୍ୟମରେ ଜନସାଧାରଣଙ୍କ ହିତକାରୀ ଯୋଜନା ଗୁଡିକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରିବା ସହିତ ସ୍ଥାନୀୟ ଜନସାଧାରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଦଇମତି ପଡ଼ିଆମୀ, ସମିତି ସଭ୍ୟା ମାନସିକ ପଡ଼ିଆମୀ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ସାଂସଦଙ୍କ ପ୍ରତିନିଧି ମଦନ ଖୋସାଲା, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଜଗନ୍ନାଥ ସଂସ୍କୃତି, ସ୍କୁଲ ରୂପାନ୍ତରଣ କ୍ରୀଡା ଭିତ୍ତିଭୂମି ବିକାଶ, ମହିଳା ସଶକ୍ତିକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ବସ, ଆମ ବ୍ୟାଙ୍କ ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପସ୍ଥିତ ଜନ ସାଧାରଣଙ୍କୁ ଅତିଥିମାନେ ବିସ୍ତୃତ ଭାବେ ସଚେତନ କରାଇଥିଲେ। ସେହିପରି ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ପୋଟ୍ରେଲ ଗ୍ରାମ ପଞ୍ଚାୟତ ରେ ୧୧ଗୋଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ପାଇଥିବା ବେଳେ, ପଞ୍ଚାୟତର ୧୭୪୦ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୯୯ହିତାଧିକାରୀ ଉପକୃତ ହୋଇଛନ୍ତି। ପୋଟ୍ରେଲ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏକ ପୁସ୍ତକ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ଅଧିକାରୀ ସିମାଞ୍ଚଳ ପାଣିଗ୍ରାହୀଙ୍କ ସମେତ କୋରୁକୋଣ୍ଡା ପଞ୍ଚାୟତ ସମିତି ସମସ୍ତ ଅଧିକାରୀ, ମିଶନ ଶକ୍ତିର ମା', ସ୍ୱାସ୍ଥ୍ୟକର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

# ଦେଶିଆ ଢେମସା ନୃତ୍ୟରେ ଦୁଲୁକିଲା ମଞ୍ଚ






**ମୁନିଗୁଡ଼ା,୩୦ା୧(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋବିନ୍ଦ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜୋନ୍ କଲ୍ୟାଣ ବିଭାଗ ଶିକ୍ଷା ମଣ୍ଡଳ ଅଧିକାରୀ ଶ୍ୟାମଘନ ଭୂୟାଁ ଯୋଗଦେଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଫଳତା ବାବଦରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ରାୟଗଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ରାୟଗଡ଼ା ଜିଲ୍ଲାମଙ୍ଗଳ ବିଭାଗ ଶିକ୍ଷକ ସଂଘ ସଭାପତି ମନୋଜ ଗମାଙ୍ଗ, ଅମ୍ବାଭଟା ସରପଞ୍ଚ ଗୁରୁବାରି ଭୋଇ, ମୁନିଗୁଡ଼ା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସିମାଞ୍ଚଳ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯୁକ୍ତ ଦୁଇର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଗଣ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଢେମଶା ନୃତ୍ୟଗୀତରେ ମଞ୍ଚ ଦୁଲୁକିଥିଲା। ଏହି କାର୍ଯ୍ୟକ୍ରମକୁ ସୁନ୍ଦର କରିବା ପାଇଁ ବିଦ୍ୟାଳୟର ଶିକ୍ଷକ ବିବେକାନନ୍ଦ ନନ୍ଦ, କୋଟେଶ୍ୱର ବେହେରା, କେ.କୃଷ୍ଣା ରାଜୁ, ସୁମନ୍ତ ପ୍ରଧାନ, ଅଶ୍ୱିନୀ ରାଇକା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିନୟ ପଣ୍ଡା, ଦେବବ୍ରତ ରାଉତ, ପୁଷ୍ପଲତା ଘଡ଼େଇଙ୍କ ସମେତ ବିଜ୍ଞାନ କଲେଜ ପିଜିଟି ହରିଚନ୍ଦନ ମିଶ୍ର ସୁନୀତା ମିଶ୍ର, ସୋନାଲି ମହାନ୍ତି, ସବିର କୁମାର ବେହେରା, ତପସ୍ୱିନୀ ନାୟକ, ସୁମିତ ସାହୁ, ପ୍ରଦୋଷ କୁମାର ଜାଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶିକ୍ଷକ କାମେଶ୍ୱର କରକରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

● ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

**ବୋରିଗୁମ୍ମା, ୩୦ା୧(ସମିସ):** କୋରାପୁଟ ଜିଲ୍ଲା ବି.ସିଂହପୁର ଥାନା ଅନ୍ତର୍ଗତ ମୁଦୁଲିଗୁଡା ନିକଟରେ ଦୁଇ ବାଇକ ମୁହାଁମୁହି ଧକ୍କା ହେବା ଫଳରେ ଲୁନା ଗାଡ଼ି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାଘଭଦ୍ରା ଗ୍ରାମର ମୁକୁନ୍ଦ ହରିଜନ ବୋଲି ଜଣାପଡ଼ିଛି। ଅନ୍ୟ ଗୁରୁତର ବାଇକ ଚାଳକ ମୁଣ୍ଡାଗୁଡା ଗ୍ରାମର ବାଲ୍ୟକୁ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ଏସଏଲଏନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏହାକୁ କେନ୍ଦ୍ରକରି ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ବେଣାଗୁର ଗ୍ରାମର ହନୁମାନ ସେନାର ଯୁବକମାନେ ଟାୟାର ଜାଳି ୩ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ବିସିଂହ ପୁର ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଜିଲ୍ଲା ପରିଷଦ ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ



**ନବରଙ୍ଗପୁର, ୩୦ା୧(ସମିସ):** ନବରଙ୍ଗପୁରର ନୂତନ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ବିରଞ୍ଚି ନାରାୟଣ ଦରୱାନ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଥିବା ଅନ୍ୟା ଦାସଙ୍କ ସୋନପୁର ଜିଲ୍ଲାପାଳ ଭାବେ ବଦଳି ପରେ ତାଙ୍କ ସ୍ଥାନରେ ଶ୍ରୀ ଦରୱାନ୍ ଯୋଗଦାନ କରିଛନ୍ତି। ଶ୍ରୀ ଦରୱାନ ପୂର୍ବରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦରୱାନଙ୍କ ଯୋଗଦାନ ସମୟରେ ନବରଙ୍ଗପୁର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ, ଓର୍ମାସ୍ ଡେପୁଟି ମୁଖ୍ୟ ନିର୍ବାହୀ ଅଧିକାରୀ ଆଲକା ଉମା ମହେଶ, ନବରଙ୍ଗପୁର ଜିଲ୍ଲା ପରିଷଦ ଡିଡବ୍ଲ୍ୟୁଏସଏମ ଶୁଭଶ୍ରୀ ଜେନା, ନବରଙ୍ଗପୁର ଜିଲ୍ଲା ପରିଷଦ ଆଇଟି ପ୍ରୋଗ୍ରାମ ମ୍ୟାନେଜର ରାଜେଶ ପଟ୍ଟନାୟକ, ଡିପିଏମ ମାଧୁରୀ ତ୍ରିପାଠୀ, ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତା କର, ସରସ୍ୱତୀ ମହାନ୍ତି, ହର୍ଶନନ୍ଦୁ ପ୍ରଧାନ, ନିକିତା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଜୟପୁର, ୩୦ା୧(ସମିସ):**



କୋରାପୁଟ ଜିଲ୍ଲା ଜୟପୁର ଜୟନଗର ସ୍ଥିତ ସମାଜକଲ୍ୟାଣ ବିଭାଗର ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପୁର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ମୁଖ୍ୟବକ୍ତା ଭାବେ ସିଆରସିସି ସଂଯୁକ୍ତା ରାଉତ, ସମ୍ମାନୀତ ଅତିଥି ପୌରସଂସ୍ଥାର ସ୍ଥାନୀୟ କାଉନସିଲର ଗୋପୀନାଥ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସହଶିକ୍ଷୟତ୍ରୀ ନୀଳିମା ଦାସ, ମହିମାୟୀ ମହାନ୍ତି, ପ୍ରମିଳା ଦଳେଇ, ତୁଳସା ଗାଦବା, ମେଟ୍ରନ ରିନିତା ରାଣୀ ପ୍ରଧାନ, ସିସିଏ ହୀରାମଣି ଗାଦବା, ଭବବତୀ ମାଝୀ, ସବିତା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

## ପଞ୍ଚମ ଦିନରେ ପୁରୀରୁ ଯୋଗଦେଲେ ଆଶୀର୍ବାଦ ମହାରାଜ



**ଦଶମନ୍ତପୁର,୩୦ା୧(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ସଦରମହକୁମାସ୍ଥିତ ତଳଗୌଡ଼ କଣ୍ଟାଗାଁ ନିକଟରେ ଥିବା ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ୫ମ ଦିନରେ ପହଞ୍ଚିଛି। ଏହି ଅବସରରେ ସନ୍ଧ୍ୟାରେ ପୁରୀରୁ ଆଶୀର୍ବାଦ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଭଗବତ୍ ଗୀତା ଉପରେ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ପଞ୍ଚମଦିନରେ ହୋମ ଯଜ୍ଞ, ବେଦ ମନ୍ତ୍ର ପାଠ ସହ ଚତୁର୍ଦ୍ଧାମୂର୍ତ୍ତି ଓ ପାର୍ଶ୍ୱଦେବତାଙ୍କୁ ରୀତିନୀତି ଅନୁଯାୟୀ ମହାସ୍ନାନ କରାଯାଇଥିଲା। ମଙ୍ଗଳବାର ପ୍ରାସାଦ ମହାସ୍ନାନ, ନିଦ୍ରାଧିବାସ, ଘୃତ ଯଜ୍ଞ ଏବଂ ସନ୍ଧ୍ୟା ଆଳତି ପରେ ଗୀତା ଯଜ୍ଞ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ୪ ହଜାରରୁ ଅଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ସୂଚନାଯୋଗ୍ୟ, ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ଅରୁଣ କୁମାର ରଥ ପୂଜାପାଠ କରୁଥିବାବେଳେ ସଭାପତି ନାରାୟଣ ବିଶୋଇ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ସମ୍ପାଦକ ବଂଶୀଧର ଖାଡ଼ଙ୍ଗା ଏବଂ ଅନ୍ୟ ସହଯୋଗୀ ଭାବେ ସୁରେଶ ସୁବୁଦ୍ଧି, କୁନୁ ବଣ୍ଡୁଆ, ଦୈତାରୀ ଦାସ, ଅରୁଣ ସାହୁ, ମୀନକେତନ ଗୌଡ଼, ସଦାଶିବ ଗୌଡ଼ ପ୍ରମୁଖ ସହଯୋଗ କରୁଛନ୍ତି। ପଞ୍ଚମ ଦିନର ସନ୍ଧ୍ୟାରେ ଦିଗପହଣ୍ଡି ହରିପ୍ରିୟା ଆଶ୍ରମରୁ ଯୋଗୀ ଦେବଦତ୍ତ ମହାରାଜଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସାଧୁସନ୍ଥଙ୍କର ଆଧ୍ୟାତ୍ମିକ ପ୍ରବଚନ ତଥା ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୁରୀର ଆଶୀର୍ବାଦ ମହାରାଜ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଗୀତା ଉପରେ ଆଲୋଚନା କରିଥିଲେ।




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00


### ସୁଲଭ ମୂଲ୍ୟରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା

## ପ୍ରଥମ ଥର ପିପିପି ମୋଡ୍‌ରେ ହେବ ୫ ଡାକ୍ତରଖାନା

■ **ଭୁବନେଶ୍ୱର, ୩୦।୧ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ୍ ନୀତି ଆଧାରରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପକ୍ଷରୁ ପ୍ରଥମ ଥର ପାଇଁ ପିପିପି ମୋଡ୍‌ରେ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯିବ। ବଡ଼ବିଲ, ଅନୁଗୁଳ, ଭଦ୍ରକ, ଝାରସୁଗୁଡ଼ା ଓ ଗୋପାଳପୁରରେ ସରକାରୀ ଘରୋଇ ଭାଗିଦାରୀ (ପିପିପି)ରେ ଏହି ଡାକ୍ତରଖାନାଗୁଡ଼ିକ ଆଗାମୀ ଦୁଇବର୍ଷ ମଧ୍ୟରେ

**■ ରୋଗୀ ଓ ସହାୟକଙ୍କ ପାଇଁ ମାଗଣାରେ ଖାଦ୍ୟ ବ୍ୟବସ୍ଥା**
**■ ବିଏସ୍‌କେୱାଇ ହିତାଧିକାରୀଙ୍କୁ ମିଳିବ ମାଗଣା ସ୍ୱାସ୍ଥ୍ୟସେବା**

କାର୍ଯ୍ୟକ୍ଷମ ହେବ। ଏଠାରେ ସବୁ ପ୍ରକାର ସେବା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ଆଉ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ସୂଚନା ଅନୁସାରେ ଭଦ୍ରକ ଓ ଝାରସୁଗୁଡ଼ାରେ ଡାକ୍ତରଖାନା ପ୍ରତିଷ୍ଠା ଓ ପରିଚାଳନା ପାଇଁ ଆରୋଗ୍ୟ କେୟାର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାବେଳେ ଗୋପାଳପୁରରେ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ। ସେହିପରି ବଡ଼ବିଲ୍ ଓ ଅନୁଗୁଳରେ ସିଲିକନ୍ ବିଶ୍ୱବିଦ୍ୟାଳୟ ପିପିପି ମୋଡ୍‌ରେ ଡାକ୍ତରଖାନା ପ୍ରତିଷ୍ଠା କରିବ। ସେଠାରେ ରୋଗୀ ଏବଂ ସହାୟକଙ୍କୁ ବିନା ମୂଲ୍ୟରେ ଖାଦ୍ୟ ମିଳିବ। ବଡ଼ କଥା ହେଉଛି ସରକାରୀ ଓ ଘରୋଇ ସଂସ୍ଥା ଉଦ୍ୟମରେ ପ୍ରତିଷ୍ଠା ହେବାକୁ ଥିବା ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବା ସହ ରୋଗୀଙ୍କ ୱାର୍ଡ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ୱାର୍ଡରେ ଥିବା ଶଯ୍ୟାକୁ ଆଇସିୟୁ ଶଯ୍ୟାରେ ପରିଣତ କରାଯିବା ନେଇ ମଧ୍ୟ ବ୍ୟବସ୍ଥା କରାଯିବ।

ଅପରପକ୍ଷେ ସମ୍ପୃକ୍ତ ଡାକ୍ତରଖାନାଗୁଡିକ କଟକ ଓ ଭୁବନେଶ୍ୱରରେ ଏବଂ ରାଜ୍ୟ ବାହାରେ ଥିବା କିଛି ସୁପରସ୍ପେଶାଲିଟି ହସ୍ପିଟାଲ ସହିତ ଅନୁବନ୍ଧିତ ହେବେ। ଯଦ୍ୱାରା ଜରୁରୀ ପରିସ୍ଥିତିରେ ଅନୁବନ୍ଧିତ ଡାକ୍ତରଖାନାରେ ସୁପରସ୍ପେଶାଲିଟି ଡାକ୍ତର ଅନ୍‌ଲାଇନ୍‌ରେ ଡାକ୍ତରମାନଙ୍କୁ ଚିକିତ୍ସାରେ ସହାୟତା କରିପାରିବେ। ଆବଶ୍ୟକ ହେଲେ ରୋଗୀଙ୍କୁ ସମ୍ପୃକ୍ତ ଅନୁବନ୍ଧିତ ସୁପରସ୍ପେଶାଲିଟି ହସ୍ପିଟାଲକୁ ରେଫର କରାଯିବ। ଏହି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ସହିତ ଶିକ୍ଷାଦାନ ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ହେବ। ସେଠାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ପାଠ୍ୟକ୍ରମ ପ୍ରଚଳନ କରାଯିବ।

ଏହି ଡାକ୍ତରଖାନାଗୁଡ଼ିକ ୨୦୦ ଶଯ୍ୟା ବିଶିଷ୍ଟ ରହିବ। ଏଥିସହ ୨୪ ଘଣ୍ଟିଆ ଟ୍ରମା କେୟାର ଚିକିତ୍ସା, ମଲ୍ଟି ସ୍ପେଶାଲିଟି, ସୁପରସ୍ପେଶାଲିଟି, ଓପିଡି, ଆଇପିଡି ସେବା ଉପଲବ୍ଧ ହେବ। ଅପରପକ୍ଷେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ସହିତ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ କ୍ୟାସଲେସ୍ ସୁବିଧା ଉପଲବ୍ଧ ହେବ। ଆବଶ୍ୟକସ୍ଥଳେ ସରକାରୀ ମେଡିକାଲ କଲେଜରୁ ଶିକ୍ଷା ସମାପ୍ତ କରୁଥିବା ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ସେଠାରେ ନିଯୁକ୍ତି ଦେବା ବ୍ୟବସ୍ଥା ହେବ। ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଜିଲ୍ଲାସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା କରୁଥିବା ବେଳେ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ଏବଂ ଅନ୍ୟ ବର୍ଗର ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ତଥାପି ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆହ୍ୱାନ ସୃଷ୍ଟି କରୁଛି। ଏହି ଅଭାବ ଦୂର ପାଇଁ ଘରୋଇ ସଂସ୍ଥା ସହାୟତାରେ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ସ୍ଥିତିରେ ପୂର୍ବାପେକ୍ଷା ଉଲ୍ଲେଖନୀୟ ଉନ୍ନତି ଆସିଥିଲେ ସୁଦ୍ଧା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରର ବଡ଼ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି 'ଓଡ଼ିଶା ଆଫୋର୍ଡେବଲ୍ ହେଲଥ୍ କେୟାର ପ୍ରୋଜେକ୍ଟ' ଅଧିନରେ ଘରୋଇ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ସୁଯୋଗ ସୃଷ୍ଟି କରିଛନ୍ତି।

## ଲିଙ୍ଗରାଜ କୁଷ୍ଠ କଲୋନୀ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୩୦।୧ (ସମିସ):** ପଳାଶପଲ୍ଲୀଠାରେ ନବନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନୀ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ବାସଗୃହ ଥିବାବେଳେ ୯୪ଜଣ ହିତାଧିକାରୀ ଉପକୃତ ହେବେ। ଏମାନଙ୍କ ରହିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବାବେଳେ ଏମାନେ ସମସ୍ତେ ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହୋଇଛନ୍ତି। ଏହାସହ ଏକ ମେଡ଼ିକାଲ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇ ସାଇକଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ଫଳରେ ସେମାନେ ସୁଖ ଓ ସୁସ୍ଥ ଜୀବନ ନିର୍ବାହ କରିପାରୁଛନ୍ତି।

**ଉପକୃତ ହେଲେ ୯୪ ହିତାଧିକାରୀ**

### ଲୋକକଥା



ନ'ରୁ ନବେକୁ ଛୁଇଁବା ପାଇଁ କି
ଗଣିତ କଷୁଛି 'ହାତ',
'ଫୁଲ' କହୁଅଛି ଗାଦିରେ ବସିବ
ଶାସକକୁ ଦେଇ ମାତ।
ଜନତା ତ ଦେବେ ମତ,
ସ୍ୱର୍ଗକୁ ନିଶୁଣି ବାନ୍ଧିଲେ କି ହେବ
ସବୁ ଦେଖେ ଜଗନ୍ନାଥ !!

## ଆଜି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

■ **ଭୁବନେଶ୍ୱର,୩୦।୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି (ବୁଧବାର) ପ୍ରାୟ ୬ ହଜାର ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜିଲ୍ଲା ଓ ବ୍ଲକସ୍ତରୀୟ ପୁରସ୍କାରକୁ ମିଶାଇ ସମୁଦାୟ ୫୪ ହଜାରରୁ ଅଧିକ ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ପ୍ରାୟ ୧୩୮ କୋଟି ଟଙ୍କା ଖର୍ଚ୍ଚ ହେଉଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଅଭିନବ ପଦକ୍ଷେପ ଗ୍ରହଣ

**■ ସମ୍ମାନିତ ହେବେ ୬ହଜାର ପ୍ରତିଭା**

କରାଯାଇଛି। ପ୍ରଥମଥର ଆୟୋଜିତ ହେଉଥିବା ଏପରି କାର୍ଯ୍ୟକ୍ରମ ଦେଶରେ ପ୍ରଥମ। ବ୍ୟକ୍ତିଗତ ଯୋଗଦାନଠାରୁ ଆରମ୍ଭ କରି ସାଂଗଠନିକ ଉଦ୍ୟମରେ ଶିକ୍ଷା କ୍ଷେତ୍ରକୁ ଅନନ୍ୟ ସୋପାନକୁ ନେଇଥିବା ଶ୍ରେଷ୍ଠମାନଙ୍କୁ ପୁରସ୍କୃତ କରିବା ପାଇଁ ବଛାଯାଇଛି। ବିଦ୍ୟାର୍ଥୀ, ପ୍ରଧାନଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି କମିଟି, ପଞ୍ଚାୟତ, ବ୍ଲକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ଜିଲ୍ଲା ମଧ୍ୟ ପୁରସ୍କୃତ ହେବାକୁ ମନୋନୀତ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ' ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

■ **ମାଲକାନଗିରି/ଜଳେଶ୍ୱର, ୩୦।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି। ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କର ମାଲକାନଗିରିସ୍ଥିତ ଭଡ଼ାଘର ସମେତ ଭୁବନେଶ୍ୱର ଓ ଜଳେଶ୍ୱର ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଶ୍ରୀ ମହାନ୍ତିଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଭିଜିଲାନ୍ସ ଚକିତ ହୋଇଛି। ଶ୍ରୀ ମହାନ୍ତିଙ୍କ ଜଳେଶ୍ୱର ଦେଉଳି ପଞ୍ଚାୟତରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ '୨-ବିଏଚ୍‌କେ' ଫ୍ଲାଟ୍, ଜଳେଶ୍ୱର ଟାଉନ୍‌ରେ ୧୪ଟି ପ୍ଲଟ୍ ସମେତ ଘରୁ ନଗଦ ୧ଲକ୍ଷ ୪୩ ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷର ଗୋଟିଏ ୪ ଚକିଆ ଏବଂ ଗୋଟିଏ ଦୁଇ ଚକିଆ ଯାନ ଠାବ କରାଯାଇଛି। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ ୮ ଲକ୍ଷ ଟଙ୍କା ଥିବା ବେଳେ ଘରର ଆସବାବପତ୍ର ମିଶି ୧୪.୧୮ ଲକ୍ଷ ଟଙ୍କା ହେବ। ଏସବୁର ଟିକିନିଖି ହିସାବ କରୁଛି ଭିଜିଲାନ୍ସ। ତାଙ୍କ ନାମରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆସନ୍ତାକାଲି ତାଙ୍କୁ ଡିଏ ମାମଲାରେ ଗିରଫ କରାଯିବ ବୋଲି ଜଣାଯାଇଛି। ଆଜିର ଏହି ଚଢ଼ଉରେ ଭିଜିଲାନ୍ସର ୭ଟି ଟିମ୍ ସାମିଲ୍ ହୋଇଥିଲେ।



**■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ**
**■ ଗୋଟିଏ ୩ତାଲା କୋଠା, ରାଜଧାନୀରେ ଫ୍ଲାଟ୍ ଠାବ**
**■ ୧୪ଟି ପ୍ଲଟ୍, ୧.୪୩ ଲକ୍ଷର ଟଙ୍କା ଜବତ**




## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ କୋଟପାଡ଼ରୁ ୪ ଶିକ୍ଷକ ମନୋନୀତ

**କୋଟପାଡ଼,୩୦।୧(ସମିସ):** ଚଳିତ ବର୍ଷ ରାଜ୍ୟ ସରକାରଙ୍କ ତରଫରୁ ଶିକ୍ଷକଙ୍କ ପ୍ରତିଭା ସମ୍ମାନ ନିମନ୍ତେ ନୂତନ କରି ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ କୋଟପାଡ଼ ବ୍ଲକର ୪ ଜଣ ଶିକ୍ଷକ ମନୋନୀତ ହୋଇଥିବା ଖବର ମିଳିଛି। ଖୁସିର କଥା ତନ୍ମଧ୍ୟରୁ ଦୁଇ ଜଣ ଶିକ୍ଷକ ନିଜ ବିଭାଗରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋଟପାଡ଼ର ହିନ୍ଦୀ ଶିକ୍ଷକ ରାଧାକାନ୍ତ ରାଉତ ହିନ୍ଦୀ ବିଭାଗରେ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବ୍ରହ୍ମଦତ୍ତ ମିଶ୍ର ବିଜ୍ଞାନ ବିଭାଗରେ କୋରାପୁଟ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି କୋଟପାଡ଼ ବ୍ଲକ୍ ନିମନ୍ତେ ଗୌରବ ଆଣିଛନ୍ତି। ଅନ୍ୟ ଦୁଇ ଶିକ୍ଷକ ହେଲେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୁମୁଡ଼ାର ତପନ କୁମାର ପରିଡ଼ା ସଂସ୍କୃତ ବିଭାଗରେ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରତିକାନ୍ତ ମହାନ୍ତି ବିଜ୍ଞାନ ବିଭାଗରେ ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ରାଶି ବାବଦରେ ୨୫ ହଜାର ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ।

## ଭିନ୍ନକ୍ଷମଙ୍କ ସହ ଗଣତନ୍ତ୍ର ଦିବସ ପାଳିତ

**କୋରାପୁଟ,୩୦।୧(ସମିସ):** ବିଭିନ୍ନ ସ୍ଥାନରେ ମହାଆଡ଼ମ୍ବର ସହକାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଥିବାବେଳେ ବରିଷ୍ଠ ସମାଜସେବୀ ଡମ୍ବରୁ ନାୟକ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଶ୍ରୀ ନାୟକ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟରେ ପହଞ୍ଚି ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ ଓ ମିଷ୍ଟାନ୍ନ ବଣ୍ଟନ କରିବା ସହ ଖାତା, କଲମ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରୀ ନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

## କିଶୋରୀ ମେଳା ଅନୁଷ୍ଠିତ

**ପାପଡ଼ାହାଣ୍ଡି,୩୦।୧(ସମିସ):** ପାପଡ଼ାହାଣ୍ଡି ବ୍ଲକ୍ ମୋକିୟା ପଞ୍ଚାୟତ ସଦର ଗ୍ରାମଠାରେ ସୋମବାର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗଜ୍ଜୀବନ ନାୟକ ଯୋଗଦେଇଥିଲେ। ମୋକିୟା ଖ' ଅଙ୍ଗନବାଡ଼ି କେନ୍ଦ୍ରଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଡେଙ୍ଗାଗୁଡ଼ା, ମୋକିୟା ଏବଂ ଶିରିସୀ ପଞ୍ଚାୟତର ୩୭ ଅଙ୍ଗନବାଡ଼ି କେନ୍ଦ୍ରରୁ ୩୫୦ କିଶୋରୀ ସାମିଲ ହୋଇଥିଲେ। କିଶୋରୀମାନଙ୍କର ପୋଷଣ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା, ସମ୍ପୂର୍ଣ୍ଣ ପୁଷ୍ଟି ଏବଂ ସମ୍ମାନ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ଶ୍ରୀ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀଙ୍କ ହିମୋଗ୍ଲୋବିନ, ଉଚ୍ଚତା, ଓଜନ କରାଯାଇ ସେମାନଙ୍କୁ କିଭଳି ଭାବେ ସୁସ୍ଥ ରହିବେ ସେନେଇ ସଚେତନ କରାଇବା ବୋଲି ସୁପରଭାଇଜର ତୃଷ୍ଣା ବିଦ୍ୟା ନାୟକ, ଭକ୍ତି ପୁଷ୍ପା ସାହୁ ସୂଚନା ଦେଇଛନ୍ତି। ମୋକିୟା ସିଏଚସିର ନର୍ସ ଶୁଭସ୍ମିତା ସାହୁ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାପଡ଼ାହାଣ୍ଡି ସିଡିପିଓ ଏସ୍. ଗୀତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଶୋରୀଙ୍କୁ ନେଇ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। କିଶୋରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାପଡ଼ାହାଣ୍ଡି ଶିକ୍ଷକଙ୍କ ବନ୍ଧୁମିଳନ



**ପାପଡ଼ାହାଣ୍ଡି,୩୦।୧(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ୨୦୦୬ ବ୍ୟାଚର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ବ୍ଲକର ଜାମ୍ବୁଗୁଡ଼ାଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୬୫ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ଦିବଙ୍ଗତ ୪ ଜଣ ଶିକ୍ଷକ ବିଜୟ କୁମାର ସତାନାମୀ, ଦୁଷ୍ମନ୍ତ ମାଝୀ, ରମେଶ ଡ଼ଙ୍ଗରି ଓ ତୁଶିର ନାୟକଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତେ ନିଜ ଜୀବନରେ କଟି ଯାଇଥିବା କର୍ମମୟ ଜୀବନର ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜଗନ୍ନାଥ ବେହେରା, ପବିତ୍ରମୋହନ ମାଝୀ, ଅଜିତ କୁମାର ମଣ୍ଡଳ ଓ ଶିକ୍ଷକ ମନୋଜ କୁମାର ମାଝୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶାନ୍ତି ନଗରକୁ ସରକାରୀ ରେକର୍ଡରେ ଅନ୍ତର୍ଭୁକ୍ତ କରିବାକୁ ଦାବି




**ଲକ୍ଷ୍ମୀପୁର, ୩୦।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ କିଛି ଦିନ ତଳେ ନୂତନ ଭାବେ ନାମକରଣ ହୋଇଥିବା ଶାନ୍ତି ନଗରକୁ ସରକାରୀ ରେକର୍ଡ଼ରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛନ୍ତି ସାହିବାସିନ୍ଦା। ଏନେଇ ଲିଖିତ ଭାବେ ଲକ୍ଷ୍ମୀପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ତଥା ବ୍ଲକ, ତହସିଲ, ଓଏମସି କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସରକାରୀ ହିସାବରେ ଏହି ସାହିକୁ ରାସ୍ତା, ପାନୀୟ ଜଳ, ଷ୍ଟ୍ରିଟ ଲାଇଟ୍, ଅଙ୍ଗନବାଡ଼ି, ଆବର୍ଜନା କୁଣ୍ଡ ଭଳି ମୌଳିକ ସୁବିଧା ଯୋଗାଇବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସେମାନେ ଉଲ୍ଲେଖ କରିଛନ୍ତି। ଏହାକୁ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ଗୁରେଶ୍ୱର ଭୋଇ, ତହସିଲଦାର ତପନ କୁମାର ନାୟକ କହିଛନ୍ତି। ଏହା ସହିତ ଓଏମସି, ବିଦ୍ୟୁତ ବିଭାଗର ଏସଡିଓ, ଡାକ କାର୍ଯ୍ୟାଳୟକୁ ମଧ୍ୟ ସାହିବାସିନ୍ଦା ଏନେଇ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହି ସମୟରେ ଶାନ୍ତି ନଗର ସଭାପତି କୈଳାସ କୁଳେସିକା, ନିର୍ଦ୍ଦେଶକ ବିଭୂତି ଭୂଷଣ ଟାକିରି, ସଂପାଦକ କେଶବ ସଗରିଆ, ଯୁଗ୍ମ ବୁଲୁ ଖରା, ଖବର ସଂଯୋଜକ ଯୁଧିଷ୍ଠିର ବାଘ, ଗଙ୍ଗାଧର ଦାସ, ଗିରିଧର ଖରା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ନୂଆ-ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ନାରାୟଣପାଟଣା,୩୦।୧(ସମିସ):** ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଆନୁକୂଲ୍ୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନୁଷ୍ଠାନର ଅଧ୍ୟକ୍ଷ ତଥା ନୋଡାଲ ଅଫିସର ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଡ. ଜଗନ୍ନାଥ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ଅନୁଷ୍ଠାନର ପୂର୍ବତନ ସଭାପତି କୈଳାସଚନ୍ଦ୍ର କୁଲେସିକା, ପୂର୍ବତନ ସାଂସଦ ପ୍ରାର୍ଥିନୀ ତଥା ସମାଜସେବୀ କୌଶଲ୍ୟା ହିକକା, ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ନାରାୟଣପାଟଣା ସରପଞ୍ଚ ରେବତୀ କୁଦରିଆ, ଅନୁଷ୍ଠାନର ପୂର୍ବତନ ସମ୍ପାଦକ



ବି.କୁମାର ସ୍ୱାମୀ ଗୁପ୍ତା, ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାରଣା ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲେ। ଅତିଥିବୃନ୍ଦ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ କାର୍ଯ୍ୟକ୍ରମକୁ ଦ୍ୱରାନ୍ୱିତ କରିଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀ ଯମୁନା ମିଣିଆକା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଦୀର୍ଘ ୧୨ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାହିତ୍ୟଭିତ୍ତିକ ପ୍ରତିଯୋଗିତା ଯଥା ଓଡ଼ିଆ ଭଜନ, ଓଡ଼ିଆ ଗୀତ, ହସ୍ତାକ୍ଷର ଲିଖନ, ପ୍ରବନ୍ଧ ଲିଖନ, କୁଇଜ୍, ବକ୍ତୃତା, ଗଳ୍ପ କଥନ, ଲୋକନୃତ୍ୟ ଓ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ହିକକା ଓଡ଼ିଆ ଭାଷାର ବିଭିନ୍ନ ଦିଗ ତଥା ଏହାର ବିକାଶ, ପ୍ରଚାର ପ୍ରସାରକୁ ନେଇ ଆଲୋକପାତ କରିଥିବାବେଳେ ମୁଖ୍ୟବକ୍ତା ଡ. ରଥ ଓଡ଼ିଶାର ବରେଣ୍ୟ ସାରସ୍ୱତ ସାଧକଙ୍କ ଉଚ୍ଚକୋଟୀର ଭାଷାଭିତ୍ତିକ ଚିନ୍ତାଧାରା ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଓଡ଼ିଆ ସାହିତ୍ୟର ଇତିହାସକୁ ନେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିମାନେ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷାର ସଠିକ୍ ଓ ବହୁଳ ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରିବା ସହ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଇଂରାଜୀ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ପ୍ରଶିକ୍ଷକ ରଜତ କୁମାର ହିଆଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ମହାରଣା ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ତୋଷ ପାଢ଼ୀ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ: କପିଳ ଓ ସୌମ୍ୟ ବିଜେତା

**ତେନ୍ତୁଳିଖୁଣ୍ଟି,୩୦।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଅଫିସର୍ସ କ୍ଲବଠାରେ ସନ୍ତୋଷ ପାଢ଼ୀ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏକାଧାରାରେ ସମାଜସେବୀ ଏବଂ ବିଶିଷ୍ଟ କ୍ରୀଡ଼ାବିତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି କପିଳ ଏବଂ ସୌମ୍ୟ। ପ୍ରତିଯୋଗିତାର ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସାଙ୍ଗକୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ କପିଲ ଏବଂ ସୌମ୍ୟ ଯୋଡ଼ି ସହ ତପୁ ଏବଂ ଅମିର ଟିମ୍ ମଧ୍ୟରେ ସଂଘର୍ଷମୟ ପ୍ରତିଯୋଗିତା ହୋଇଥିଲା। ଏଥିରେ କପିଲ ଏବଂ ସୌମ୍ୟ ବିଜେତା ହୋଇଥିବାବେଳେ ତପୁ ଏବଂ ଅମିର ଦଳ ଉପବିଜେତା ହୋଇଥିଲେ। ବିଧାୟକ ଶ୍ରୀ ପ୍ରଧାନୀ ବିଜେତା ଦଳକୁ ୬ ହଜାର ଟଙ୍କାର ଅର୍ଥରାଶି ସାଙ୍ଗକୁ ଟ୍ରଫି ଏବଂ ଉପବିଜେତା ଦଳକୁ ଟ୍ରଫି ସାଙ୍ଗକୁ ୪ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ସଫଳ କରିବାରେ ପାୱାର ବ୍ୟାଡମିଣ୍ଟନ କ୍ଲବ ସଭାପତି ବ୍ୟାସଦେବ ବେହେରାଙ୍କ ସମେତ ଉପସଭାପତି ଦୀପକ ବିଶ୍ୱାଳ, ସମ୍ପାଦକ ଗଣେଶ ସାହୁ, କୋଷାଧ୍ୟକ୍ଷ ଅନିଶ ବିଶ୍ୱାଳ, ମଣ୍ଟୁ ଦାସ, ଟୁକୁ ମହାନ୍ତି, ଇନ୍ଦ୍ରଜିତ ସାହୁ, ସନୁ ତ୍ରିପାଠୀ, କାର୍ତ୍ତିକ ସାହୁ, କାହ୍ନୁ ତ୍ରିପାଠୀ, ବାପି ନାହାକ, ଦୀପକ ସ୍ୱାଇଁ, କେଶବ ମାଝୀ, ସମୀର ପଣ୍ଡା, ବୁଦ୍ଧିରାମ ମହାରଣା, ପପୁନ, କିସାନ ମହାନ୍ତି, ସୁଧୀର ପଣ୍ଡା, ମଣ୍ଟୁ ସାହୁ, ନାରାୟଣ ସାହୁ, ସାନୁ ମାଲ୍ଲୁ, ଶଙ୍କର ସିଂହ ପ୍ରମୁଖ ପ୍ରତିଯୋଗିତାକୁ ସଫଳ କରିବାରେ ସହଯୋଗ କରିଥିଲେ।



## ନାଲ୍‌କୋ ମଜଦୁର ସଂଘର ବନ୍ଧୁମିଳନ

**ଦାମନଯୋଡ଼ି,୩୦।୧(ସମିସ):** ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ନାଲକୋ ମଜଦୂର ସଂଘର ସ୍ୱତନ୍ତ୍ର ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ନାଲକୋ ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ପତ୍ନୀ ସସ୍ମିତା ପାତ୍ରଙ୍କ ସହିତ ମୁଖ୍ୟଅତିଥି ରୂପେ ଯୋଗଦେଇ ଭାରତ ମାତାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀଧର ପାତ୍ର ଶ୍ରୀଜଗନ୍ନାଥଙ୍କର ଲୋକପ୍ରିୟ ଭଜନ ଗାନକରି ସମସ୍ତଙ୍କୁ ବିମୋହିତ କରିଥିଲେ। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ କୁମାର ପାଢ଼ୀ ଓ ପତ୍ନୀ ସୋନିଆ ପାଢ଼ୀ, ସମୂହ ମହାପ୍ରବନ୍ଧକ ପି.କେ. ବେହେରା, ଅମରେନ୍ଦ୍ର କୁମାର ମିଶ୍ର ଓ କର୍ପୋରେଟ କାର୍ଯ୍ୟାଳୟର ଆଶୁତୋଷ ରଥଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଏମ୍ଏସ୍ ଅନୁବନ୍ଧିତ ନାଲକୋ ଠିକାଦାର କର୍ମଚାରୀ ସଂଘ, ନାଲକୋ ମାଇନ୍ସ ମଜଦୂର ସଂଘ ଓ ମାଇନ୍ସ ଠିକାଦାର କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ନାଲ୍କୋ ମଜଦୂର ସଂଘ ସଭାପତି ଆଲୋକଚନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଆଲୋକ ରଥଙ୍କ ସହିତ କର୍ମକର୍ତ୍ତା ଅଶୋକ କୁମାର ଦାଶ, ପି.କେ. ମୁନୀ, ନୀଳକୃଷ୍ଣ ରଥ, ଈଶ୍ୱରଚନ୍ଦ୍ର ପାତ୍ର, ଅନାମଚରଣ ନାୟକ, ପ୍ରଶାନ୍ତ କୁମାର ସାହୁ, ଏଚ.ଏନ.ଗିରି, ଶ୍ରୀକାନ୍ତ ପାଣିଗ୍ରାହୀ, ଶମ୍ଭୁ ପାତ୍ର, ଶୁଭ୍ରଜିତ ଜେନା, ସୁମନ୍ତ ଜେନା, ପ୍ରେମବ୍ରତ ରାଉତ, ବିପିନ ନନ୍ଦ, ପ୍ରକାଶ ଶିକାରୀ, ସୁକାନ୍ତ ପାତ୍ର, ଯମୁନା ଭୋଇ, ଦେବକୀ ସାହୁ, ଦେବଦତ୍ତ ନାୟକ, ପି. ରାଜେନ୍ଦ୍ର କୁମାର, ବି.ପି.ବାଉରୀ, ଅଶୋକ ଦଳେଇ,ପ୍ରଶାନ୍ତ ପ୍ରଧାନ, ଦିନେଶ ଶୁକ୍ଲା, ଶତ୍ରୁଘ୍ନ ଖରା, ସୂର୍ଯ୍ୟ ମହାନ୍ତି, ସନ୍ତୋଷ ଦାସ, ବିନୟ ଷଡ଼ଙ୍ଗୀ, ରଞ୍ଜନ ବେହେରା, ରଶ୍ମିରଞ୍ଜନ ପଣ୍ଡା, ମହେଶ୍ୱର ବାରିକ, ସଦାନନ୍ଦ ଦାସ, ସୁବାସ ଓଝା, ସନ୍ତୋଷ ସ୍ୱାଇଁ, ପି.କେ.ମାଝୀ,ଏସ୍.କେ.ପଟ୍ଟାୟତ, ଅନିଲ ପଣ୍ଡା, ଖୀରସିନ୍ଧୁ ସାହୁ, ଚୈତନ୍ୟ ଗୌଡ଼,ଏଚ.କେ.ଏକୁଡ୍ଡୁ, ଆଲୋକ ଖରା, ମନୋଜ ବେହେରା, କର୍ଣ୍ଣ ହିଆଲ, ଶ୍ରୀନିବାସ ଷଡ଼ଙ୍ଗୀ, ଉଦୟ କୁଳଦୀପ, ଶ୍ୟାମ ଗୌଡ଼, ଯେଶନ ଖରା, ବାବୁଲି ମଲ୍ଲିକ ଓ ବାଉରୀ ବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ନେଇ ପ୍ରସ୍ତୁତି

**ଡାବୁଗାଁ,୩୦।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ସମାରୋହ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫେବୃଆରୀ ୩ ଓ ୪ ତାରିଖ ଦିନ ବିଭିନ୍ନ କ୍ରୀଡ଼ା କରାଯିବ ଓ ୫ ତାରିଖ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୮ ତାରିଖ ଦିନ ସଶକ୍ତ ଓଡ଼ିଶା ସାଥି ଶିବିର ଅନୁଷ୍ଠିତ ହେବ। ଏଥିରେ ଆଦିବାସୀ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ଓ ଆଦିବାସୀ ସଂସ୍କୃତିର ପରାକାଷ୍ଠା ଅର୍ଜିତ କରିଥିବା ୨୫ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଆଲୋଚନା ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଫେବୃଆରୀ ୩ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନ ବିଶ୍ୱ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ସମାରୋହ ପାଳନ କରାଯାଉଛି। ୩ ତାରିଖ ଦିନ ପଞ୍ଚାୟତ ଓ ବ୍ଲକସ୍ତରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବରାଜ ଗୋପାଳ, ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କିରଣମାଳା ଟାର୍କି, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ପର୍ଶୁରାମ ମାଳୀ, ପ୍ରଭାକର ମୁଦୁଲି, କାଳୀପଦ କୀର୍ତ୍ତନିଆ ଓ ଅର୍ଜୁନ ଭତରା, ଶିକ୍ଷକ ଡମ୍ବରୁଧର ଦାସ, ସଞ୍ଜୀବ କୁମାର ପଣ୍ଡା, ଦୁର୍ଜନ ଭତରା, ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ, ତ୍ରିନାଥ ବାରିକ, ଖେଳ ଶିକ୍ଷୟିତ୍ରୀ ରଶ୍ମିରାଣୀ ପଣ୍ଡା, ବ୍ଲକ୍ କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତରା, ସମସ୍ତ ସରପଞ୍ଚ, ସମିତିସଭ୍ୟସଭ୍ୟା ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ରକ୍ଷାକାଳୀପୂଜା ପାଇଁ ଶାନ୍ତିକମିଟି ବୈଠକ

**ଉମରକୋଟ,୩୦।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ୟୁଭି ୮ ଖୁଟୁଗୁଡ଼ା ଗ୍ରାମ ତରଫରୁ ଆଗାମୀ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରକ୍ଷା କାଳୀପୂଜା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗ୍ରାମର ବୁଦ୍ଧିଜୀବୀ, ସମାଜସେବୀ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଶାନ୍ତିକମିଟି ଗଠନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମ କମିଟିର ସଭାପତି ତାପସ ମଣ୍ଡଳ ପରିଚାଳନା କରିଥିଲେ। ଗୋପାଳ ପୂଜାରୀଙ୍କ ସଭାପତିତ୍ୱରେ ଶାନ୍ତିକମିଟି ଗଠନ କରାଯାଇଥିଲା। ଆଇନଜୀବୀ ଝାଡ଼େଶ୍ୱର ମହାନ୍ତି, ତପନ ପାଲ, ଆଇନଜୀବୀ ତପନ ଦେବନାଥ, କାଉନସିଲର ସାଇନାରାୟଣ ପାଢ଼ୀ, ପୌରପରିଷଦ ଅଧ୍ୟକ୍ଷା ରାଧାଭତ୍ରା, ସରପଞ୍ଚ ତିଲୋତ୍ତମା ଭତ୍ରା, ବଡ଼ଭରଣ୍ଡି ସରପଞ୍ଚ ଦୁର୍ଯୋଧନ ଗଣ୍ଡ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନରାୟ, ଗ୍ରାମ କମିଟିର ସଭାପତି ତାପସ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଶାନ୍ତି କମିଟି ଗଠନ କରାଯାଇଥିଲା। ଉକ୍ତ ଶାନ୍ତି କମିଟିରେ ସଭାପତି ଗୋପାଳ ପୂଜାରୀ, ସମ୍ପାଦକ ମୁନା ଡାକୁଆ, ପରମନ ଭତ୍ରା, ଚନ୍ଦ୍ର ଭତ୍ରା, ତୁଳସୀରାମ ପୂଜାରୀ, ବାଦଲ ଗୋଲଦାର, ଘନଗଣ୍ଡ, ଲକ୍ଷ୍ମୀ ନାରାୟଣ ଦାସ, ଗୋପିଭତ୍ରା , ହରେକୃଷ୍ଣ ମଣ୍ଡଳ, ବୁଦ୍ଧୁମାଝୀ, ମନମଥ ଭତ୍ରା ପ୍ରମୁଖ ସଭ୍ୟ ରହିଛନ୍ତି। ଉପଦେଷ୍ଟା କମିଟିରେ ବରିଷ୍ଠ ଆଇନଜୀବୀ ଜୟଦେବ ପରିଡ଼ା, ମାନସ ଭୂମିକ, ଅନି ମଣ୍ଡଳ, ଗଣେଶ ମଣ୍ଡଳ, ସରୋଜ ବିଶ୍ୱାସ, ସୁବଲ ବିଶ୍ୱାସ, ଗଣେଶ ସରକାର, ସୁକଲାଲ ମଣ୍ଡଳ, ଅଜୟ ସରକାର ଓ ଦୁର୍ଯ୍ୟୟ ମଣ୍ଡଳ, ରବିନ ଚକ୍ରବର୍ତ୍ତୀ ଓ ସଞ୍ଜୟ ବାଗଚି ପ୍ରମୁଖଙ୍କୁ ଉପଦେଷ୍ଟା କମିଟିରେ ରଖାଯାଇଛି। ଏହି ବୈଠକରେ ଗ୍ରାମର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମହାସଂଘର ଜିଲ୍ଲାସ୍ତରୀୟ ସମାବେଶ

**କୋରାପୁଟ,୩୦।୧(ସମିସ):** ସ୍ଥାନୀୟ ଟାଉନ ହଲଠାରେ ବିଜୁ ଶ୍ରମିକ ସାମୁଖ୍ୟ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମହାସଂଘର ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ 'ମୁକ୍ତା' ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦିକା ଝୁନୁ ମହାନ୍ତି ବିବରଣୀ ପାଠ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଜୋନାଲ କମିଟି ସଭାପତି ନିରଞ୍ଜନ ପାତ୍ର ଯୋଗଦେଇଥିଲେ। ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପଣ୍ଡା ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଅଙ୍ଗନବାଡ଼ି କର୍ମୀମାନଙ୍କୁ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ତିବ୍ର ନିନ୍ଦା କରିଥିଲେ।୨୦୧୯ ନିର୍ବାଚନ ସମୟରେ ଏନଡିଏ ସରକାର ଯଦି କ୍ଷମତାଶୀଳ ହୁଏ, ତେବେ ୧୫ହଜାର ଟଙ୍କା ଦରମା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁରୀ ବେଳାଭୂମିରେ ଘୋଷଣା କରିଥିଲେ। ତେବେ ସେହି ଘୋଷଣା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହଛଡ଼ା ଅଙ୍ଗନବାଡ଼ି କର୍ମୀମାନଙ୍କୁ ଭତ୍ତା ପ୍ରଦାନ ନିମିତ୍ତ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସହସମ୍ପାଦକ ସୁନ୍ଦର କୁମାର ପାଣି ଏବଂ ସହସଂଯୋଜକ ପୁରେନ୍ଦ୍ର ବାରିକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଯାଜପୁରର ଜେଏସ୍‌ପି ଚାଲେଞ୍ଜର ଚାମ୍ପିଅନ୍




**ନନ୍ଦାହାଣ୍ଡି,୩୦।୧(ସମିସ)**

ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦହଣା ମିନିଷ୍ଟାଡିୟମଠାରେ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍ଯାପିତ ହୋଇଯାଇଛି। ସ୍ୱର୍ଗତଃ ପ୍ରଣବ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଭିଲାଇ, ଭବାନୀପାଟଣା, ଛତିଶଗଡ଼, ନଗରନାର, ନୂଆପଡ଼ା, ଯାଜପୁର, କୋରାପୁଟ, ଚିଟିଆ ଭଳି ସ୍ଥାନରୁ କ୍ରିକେଟ ଟିମ୍ ଆସି ଖେଳ ପ୍ରଦର୍ଶନ କରିଥିବାବେଳେ ଯାଜପୁରର ଜେଏସ୍ପି ଚାଲେଞ୍ଜର ଓ କିଙ୍ଗ୍ ମେକର ଦଳ ଉତ୍ତମ ଖେଳ ପ୍ରଦର୍ଶନ କରି ଫାଇନାଲରେ ପହଞ୍ଚିଥିଲେ। ରବିବାର ଦିନ ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଯାଜପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ସମସ୍ତ ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲେ। ୧୫୬ ରନ୍ର ଟାର୍ଗେଟର ପିଛା କରି କିଙ୍ଗମେକର ଦଳ ୧୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ କରି ପରାଜିତ ହୋଇଛି। ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କମଳା ପୂଜାରୀ, ନନ୍ଦାହାଣ୍ଡି ଜୋନ୍-୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ତେନ୍ତୁଳିଖୁଣ୍ଟି ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଉନ୍ନୟନ ପରିଷଦର ସଭ୍ୟ ଜଗବନ୍ଧୁ ଜାନୀ, ସଦାଶିବ ହାଇସ୍କୁଲର ସଭାପତି ପରେଶ ଦାଶ, ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଏବଂ ଶରତଚନ୍ଦ୍ର ଦାଶ ଯୋଗଦେଇଥିଲେ। ଚମ୍ପିଆନ୍ ଦଳ ଯାଜପୁରକୁ ବିଜୟୀ କପ୍ ଏବଂ ୫୦ହଜାର ଟଙ୍କା ପୁରସ୍କାର ରାଶି ଏବଂ କିଙ୍ଗମେକର ଦଳକୁ ରନ୍ସ କପ୍ ଏବଂ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

## ବଂଶଧାରା ବସନ୍ତ ମହୋତ୍ସବ ପାଇଁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଗୁଣୁପୁର,୩୦।୧(ସମିସ):** ଗୁଣୁପୁରରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ସୋମବାର ଯୁଧିଷ୍ଠିର ମହାକୁଡ଼ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପ ଜିଲ୍ଲାପାଳ ଲଳିତ କୁମାର କହଁର ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିବାବେଳେ ଆସନ୍ତା ୪ ତାରିଖ ଯାଏଁ ଏହା ଚାଲିବ ବୋଲି ଜଣାପଡ଼ିଛି। ଆଜିର ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ଙ୍କ ସମେତ ଉମା ଦାସ, ରାମ ପଣ୍ଡା, ଅନିଲ ସାଉକାର, ସପନ ଦାସ, ଶକ୍ତି ଦାସ, ସୁନୀଲ ଗୌଡ଼, ଅଜିସ୍ଥ ପାଢ଼ି, ସୁନୀଲ ପାତ୍ର, ରେମନ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଦୃଷ୍ଟିହୀନ ବିଧବା



➤ ପାଞ୍ଚ ବର୍ଷ ହେଲା ଭଙ୍ଗାଘରେ କଟୁଛି ଜୀବନ
➤ ବ୍ଲକରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ନିରାଶ

**ବିଷମକଟକ, ୩୦ା୧(ସମିସ)**

ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ବ୍ଲକ ଡଙ୍ଗର ସାହିର ଦୃଷ୍ଟିହୀନ ବିଧବା ମହିଳା ମନ୍ଦ କୁସୁଲିଆ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଦୀର୍ଘ ୫ବର୍ଷ ହେଲା ଖରା, ବର୍ଷା, ଶୀତ କାକରରେ ଉକ୍ତ ବିଧବା ଏକ ଭଙ୍ଗା ଦଦରା ପଲିଥିନ କୁଡ଼ିଆରେ ମୁଣ୍ଡ ଗୁଞ୍ଜିଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ ହୋଇ ଜିଲ୍ଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ଉକ୍ତ ଦୃଷ୍ଟିହୀନ ମହିଳାଙ୍କୁ ଏ ଯାଏ ଘର ଖଣ୍ଡିଏ ମିଳିପାରିଲା ନାହିଁ। ଏହାଛଡ଼ା ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମଧ୍ୟ ମିଳୁନାହିଁ। ଅଭିଶପ୍ତ ଜୀବନ ବିତାଉଛନ୍ତି ମନ୍ଦ କୁସୁଲିଆ। ଆଶା ବାଡ଼ି ଖଣ୍ଡେ ଧରି ଘରକୁ ଘର ବୁଲି ଦୁଇ ମୁଠା ଦାନା ପାଇଁ ସଂଘର୍ଷ କରିଚାଲିଛନ୍ତି। ସାହିପଡ଼ିଶାଙ୍କ ସାହାଯ୍ୟ ଛଡା ତାଙ୍କ ନିକଟରେ ଆଉ କୌଣସି ଅନ୍ୟ ଉପାୟ ନାହିଁ। ବର୍ଷ ବର୍ଷ ଧରି ପଲିଥିନ କୁଡ଼ିଆରେ ନିଜ ଭାଗ୍ୟକୁ ଆଦରି ଦିନ କାଟୁଛନ୍ତି ସେ। ସରକାରୀ ସହାୟତା କହିଲେ କେବଳ ୫ଶହ ଟଙ୍କା ଭତ୍ତା ଛଡା ଆଉ ଅନ୍ୟ କିଛି ସହାୟତା ମିଳୁନି। ସେ ବିପିଏଲ ପରିବାରର ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ରାସନକାର୍ଡ଼ କିମ୍ବା ଘରଟିଏ ମିଳୁପାରୁନି। ଯାହାକୁ ନେଇ ସେ ଏବେ ଚିନ୍ତାରେ ପଡ଼ିଛନ୍ତି। ମନ୍ଦଙ୍କର ତିନି ସନ୍ତାନ ମଧ୍ୟରୁ ଦୁଇ ଝିଅ ଓ ଏକ ପୁଅ। ଝିଅ ଦୁଇଟିଙ୍କୁ ଯେନତେନ କରି ବାହା କରିଛନ୍ତି। ଏକମାତ୍ର ରୋଜଗାରିଆ ପୁଅ ମାଁଙ୍କୁ ଛାଡି ଚାଲି ଯାଇଛି। ଅସହାୟା ମନ୍ଦ କୁସୁଲିଆଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ତାଙ୍କ ସାହିର ଗିରୀଧର ପଲକିଆ ଓ କାନ୍ତି କୁସୁଲିଆ ଦାବି କରିଛନ୍ତି। ଏନେଇ ଆଦିବାସୀକଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ଏହାର ଅନୁଧ୍ୟାନ କରିବା ପାଇ ବ୍ଲକ ପ୍ରଶାସନକୁ ସେ ନିର୍ଦ୍ଦେଶ ଦେବା ସହ ତାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସାରକା କହିଛନ୍ତି।

## ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳି ବିନିମୟ

# ୩ ଯବାନ ସହିଦ, ୧୪ ଆହତ



**ମାଲକାନଗିରି,୩୦ା୧(ସମିସ)**

ଛତିଶଗଡ଼ ବିଜାପୁରରେ ସିଆରପିଏଫ କ୍ୟାମ୍ପ ଉପରେ ମାଓବାଦୀମାନେ ବଡ଼ ଧରଣର ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୩ଜଣ ଯବାନ ସହିଦ ହୋଇଥିବାବେଳେ ୧୪ଜଣ ଆହତ ହୋଇଥିବା ସୂଚନା ମିଳିଛି। ପାଲଟା ଗୁଳି ଚାଳନାରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି ବୋଲି ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ

● ୬ ମାଓବାଦୀ ନିହତ

ଛତିଶଗଡ଼ରେ ନକ୍ସଲଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସୁକମା ଜିଲ୍ଲାର ତେକାଲଗୁଡେମ ଗ୍ରାମରେ ମଙ୍ଗଳବାର ସିଆରପିଏଫ ଯବାନଙ୍କ ଏକ କ୍ୟାମ୍ପ ସ୍ଥାପନ କରାଯାଇଥିଲା। କ୍ୟାମ୍ପ ସ୍ଥାପନ ପରେ ଜିଲ୍ଲା ରିଜର୍ଭ ଗାର୍ଡ, କୋବ୍ରା ବାଟାଲିୟନ ଓ ସ୍ପେଶାଲ ଟାସ୍କ ଫୋର୍ସ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ନକ୍ସଲମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ। ତେବେ ଯବାନମାନେ ଏହାର ପ୍ରତିଆକ୍ରମଣ ମଧ୍ୟ କରିଥିଲେ। ଯାହାର ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। କିନ୍ତୁ ଏହି ଗୁଳି ବିନିମୟରେ ୩ ଜଣ ଯବାନ ସହିଦ ହୋଇଥିବାବେଳେ ସମସ୍ତ ଆହତଙ୍କୁ ଜଗଦଲପୁରକୁ ଏୟାରଲିଫ୍ଟ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିବା ନକ୍ସଲଙ୍କୁ ନିପାତ ପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିବା ସହ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ବଢ଼ାଇ ଦିଆଯାଇଥିବା ନେଇ ସୁକୁମା ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

# ଗଞ୍ଜେଇ ଜବତ; ଜଣେ ଗିରଫ

**ରାୟଗଡ଼ା,୩୦ା୧(ସମିସ):**

ରାୟଗଡ଼ା ଅବକାରୀ ସଦର ଥାନା ପୁଲିସ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗଞ୍ଜେଇ ଚୋରା ଚାଲାଣ ବାବଦରେ ଗିରଫ କରାଯାଇଛି।



ଏଥିସହ ତାପାଖରୁ ୧୦କେଜି ୧୭୫ଗ୍ରାମ ଓଜନର ଗଞ୍ଜେଇ ପ୍ୟାକେଟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ନାରଜିପୁର ଥାନା ଅନ୍ତର୍ଗତ ସଦର ନାରଜିପୁର ଗ୍ରାମର ନିମାଇ ବାରୁଇ। ରାୟଗଡ଼ାରୁ କୋଲକାତାକୁ ଗଞ୍ଜେଇ ଚାଲାଣ ପାଇଁ ତାକୁ ଚନ୍ଦ୍ରଗିରି ଅଞ୍ଚଳରୁ କେହି ଜଣେ ବ୍ୟକ୍ତି ଏସବୁକୁ ଦେଇଥିବା ଅବକାରୀ ପୁଲିସ ସମ୍ମୁଖରେ ଅଭିଯୁକ୍ତ ସ୍ୱୀକାର କରିଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ସଦର ଥାନା ଅଧିକାରୀ ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ଅଭିଯୁକ୍ତ ନିମାଇ ପାଖେ ଥିବା ବ୍ୟାଗ ଯାଞ୍ଚ କରି ସେଥିରୁ ଗଞ୍ଜେଇ ଜବତ କରିବା ସହ ନିମାଇକୁ କୋର୍ଟ ଚାଲାଣ କରାଯାଇଛି।

# ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**କୁନ୍ଦୁରା, ୩୦ା୧(ସମିସ)**



କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସଦର ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଓଡିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ସଭାପତି ରାମକୃଷ୍ଣ ସାବତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ପଞ୍ଚାନନ ଗୌଡ, ବୃନ୍ଦାବନ ପାତ୍ର ଓ ବିଜୟ କୁମାର ଭଟ୍ଟ ଆଦି ଅତିଥି ଭାବେ ଯୋଗଦାନ କରିଥିଲେ। ସଭାର ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନନ୍ତ ବିଦ୍ୟାପୀଠ ଡଙ୍ଗରପାଉଁଶିର ଶିକ୍ଷକ ରାମକୃଷ୍ଣ ପାତ୍ର ଭକ୍ତି ସଙ୍ଗୀତରେ ଶ୍ରୀ ଜଗନ୍ନାଥ ଓ ସୁଧୀର କୁମାର ମହାପାତ୍ର ପରିବେଶ ନାଥ ଶ୍ରୀ ଜଗନ୍ନାଥ ଏବଂ ଶିକ୍ଷୟିତ୍ରୀ ସବିତା ଶତପଥି ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ବେଶ ଶୃଙ୍ଗାର ଶୀର୍ଷକ ଭିତ୍ତିକ ନିଜର ପ୍ରବନ୍ଧ ପାଠ କରିଥିଲେ। ନୂଆ ଓ ନୋଡାଲ ଅଧିକାରୀ ଶୁଶାନ୍ତ କୁମାର ବେହେରା ବୈଠକ ପରିଚାଳନା କରିଥିବା ବେଳେ ଓଡିଆ ଅଧ୍ୟାପିକା ନିରୋଜା ଶେଖରୀ ସାହୁ ବିଗତ ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବିଭିନ୍ନ ପ୍ରତିଯୋଗିତା ଗୁଡିକର ବିବରଣୀ ପାଠ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରି ପ୍ରଶଂସାପତ୍ର ଓ ବିଜେତା ମାନେ ମାନପତ୍ର ସହ ଅର୍ଥରାଶି ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ ୧ମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନେ ହେଲେ ସୁନ୍ଦର ହସ୍ତାକ୍ଷରରେ ରୁଦ୍ର ପ୍ରସାଦ, ସାଧାରଣ ଜ୍ଞାନ ଦକ୍ଷତାରେ ପ୍ରଦ୍ୟୁଶ କୁମାର ଦାଶ, ଓଡିଆ ଗୀତ ଓ ଭଜନରେ ଏଲିନା ବାରିକ, ଓଡିଆ ପ୍ରବନ୍ଧ ଲିଖନ, ଓଡିଆ ବିତର୍କ, ଓଡିଆ କବିତା ଆବୃତ୍ତି ଓ ଓଡ଼ିଆ ବ୍ୟାକରଣରେ ନିରୂପମା ନାୟକ, ଓଡିଆ ଗଳ୍ପ କଥନରେ ପାୟଲ ନାହାକ ଏବଂ ଓଡିଆ ଖାଦ୍ୟ ପ୍ରସ୍ତୁତିରେ ପ୍ରିୟଙ୍କା ମିନରବାଳିଆ ରହିଛନ୍ତି। ପ୍ରକାଶ ଯେ ବିଗତ ୨୪ ଓ ୨୫ତାରିଖରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହୋଇଥିବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଓଡିଆ ସାହିତ୍ୟ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ର ରୁଦ୍ର ପ୍ରସାଦ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱରରେ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାବେଳେ ଛାତ୍ରୀ ନିରୂପମା ନାୟକ ଓଡିଆ ପ୍ରବନ୍ଧ ଲିଖନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସାହିତ୍ୟିକ ତଥା ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ, ସାହିତ୍ୟିକ ଚକ୍ରପାଣି ପରିଚ୍ଛା, ଅବସରପ୍ରାପ୍ତ ଶିକ୍ଷକ ନୀହାର ରଞ୍ଜନ ରାଉତରାୟ, ଶିକ୍ଷକ ସୁକାନ୍ତ ସାହୁ, ସଙ୍ଗୀତକାର ଅକ୍ଷୟ କୁମାର ପଟ୍ଟନାୟକଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଆଦି ବିଭିନ୍ନ ସମୟରେ ଉପସ୍ଥିତ ରହି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଅଜୀତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣରେ ଗଞ୍ଜେଇ ଜବତ; ଚାଲାଣକାରୀ ଫେରାର

**ବୈପାରୀଗୁଡ଼ା,୩୦ା୧(ସମିସ):** ବୈପାରୀଗୁଡ଼ା ପୁଲିସ ପକ୍ଷରୁ ତୋକଲା ଗାଁରେ ଚଢ଼ଉ କରି ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣକାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗଞ୍ଜେଇ ଚୋରା ଚାଲାଣ ହେବାର ଖବର ପାଇ ବୈପାରୀଗୁଡ଼ା ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ତୋକଲା ଗାଁକୁ ଯାଇଥିଲେ। ଚାଲାଣକାରୀ ପୁଲିସ ଆସିବା ଖବର ପାଇ ଜଙ୍ଗଲରେ ଗଞ୍ଜେଇ ଛାଡ଼ି ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲେ। ଫଳରେ ପୁଲିସ କେବଳ ଗଞ୍ଜେଇ ଜବତ କରି ଥାନାକୁ ଫେରିଥିଲେ। ଜବତ ଗଞ୍ଜେଇର ପରିମାଣ ୩ କ୍ୟୁଣ୍ଟାଲ ହୋଇଥିବା ବେଳେ ଚାଲାଣକାରୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଗାଁ ଗାଁରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ସେମିଳିଗୁଡା, ୩୦ା୧(ସମିସ):**

ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କୋରାପୁଟ ଜିଲ୍ଲାର ପଟାଙ୍ଗି ନିର୍ବାଚନ ମଣ୍ଡଳୀର ଗାଁ ଗାଁ ରେ ଜୋରସୋରରେ ଚାଲୁଛି। ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜାନୁଆରୀ ୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଦିନ ଠାରୁ ଓଡ଼ିଶାର କୋଣ ଅନୁକୋଣରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ପଟାଙ୍ଗି ନିର୍ବାଚନ ମଣ୍ଡଳୀର ସେମିଳିଗୁଡା ବ୍ଲକର ୧୭ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚାଲୁ ରହିଛି। ବିଧାୟକ ପ୍ରିତମ ପାଢ଼ୀ ନେତୃତ୍ୱରେ ସମିତି ଉପାଧ୍ୟକ୍ଷ ଶିବା ବାଙ୍ଗାରି ଓ ଅନ୍ୟ ନେତା କର୍ମୀ ଦ୍ୱାରା ବିଭିନ୍ନ ଗ୍ରାମରେ କାର୍ଯ୍ୟକ୍ରମକୁ ଚାଲୁ କରୁଛନ୍ତି। ସାହି ସାହି ବୁଲି ଘରେ ଘରେ ଶଙ୍ଖ ଚିହ୍ନର ଷ୍ଟିକର ଲଗାଇଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଓ ଉନ୍ନତିମୂଳକ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ଉପରେ ଘରେ ଘରେ ବୁଝାଇଛନ୍ତି।

# ବିଜେପିର ୬ ଦଫା ଦାବିରୁ ବାଦ ପଡ଼ିଲା ମୈଦଲପୁରର ସମସ୍ୟା

**ପାପଡ଼ାହାଣ୍ଡି/ମୈଦଲପୁର, ୩୦ା୧(ସମିସ):** ନବରଙ୍ଗପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ତରଫରୁ ୬ ଦଫା ଦାବି ନେଇ ନବରଙ୍ଗପୁର ଜିଲ୍ଲାକୁ ମଙ୍ଗଳବାର ବନ୍ଦ ଡ଼ାକରା ଦେଇଥିବା ବେଳେ ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକର ମୈଦଲପୁର ଅଞ୍ଚଳର ସମସ୍ୟା ସମ୍ପର୍କରେ ଉକ୍ତ ଦାବିରେ ସାମିଲ କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସହ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେପି କାର୍ଯ୍ୟକର୍ତ୍ତାମାନେ

■ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁରର ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିବାରୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମୈଦଲପୁର ଅଞ୍ଚଳବାସୀଙ୍କୁ ବିଭିନ୍ନ କାର୍ଯ୍ୟରେ ବ୍ଲକ ସଦରକୁ ଯିବାକୁ ହନ୍ତସନ୍ତ ହେବାକୁ ପଡ଼ିଥିଲା। ଦୋକାନ ବଜାର ସବୁ ବନ୍ଦ ରହିଥିବାରୁ ଆବଶ୍ୟକୀୟ ସାମଗ୍ରୀ କିଣିବାରେ ମଧ୍ୟ ସମସ୍ୟା ହୋଇଥିଲା। ଅନ୍ୟପକ୍ଷରେ ଏଭଳି ଜିଲ୍ଲା ବନ୍ଦ ପାଇଁ ରହିଥିବା ଦାବି ସମୂହ ମଧ୍ୟରେ ଜିଲ୍ଲାର ସମସ୍ତ ଅଞ୍ଚଳର ସମସ୍ୟା ସ୍ଥାନିତ ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଜୋର ଧରି ଆସୁଥିବା ମୈଦଲପୁର ଅଞ୍ଚଳକୁ ବ୍ଲକ ଏବଂ ମୈଦଲପୁର ଯୁକ୍ତ ଦୁଇ କଲେଜକୁ ଯୁକ୍ତ ତିନି ମାନ୍ୟତା ପ୍ରଦାନ କରିବା ଦାବିକୁ ସ୍ଥାନୀତ କରାଯାଇ ନ ଥିଲା। ଅନେକ ଦିଗରୁ ଏନେଇ ଦାବି ହୋଇ ଆସୁଥିଲେ ମଧ୍ୟ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଅଞ୍ଚଳର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଦାବିକୁ ସ୍ଥାନିତ କରା ନ ଯିବାକୁ ନେଇ ମୈଦଲପୁରବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି କିଛି ବୁଦ୍ଧିଜୀବୀ ବିଜେପିର ଏହା ଏକ କେବଳ ପ୍ରହସନ ବୋଲି କହିବା ମଧ୍ୟ ଶୁଣିବାକୁ ମିଳିଥିଲା।

## ● ପୁଷପୁନେଇ ଉତ୍ସବର ଷଷ୍ଠ ରଜନୀ

# ପୌରାଣିକ ଦେଶିଆ ନାଟକରେ ମନ୍ତ୍ରମୁଗ୍ଧ ଦର୍ଶକ



**ଜୟପୁର, ୩୦ା୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଠାରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ ପୁଷପୁନି ଉତ୍ସବ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଚାଲିଥିବା ଏହି ଉତ୍ସବର ଷଷ୍ଠ ରଜନୀରେ ମଞ୍ଚସ୍ଥ ପୌରାଣିକ ଦେଶିଆ ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି। ଷଷ୍ଠ ରଜନୀର କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝି ଯୋଗଦେଇ ଉଦ୍‌ଘାଟନ କରିବା ସହ ପୁଷ୍‌ପୁନେଇ ଆଦିବାସୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଏକ ମୁଖ୍ୟ ପର୍ବ ବୋଲି କହିବା ସହ ଏହାକୁ ପୁନଃର୍ବାର ଉଜ୍ଜିବୀତ କରିବାକୁ ପ୍ରୟାସ କରିଥିବା ଉତ୍ସବର ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଦିବାସୀ ନାଟକର ପୁରାତନ ସାମଗ୍ରୀ ବିକ୍ରେତା ତଥା ବ୍ୟବସାୟୀ ଜି. ବସନ୍ତ ରାଓ, ବ୍ୟବସାୟିକ ସଂଘର ଉପସଭାପତି ଏ. ଶ୍ରୀନିବାସ, ମଞ୍ଚ ଓ ଆକାଶବାଣୀ କେନ୍ଦ୍ର ଦ୍ୱାରା ସ୍ୱୀକୃତପ୍ରାପ୍ତ କଳାକାର ଗୋପାଳ କୃଷ୍ଣ ସାମନ୍ତରାୟ, ସୁଧାକର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମଞ୍ଚସ୍ଥ ଦେଶୀଆ ପୌରାଣିକ ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜକ କମିଟିର ମୁଖ୍ୟ ଧିରେନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଭା କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଭାବେ ମନୋଜ ପାତ୍ର ପରିଚାଳନା କରିଥିଲେ।

# ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଉପଜିଲ୍ଲାପାଳ

**ଜୟପୁର,୩୦ା୧(ସମିସ)**



କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ନିର୍ବାହୀ ଅଧିକାରୀ ଭାବେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ବଦଳି ହୋଇଥିଲା। ସୋମବାର ଜିଲ୍ଲାପାଳ ମହମ୍ମଦ ଆବଦଲ ଆଖତର ପୂର୍ବତନ ପୌର ନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କୁ ରିଲିଭ୍ କରିଦେଇଥିଲେ ଏବଂ ଉପଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କୁ ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ପୌର ନିର୍ବାହୀ ଅଧିକାରୀ ଭାବେ ପୂର୍ବତନ ପୌର ନିର୍ବାହୀ ଅଧିକାରୀଙ୍କଠାରୁ ଦାୟିତ୍ୱ ହସ୍ତାନ୍ତର ଗ୍ରହଣ କରିଛନ୍ତି। ପ୍ରକାଶଯେ, ରାଜ୍ୟର ୧୧୧ ଜଣ ପ୍ରଶାସନିକ ଅଧିକାରୀମାନଙ୍କୁ ବଦଳୀ ନେଇ ଗତ ୨୫ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜୟପୁର ପୌର ନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କ ଭଞ୍ଜନଗର ବିଡିଓ ଭାବେ ବଦଳି ହୋଇଥିଲେ ସୁଦ୍ଧା ତାଙ୍କ ବଦଳରେ ଅନ୍ୟ କୌଣସି ଅଧିକାରୀଙ୍କୁ ଜୟପୁର ପୌର ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ଦିଆଯାଇନାହିଁ।

# ଟାଙ୍ଗିଣିଗୁଡ଼ାରେ ପ୍ରତିଷ୍ଠା ହେଲା ୩ ଫୁଟର ପଞ୍ଚମୁଖି ହନୁମାନ ବିଗ୍ରହ



**କୋରାପୁଟ, ୩୦ା୧(ସମିସ):** ରାଜ୍ୟ ସରକାର ତଥା ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ସାରା ରାଜ୍ୟରେ ବିଭିନ୍ନ ମନ୍ଦିରର ଉନ୍ନତିକରଣ ଓ ନବକଳେବର କାମ ଜାରି ରହିଛି। ସେହି ଉଦ୍ୟମକୁ ଆଗକୁ ନେବା ପାଇଁ ଅଣ୍ଟା ଭିଡିଛନ୍ତି କୋରାପୁଟର ଯୁବ ସମାଜସେବୀ ତଥା କୋରାପୁଟ ଜିଲ୍ଲା ବିଜେଡି ଯୁଗ୍ମ ସମ୍ପାଦକ ଟି କିରଣ କୁମାର। ବୈପାରିଗୁଡା ବ୍ଲକର ଟାଙ୍ଗିଣିଗୁଡ଼ାରେ ୩ ଫୁଟ ବିଶିଷ୍ଟ ଶ୍ରୀ ପଞ୍ଚମୁଖୀ ହନୁମାନଙ୍କର ବିଗ୍ରହକୁ ସେ ପ୍ରଦାନ କରିଥିବା ବେଳେ ଗାଁ ଲୋକମାନଙ୍କ ଦ୍ୱାରା ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଓ ୪୦ରୁ ଅଧିକ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଆଗାମୀ ଦିନରେ କୋରାପୁଟ ଜିଲ୍ଲାର ଅନେକ ସ୍ଥାନରେ ଶ୍ରୀହନୁମାନ ମନ୍ଦିର ସ୍ଥାପନ କରାଯିବ ବୋଲି ଶ୍ରୀ କିରଣ କୁମାର କହିଛନ୍ତି।

# ପ୍ରଶସ୍ତ ହେବ ଜୟପୁର-ଫାମ୍ପୁଣି ରାସ୍ତା

**ଜୟପୁର, ୩୦ା୧(ସମିସ):**



➤ ଉପଜିଲ୍ଲାପାଳ ଓ ପୁଲିସ ଉପସ୍ଥିତିରେ ସରିଲା ମାପଚୁପ୍
➤ ଉଭୟ ପାର୍ଶ୍ୱରେ ୨୦ ଫୁଟ ପର୍ଯ୍ୟନ୍ତ ହେବ ପ୍ରଶସ୍ତୀକରଣ

କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଛକଠାରୁ ଫାମ୍ପୁଣୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ହେବ। ଏନେଇ ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ ନୋଟିସ ଅନୁଯାୟୀ ଜୟପୁର ଉପଜିଲ୍ଲାପାଳ ଓ ପୁଲିସର ଉପସ୍ଥିତିରେ ରାସ୍ତାର ଉଭୟ ପାର୍ଶ୍ୱର ମାପଚୁପ ଶେଷ ହୋଇଛି। ଉଭୟ ପାର୍ଶ୍ୱରେ ୨୦ ଫୁଟ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କରାଯିବାକୁ ଚିହ୍ନଟ କରାଯାଇଛି। ଅଣଓସାରିଆ ଯୋଗୁଁ ପୌରସଂସ୍ଥା ପକ୍ଷରୁ ଜୟନଗର ବରଗଛ ଛକ ଠାରୁ ଭୂତନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଉଭୟ ପଶ୍ୱର୍ରେ ୨୦ ଫୁଟ ଲେଖାଏଁ ମୋଟ ୪୦ ଫୁଟ ଓସାର କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ପୂର୍ବ ସୂଚନା ଅନୁଯାୟୀ ପୂର୍ବାହ୍ନରେ ପୌରସଂସ୍ଥା ପକ୍ଷରୁ ମାପଚୁପ କରାଯାଇଥିଲା। ଜୟପୁର ଉପ ଜିଲ୍ଲାପାଳ ତଥା ପୌରସଂସ୍ଥା ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ପରିଡ଼ାଙ୍କ ଉପସ୍ଥିତିରେ ପୌରସଂସ୍ଥା ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନେ ମାପଚୁପ କରିବା ସହିତ ରଙ୍ଗ ଦେଇ ରାସ୍ତା ପ୍ରଶସ୍ତୀକରଣ ଅଞ୍ଚଳ ଚିହ୍ନଟ କରିଥିଲେ।ଏହି ରାସ୍ତା ରାଜସ୍ୱ ଏବଂ ପୌରସଂସ୍ଥାର ମ୍ୟାପରେ ୪୦ ଫୁଟିଆ ରହିଥିବା ବେଳେ ଜୟନଗର ବରଗଛ ଛକ ଠାରୁ ପ୍ରାୟ ଦେଢ଼ଶହ ମିଟର ପର୍ଯ୍ୟନ୍ତ ରାସ୍ତା କେଉଁ ଠାରେ ୨୦ ଓ ୨୫ ଫୁଟ ଏବଂ ୩୦ ଫୁଟ ରହିଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଟ୍ରାକ୍ଟର, ଟ୍ରକ ଗୁଡିକ ଯାତାୟତ କରୁଥିବା ଅଣଓସାରିଆ ରାସ୍ତା ଯୋଗୁଁ ଅନେକ ସମୟରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୀର୍ଘ ସମୟ ଧରି ଜାମ ରହୁଥିବା ନଜରକୁ ଆସିଛି। ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ପୌରସଂସ୍ଥା ପକ୍ଷରୁ ଏହାର ପ୍ରଶସ୍ତୀକରଣ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ରାସ୍ତା ମାପଚୁପ ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନା, ପୌରଯନ୍ତ୍ରୀ ବିଶ୍ୱନାଥ ପାତ୍ର, ରାଜସ୍ୱ ନିରୀକ୍ଷକ ପୀରେନ ଚାଲାଣ, ପୌରସଂସ୍ଥା ଆରଆଇ ଅଶ୍ୱିନୀ କୁମାର ପଟ୍ଟନାୟକ, ଅମିନ ଅଭିଳାଷ ସାନ୍ତ୍ରାପାତ୍ର, ପୌର କର୍ମଚାରୀ ଭୁବନୀ ହାଲବା, ପି. ଜଗଦିଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ଟାଉନଥାନା ପୁଲିସର ସବ-ଇନ୍ସପେକ୍ଟର ସଞ୍ଜିବ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହିବା ସହ ଆଇନଶୃଙ୍ଖଳା ଏବଂ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିଥିଲେ। ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀ ମାନେ ୪୦ ଫୁଟ ବଦଳରେ ୩୦ ଫୁଟ ଓସାର କରିବାକୁ ଉପସ୍ଥିତ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ତେବେ ପ୍ରଥମେ ପୌରସଂସ୍ଥାର ରାସ୍ତା ଚିହ୍ନଟ ପ୍ରକ୍ରିୟା ଶେଷ ହେବା ପରେ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଉପଜିଲ୍ଲପାଳ କହିଥିଲେ। ସୂଚନାଯୋଗ୍ୟ, ଜୟପୁର ପୌରସଂସ୍ଥା ପକ୍ଷରୁ ଗତ ୨୨ ତାରିଖରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ମାପଚୁପ କରିବାକୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଏହାପୂର୍ବରୁ ଜୟନଗର ବାସିନ୍ଦାଙ୍କ ପକ୍ଷରୁ ସୋମବାର ୪୦ ଫୁଟ ବଦଳରେ ୩୦ ଫୁଟ ରାସ୍ତା ପ୍ରଶସ୍ତୀକରଣ କରିବା ନେଇ ଏକ ସ୍ମାରକପତ୍ର ଉପଜିଲ୍ଲପାଳଙ୍କୁ ପ୍ରଦାନ କରାଯାଇଛି।



ସକାଳ
THE SAKALA

## ଓଡ଼ିଶା ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା

# ଆଦିବାସୀଙ୍କ ପାଇଁ ଅଭିନବ 'ଲାଭ' ଯୋଜନା

ଭାରତରେ ଆଦିବାସୀ ବା ଜନଜାତି ବର୍ଗର ଲୋକେ ଐତିହାସିକ ଦୃଷ୍ଟିରୁ ଅନଗ୍ରସର। ସ୍ୱାଧୀନତା ପରଠାରୁ ଏହି ବର୍ଗଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା ନିରବଚ୍ଛିନ୍ନ ଭାବେ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଆଦିବାସୀଙ୍କ ବିକାଶ ପ୍ରକ୍ରିୟା ମନ୍ଥର ରହିଛି। ସେହି ମନ୍ଥରତାକୁ ଦୂର କରିବା ପାଇଁ ବିକାଶ ପ୍ରକ୍ରିୟା ଓ ଯୋଜନାର ତ୍ୱରାନ୍ୱୟନ ତଥା ନବୀକରଣର ଆବଶ୍ୟକତା ରହିଛି ଏବଂ ସରକାରମାନେ ସେ କାମରେ ମଧ୍ୟ ହେଳା କରୁନାହାନ୍ତି। ତେବେ ସେମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ଦେଇ ବିକାଶର ମୁଖ୍ୟଧାରାରେ ସାମିଲ କରିବା ବିଭିନ୍ନ କାରଣରୁ ସମୟସାପେକ୍ଷ ପ୍ରମାଣିତ ହେଉଛି।

ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ ଆଦିବାସୀ। ସେମାନଙ୍କ ମୋଟ ସଂଖ୍ୟା ପ୍ରାୟ ୧ କୋଟି ଏବଂ ଦେଶର ଜନସଂଖ୍ୟାର ପ୍ରାୟ ୦.୮୦ ଭାଗ। ଏହାଛଡ଼ା ଭାରତର ମୋଟ ଆଦିବାସୀଙ୍କ ମଧ୍ୟରୁ ପ୍ରାୟ ୧୦ ଭାଗ ଓଡ଼ିଶାରେ ବସବାସ କରନ୍ତି। ଓଡ଼ିଶାରେ ୧୩ ପ୍ରକାର ଆଦିମ ଅଧିବାସୀଙ୍କ ସମେତ ୬୨ ବର୍ଗର ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିଲୁପ୍ତ ପ୍ରାୟ ଓ ବିପନ୍ନ। ଓଡ଼ିଶାର ଆଦିବାସୀମାନେ ପାରମ୍ପରିକ ଭାବେ ପାହାଡ଼ ପର୍ବତ ଘେରା ଜଙ୍ଗଲାଞ୍ଚଳ ଓ ଅଗମ୍ୟ ଇଲାକାରେ ବସବାସ କରୁଥିବାରୁ ସେମାନଙ୍କ ପାଖରେ ଆଧୁନିକ ସୁବିଧା ସୁଯୋଗ ଓ ସରକାରୀ ଯୋଜନାର ଲାଭ ପହଞ୍ଚିବା କଷ୍ଟସାଧ୍ୟ। ତଥାପି ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ରାଜ୍ୟର ଆଦିବାସୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ରୋଜଗାର, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅପେକ୍ଷାକୃତ ଭଲ ପ୍ରଗତି କରୁଛନ୍ତି।

ସେମାନଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ଦୁଇଦିନ ତଳେ ଏକାଧିକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ 'ଲାଭ'(ଲଘୁ ବନଜାତ ଦ୍ରବ୍ୟ କ୍ରୟ) ଯୋଜନା ଅନ୍ୟତମ ଏବଂ ଅଭିନବ। ଏହି ଯୋଜନାରେ ରାଜ୍ୟ ସରକାର ମିଶନ ଶକ୍ତି ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଆଦିବାସୀଙ୍କଠାରୁ ଲଘୁ ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରିବେ। ଏଥିପାଇଁ ସବୁ ବ୍ୟୟ ରାଜ୍ୟ ସରକାର ବହନ କରିବେ ଓ ପ୍ରତିବର୍ଷ ପ୍ରତ୍ୟେକ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସଂଗ୍ରହ ଋତୁ ପୂର୍ବରୁ ସରକାରୀ ଭାବେ ଘୋଷଣା କରାଯିବ। ସେହି ମୂଲ୍ୟ ଅନୁସାରେ ଆଦିବାସୀମାନେ ସଂଗ୍ରହ କରିଥିବା ଲଘୁ ବନଜାତ ଦ୍ରବ୍ୟକୁ ଆଦିବାସୀ ବିକାଶ ସମବାୟ ଲିମିଟେଡ୍ (ଟିଡିସିସିଏଲ୍) କେନ୍ଦ୍ରରେ ବିକି ପଇସା ପାଇବେ।

ଆଗରୁ ମଧ୍ୟସ୍ଥ ଓ ବେପାରୀମାନଙ୍କ ଦ୍ୱାରା ଏସବୁ ସାମଗ୍ରୀ ଆଦିବାସୀଙ୍କଠାରୁ ସଂଗ୍ରହ ହେଉଥିଲା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ତଥା ବିଧିବଦ୍ଧ ସଂଗ୍ରହ ବ୍ୟବସ୍ଥା ନଥିବାରୁ ସେମାନେ ଶୋଷଣର ସମ୍ମୁଖୀନ ହେଉଥିଲେ। ନୂଆ ବ୍ୟବସ୍ଥା ଠିକଣା ଭାବେ କାର୍ଯ୍ୟକାରୀ ହେଲେ ଆଦିବାସୀମାନେ ନିଶ୍ଚିତ ରୋଜଗାର ପାଇବେ ଓ ଠକାମିର ସମ୍ମୁଖୀନ ହେବେ ନାହିଁ। ଏହା ସେମାନଙ୍କୁ ସଶକ୍ତ କରିବ। ଏହାଛଡ଼ା ଆଦିବାସୀଙ୍କ ଜମିକୁ ଅଣଆଦିବାସୀମାନେ କିଣିବା ନେଇ ଯେଉଁ ନିଷ୍ପତ୍ତି ଆଗରୁ ସରକାର ନେଇ ତାହାକୁ ପରବର୍ତ୍ତୀ ସମୟରେ ସ୍ଥଗିତ ରଖିଥିଲେ, ତାହାକୁ ମଧ୍ୟ ପ୍ରତ୍ୟାହାର କରିନିଆଯାଇଛି। ରାଜନୈତିକ ବିବାଦ ଓ କେତେକ ମହଲର ବିରୋଧ ଯୋଗୁଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ଅଣଆଦିବାସୀମାନେ ଆଦିବାସୀଙ୍କ ଜମି କିଣି ସେମାନଙ୍କୁ ପ୍ରକାରାନ୍ତରେ ଭୂମିହୀନ କରିପାରିବେ ନାହିଁ। ଏହା ଛ'ଟି ଜିଲ୍ଲା ସମେତ ଅନ୍ୟ ୭ ଜିଲ୍ଲାର ବିଜ୍ଞାପିତ ଅନୁସୂଚିତ କ୍ଷେତ୍ର ପାଇଁ ଲାଗୁହେବ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରୁ ଏ ଯାଏଁ ଅନେକ ସଂରକ୍ଷଣ ସୁବିଧାରୁ ବଞ୍ଚିତ। ସେମାନେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ହୋଇଥିଲେ ମଧ୍ୟ ଅନେକ ଆଦିବାସୀ ସମ୍ପ୍ରଦାୟ ତଫସିଲଭୁକ୍ତ ଉପଜାତି ତାଲିକାରେ ସ୍ଥାନ ପାଇପାରିନାହାନ୍ତି। ଏହା ପଛରେ କେତେକ ବୈଷୟିକ ତ୍ରୁଟି ଓ ଅଯୌକ୍ତିକ କାରଣ ରହିଛି। ସେମାନଙ୍କୁ ସଂରକ୍ଷଣର ସୁବିଧା ଦେବାକୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ସଫଳତା ମିଳୁନାହିଁ। ସେହିଭଳି ମୁଣ୍ଡାରୀ, କୁଇ ଏବଂ ସଓରା ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାର ଦାବି ଦୋହରାଇ ରାଜ୍ୟ ସରକାର ଏକ ପ୍ରସ୍ତାବ ପାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସରକାର ଏହି ଦାବି ଅନେକ ଦିନରୁ କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ସଦୟ ହେଉନାହାନ୍ତି। ତେଣୁ ଏହାକୁ ଏକ ପ୍ରସଙ୍ଗ କରି ରାଜ୍ୟ ସରକାର କେନ୍ଦ୍ର ସହିତ ଲଢ଼େଇ କରିବା ସ୍ପଷ୍ଟ ହୋଇଯାଇଛି।

ରାଜ୍ୟର ଆଦିବାସୀମାନେ ନିଜ ନିଜର ଭାଷାର ସଂରକ୍ଷଣ ଓ ବିକାଶ ସହିତ ନିଜର ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ବଜାୟ ରଖିବାକୁ ସଚେତନ ହେଉଛନ୍ତି। ସେ ଦୃଷ୍ଟିରୁ ରାଜ୍ୟ ସରକାର ଆଦିବାସୀ ଭାଷା ସମୂହର ସଂରକ୍ଷଣ ଓ ବିକାଶ ପାଇଁ ଏକ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମାଧ୍ୟମରେ ୨୧ଟି ଆଦିବାସୀ ଭାଷାର ସଂରକ୍ଷଣ ଓ ବିକାଶ କରାଯିବ। ଥରେ ଗୋଟିଏ ବିଷୟରେ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହେଲେ ସେ କାମ ଚାଲିବ। ରାଜନୈତିକ ଇଚ୍ଛାଶକ୍ତି ଏହାକୁ ତ୍ୱରାନ୍ୱିତ କରିବ। ନିର୍ବାଚନ ବର୍ଷର ଭୋଟ୍ ରାଜନୀତି ଊର୍ଦ୍ଧ୍ୱରେ ଏସବୁ ପ୍ରସ୍ତାବ ଓ ନିଷ୍ପତ୍ତି ସବୁକୁ ଦେଖିଲେ ଆଦିବାସୀମାନେ ବାସ୍ତବରେ 'ଲାଭ'ବାନ ହେବାକୁ ଯାଉଛନ୍ତି।

ମନେ ରଖିବାକୁ ପଡ଼ିବ ଓଡ଼ିଶାରେ ନବୀନ ସରକାର ଲୋକକଲ୍ୟାଣ ଓ ସମାବେଶୀ ବିକାଶକୁ ସର୍ବଦା ଗ୍ୟାରେଣ୍ଟି ଦେଇଆସିଛନ୍ତି। ନବୀନବାବୁ ଯାହା କହନ୍ତି ଏବଂ ପ୍ରତିଶ୍ରୁତି ଦିଅନ୍ତି, ତାହାକୁ କାର୍ଯ୍ୟକାରୀ କରିଥା'ନ୍ତି। ଏହାର ଉଦାହରଣର ଅଭାବ ନାହିଁ। ତେଣୁ ଏହା ନିଶ୍ଚିତ ଆଦିବାସୀଙ୍କୁ ଲାଭ ପହଞ୍ଚାଇବ। ଏହାକୁ କେହି ଯଦି ଭୋଟ ରାଜନୀତି ଦୃଷ୍ଟିରେ ଦେଖୁଥିବେ, ସେଥିରେ କହିବାର କିଛି ନାହିଁ। ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ପାଞ୍ଚଟି ଓ ୧୪୭ ବିଧାନସଭା ଆସନରୁ ୩୩ଟି ଆଦିବାସୀଙ୍କ ପାଇଁ ସଂରକ୍ଷିତ। ଏସବୁ ଆସନରେ ନିର୍ବାଚନ ଫଳାଫଳ ଦୃଷ୍ଟିରୁ ବିଜେଡିର ରେକର୍ଡ ମଧ୍ୟ ମନ୍ଦ ନୁହେଁ। ରାଜନୀତି ତ ରାଜନୀତି ସୃଷ୍ଟି କରିବ। ତା'ସତ୍ତ୍ୱେ ବାସ୍ତବ ଶାସକ ଲୋକଙ୍କ କଲ୍ୟାଣ ଦେଖିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଶାର ଜନଜାତି ଭାଷା



ପରମାନନ୍ଦ ପଟେଲ
ଭୁବନେଶ୍ୱର, ମୋ: ୯୪୩୭୧୭୬୨୮୭

ଓଡ଼ିଶା ଖୁବ୍ ଚର୍ଚ୍ଚିତ ଦୁଇଟି କ୍ଷେତ୍ରକୁ ନେଇ। ପ୍ରଥମଟି ହେଉଛି ଜଗନ୍ନାଥ କ୍ଷେତ୍ର ଏବଂ ଅନ୍ୟଟି ଜନଜାତି କ୍ଷେତ୍ର। ଜଗନ୍ନାଥ ଓଡ଼ିଶାର ଭାବନା ସହ ଜଡ଼ିତ। ଦ୍ୱିତୀୟଟି ସଂସ୍କୃତି ସହ ପ୍ରକୃତିକୁ ନେଇ ଗତିଶୀଳ। ଓଡ଼ିଶାର ଉପକୂଳ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟତ୍ର ଜନଜାତିମାନଙ୍କ ବସତି ଓ ଅବସ୍ଥିତି ବେଶି। ଓଡ଼ିଶା ପୁନଶ୍ଚ ଆଉ ଏକ ଦିଗରୁ ଚର୍ଚ୍ଚିତ ହୁଏ, ଯାହା ଭାଷାକ୍ଷେତ୍ର ହିସାବରେ ପରିଚିତ। ଏଠି ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଅଧ୍ୟୟନ ପାଇଁ ଦେଶ ବିଦେଶରୁ ଗବେଷକ ଆକୃଷ୍ଟ ହୁଅନ୍ତି। ଗାଁ ଗାଁରେ ଅନେକ ଭାଷାଭାଷୀ ଗୋଷ୍ଠୀଙ୍କ ସମାହାର। ଅନ୍ତର୍ଗୋଷ୍ଠୀୟ ସ୍ତରରେ ନିଜ ଭାଷାରେ ଏମାନେ ଭାବ ଆଦାନ ପ୍ରଦାନ କରୁଥିଲେ ମଧ୍ୟ ଅନ୍ତର୍ଗୋଷ୍ଠୀୟ ସ୍ତରରେ ଏକ ତୃତୀୟ ଭାଷାକୁ ମାଧ୍ୟମ କରିଥା'ନ୍ତି। ନିଜ ଭାଷା, ସଂସ୍କୃତି ସହ ଅନ୍ୟ ସଂସ୍କୃତି, ଭାଷାକୁ ସମାନ ସମ୍ମାନ ଦେଇ ତଦନୁରୂପ ନିଜ ପରିଚିତି ବଜାୟ ରଖିବା ଆମ ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ହିଁ ସମ୍ଭବ ହୋଇଥାଏ। ତେଣୁ ଦେଶବିଦେଶରୁ ଭାଷା, ସମାଜ, ନୃତତ୍ତ୍ୱ, ସଂସ୍କୃତି ଶାସ୍ତ୍ରୀମାନେ ଓଡ଼ିଶାକୁ ସେମାନଙ୍କ ଗବେଷଣାର କ୍ଷେତ୍ର ହିସାବରେ ଗ୍ରହଣ କରିଆସିଛନ୍ତି।

ଆମ ଓଡ଼ିଶାରେ ବାଷଠୀ ଗୋଷ୍ଠୀର ଜନଜାତି ବାସ କରନ୍ତି। ସେମାନଙ୍କ ମଧ୍ୟରେ ୧୩ ପ୍ରକାର ନିର୍ଦ୍ଦିଷ୍ଟ ରୂପେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ମଧ୍ୟ ଅନ୍ତର୍ଭୁକ୍ତ। ଭାଷାଦୃଷ୍ଟିରୁ ଏମାନଙ୍କୁ ମୁଖ୍ୟତଃ ତିନୋଟି ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକ ହେଲା ଅଷ୍ଟ୍ରିକ ବା ଅଷ୍ଟ୍ରୋଏସିଆଟିକ; ଦ୍ରାବିଡ଼ ଏବଂ ଭାରତୀୟ ଆର୍ଯ୍ୟ। ମୁଣ୍ଡା ବା ଅଷ୍ଟ୍ରିକ ଗୋଷ୍ଠୀ ଓଡ଼ିଶା କ୍ଷେତ୍ରକୁ ଦୁଇଟି ମାର୍ଗରେ ଆସିଛନ୍ତି। ପ୍ରଥମଟି ହେଲା ଛୋଟନାଗପୁର ମାଳ ଅଞ୍ଚଳ ଦେଇ ଉତ୍ତର-ପଶ୍ଚିମ ବାଟରୁ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଝାରସୁଗୁଡ଼ା ଅଞ୍ଚଳରେ ବସତି ସ୍ଥାପନ କରିଛନ୍ତି। ଆଉ ଗୋଟିଏ ଦଳ ଗୋଦାବରୀ ଉପତ୍ୟକା ଦେଇ ଓଡ଼ିଶାର ଦକ୍ଷିଣ-କେନ୍ଦ୍ରାଞ୍ଚଳରେ ଅବିଭକ୍ତ କୋରାପୁଟ ଅଞ୍ଚଳକୁ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କ ଏକ ଶାଖା କେନ୍ଦ୍ର ପଶ୍ଚିମ ଅଞ୍ଚଳ ତଥା କେନ୍ଦୁଝର, ସୁନ୍ଦରଗଡ଼ ଅଞ୍ଚଳରେ ବସତିସ୍ଥାପନ କରିଥିବାର ବିଭିନ୍ନ ସୂତ୍ରରୁ ଜଣାଯାଏ। ଦ୍ରାବିଡ଼ମାନେ ଦକ୍ଷିଣାଞ୍ଚଳରୁ କ୍ରମଶଃ ଉତ୍ତର-ପଶ୍ଚିମକୁ ବିସ୍ତାରିତ ହୋଇଥିବାର ଜଣାଯାଏ। ଦ୍ରାବିଡ଼ମାନେ ସମନ୍ୱୟ ସଂସ୍କୃତିର ସଂଗଠକ। ସମାଜ, ପଲ୍ଲୀ, ହାଟ, ନୃତ୍ୟ, ସଙ୍ଗୀତ ତଥା ଶକ୍ତି ଓ ଶିବର ପ୍ରସାରକ। କୃଷି ସହ ଏମାନଙ୍କ ସଂସ୍କୃତି ଓତପ୍ରୋତଃ ଭାବରେ ଜଡ଼ିତ। ପରବର୍ତ୍ତୀ ସମୟରେ ଆର୍ଯ୍ୟମାନଙ୍କର ସହାବସ୍ଥାନରେ ଦ୍ରାବିଡ଼ ଓ ମୁଣ୍ଡା ସଂସ୍କୃତିର ସୁସମନ୍ୱୟ ସାଧିତ ହୋଇଛି।

ଭାଷା ହେଉଛି ସଂସ୍କୃତିର ବାହକ। ଗୋଟିଏ ଜାତିକୁ ଅଧ୍ୟୟନ କଲେ ତା'ର ଭାଷା ସହିତ ପରିଚିତ ହେବାକୁ ପଡ଼େ। ଆମେ ଆଜିର ଯେଉଁ ଓଡ଼ିଆ ଭାଷା ସଂସ୍କୃତିର କଥା କହୁଛୁ ତାହା ଦ୍ରାବିଡ଼-ମୁଣ୍ଡା-ଆର୍ଯ୍ୟର ଏକ ସଫଳ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜଗନ୍ନାଥ ସାଂସ୍କୃତିକ ଚେତନାରେ ଆଜି ବି ଅନେକ ଶବର ଶବ୍ଦର ପ୍ରଚଳନ ଦେଖିବାକୁ ମିଳିଥାଏ। ଶବର ଓ ବ୍ରାହ୍ମଣର ମହାମିଳନରେ ଜଗନ୍ନାଥ ସଂସ୍କୃତିର ବିକାଶ ହୋଇଥିବାର ଅନେକ ଚର୍ଚ୍ଚା ବିଭିନ୍ନ କିମ୍ବଦନ୍ତୀ ଓ କର୍ମକାଣ୍ଡରେ ଶୁଣାଯାଏ।

ଭାଷା ଆଲୋଚନା ଦୃଷ୍ଟିରୁ ଓଡ଼ିଶାକୁ ଭାଷା-କ୍ଷେତ୍ର ହିସାବରେ ଭାଷାବିଦ୍‌ମାନେ ପ୍ରତିଷ୍ଠା କରିସାରିଥିଲା ବେଳେ ଜନଜାତି ଭାଷାକୁ ଗବେଷଣା ପାଇଁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଓଡ଼ିଶାରେ ଭାଷା ଚିନ୍ତନର ପରମ୍ପରା ଖୁବ୍ ପ୍ରାଚୀନ। ଓଡ଼ିଶାକୁ ଆର୍ଯ୍ୟମାନଙ୍କ ଆଗମନ କାଳରୁ ଏ ଚିନ୍ତନର ଅୟମାରମ୍ଭ। ଆର୍ଯ୍ୟମାନଙ୍କ ଓଡ଼ିଶାକୁ ଆଗମନ କୋଶଳ ଏବଂ ବଙ୍ଗ ଉଭୟ ଦିଗରୁ ହୋଇଛି। ଭୌଗୋଳିକ ଅବସ୍ଥିତି ତଥା ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀଙ୍କ ସହ ସମନ୍ୱୟରୁ ଅନେକ ଭାଷିକ ବିନିମୟ ସାଧିତ ହୋଇଛି। ଓଡ଼ିଶାର ସାମଗ୍ରିକ ଜନସମୁଦାୟର ୨୨.୮୫ ଶତାଂଶ ଜନଜାତି। ଏମାନେ ୧୩ ଗୋଟି ନିର୍ଦ୍ଦିଷ୍ଟ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସମେତ ୬୨ଟି ଗୋଷ୍ଠୀରେ ବିଭକ୍ତ। ପୁନଶ୍ଚ ଭାଷାଦୃଷ୍ଟିରୁ ଏମାନଙ୍କ ମଧ୍ୟରେ ୨୧ଟି ଭାଷା ଓ ୭୪ଟି ଉପଭାଷାର ପ୍ରଚଳନ ଦେଖିବାକୁ ମିଳିଥାଏ।




ପ୍ରଥମେ ଚର୍ଚ୍ଚା ଆରମ୍ଭ କରାଯାଉ ମୁଣ୍ଡା ଭାଷା ପରିବାରରୁ। ଓଡ଼ିଶାରେ ମୁଣ୍ଡା ଭାଷାଭାଷୀ ଦୁଇଟି ପ୍ରଭାଗରେ ବିଭକ୍ତ। ପ୍ରଥମଟି ଦକ୍ଷିଣ ମୁଣ୍ଡା; ଏହାର ଦୁଇଟି ଉପଶାଖା। ଗୋଟିଏ କୋରାପୁଟ ମୁଣ୍ଡା ଓ ଅନ୍ୟଟି କେନ୍ଦ୍ରୀୟ ମୁଣ୍ଡା। କୋରାପୁଟ ମୁଣ୍ଡା ଅନ୍ତର୍ଭୁକ୍ତ ସରା (ସଉରା), ଗୋରୁମ୍ (ପାରେଙ୍ଗା) ଗୋଟିଏ ଡାଳର ଦୁଇଟି କେଣ୍ଡା। ସେହିପରି ଆଉ ଗୋଟିଏ ଡାଳରେ ଗତା (ଡିଡାୟୀ) ଏବଂ ଗୁତବ୍ (ଗଦବା) ଓ ରେମ (ବଣ୍ଡା) ଭାଷା ବନ୍ଧା। ଗୋରୁମ୍ (ପାରେଙ୍ଗା) ଭାଷା ପ୍ରାୟତଃ ପରିବର୍ତ୍ତନର ଦ୍ୱାରଦେଶରେ। ଦେଶିଆକୁ ଆପଣେଇ ଏମାନେ ନିଜଭାଷାଠୁ ଦୂରେଇଯିବାରେ ଲାଗିଛନ୍ତି। ଗତା (ଡିଡାୟୀ) ଓ ଗୁତବ୍ (ଗଦବା) ଭାଷା ମଧ୍ୟ ଧୀରେ ଧୀରେ ନିଜ ଅସ୍ମିତା ହରାଇବାରେ ଲାଗିଛି। କେନ୍ଦ୍ରୀୟ ମୁଣ୍ଡା ଅଧୀନରେ ଖଡ଼ିଆ ଓ ଜୁଆଙ୍ଗଙ୍କୁ ଗଣନା କରାଯାଏ। ଏହାର ସମ୍ପର୍କ କୋରାପୁଟ ମୁଣ୍ଡା ସହ ନିକଟତର କୁହାଯାଏ। ଖେରୱାରୀର ଦୁଇଟି ଡାଳ - ଗୋଟିଏ ଡାଳରେ ସାନ୍ତାଳୀ ଓ ଅନ୍ୟଡାଳରେ ମୁଣ୍ଡାରୀ, ହୋ, ଭୂମିଜ, ବିରହୋର ଇତ୍ୟାଦି ପରସ୍ପର ସମ୍ବନ୍ଧାନ୍ୱିତ ଭାଷା।

ଦ୍ରାବିଡ଼ ଗୋଷ୍ଠୀର ଭାଷାଗୁଡ଼ିକ ଲକ୍ଷ୍ୟ କଲେ କେନ୍ଦ୍ରୀୟ ଓ ଉତ୍ତରାଞ୍ଚଳୀୟ ହିସାବରେ ଦୁଇଟି ଉପଶାଖାରେ ବିଭକ୍ତ କରାଯାଇଥାଏ। ଉତ୍ତରାଞ୍ଚଳୀୟ ଶାଖାରେ ଓରାଓଁ, କିସାନ ଭାଷା ଥିବା ବେଳେ କେନ୍ଦ୍ରୀୟ ଉପଶାଖାର ତିନୋଟି ଡାଳ। ପ୍ରଥମ ଡାଳରେ ତେଲୁଗୁ, ପାର୍‌ଜୀ, ଓଲାରୀର ସ୍ଥାନ; ଦ୍ୱିତୀୟ ଡାଳରେ କୁଇ, କୁଭି, ପେଙ୍ଗୁ, କଣ୍ଡା ଇତ୍ୟାଦି ଥିବା ବେଳେ ଗୋଣ୍ଡି ଡାଳରେ, ଗୋଣ୍ଡି, କୋୟା, ମାଡ଼ିଆ, ମୁରିଆ ଭାଷାଭାଷୀଙ୍କ ସ୍ଥାନ ରହିଛି।

ଓଡ଼ିଶାରେ ପ୍ରଚଳିତ ଆର୍ଯ୍ୟାନୁଗ ଉପଭାଷା ସମୂହର କେଉଁ ମୁଖ୍ୟ ଭାଷା ସହିତ ସମ୍ପର୍କ ତାହା ଅଦ୍ୟାବଧି ନିରୂପିତ ହୋଇପାରିନାହିଁ। ତେବେ ଦକ୍ଷିଣାଞ୍ଚଳୀୟ ଶାଖାରେ ଦେଶିଆ-ଭତରୀ-ହାଲବି-ଝରିଆ ପରସ୍ପର ସମ୍ବନ୍ଧିତ ଉପ-ଶାଖା ହିସାବରେ ନଜରକୁ ଆସୁଥିବା ବେଳେ ପଶ୍ଚିମାଞ୍ଚଳୀୟ ଶାଖାରେ ସାଦରୀ-ଲରିଆ-ଛତିଶଗଡ଼ି-ଭୁଞ୍ଜିଆ-ସମ୍ବଲପୁରୀ-କନ୍ଧାନ-ବିନ୍‌ଝାଲ -ବନ୍‌ଜାରା ଏବଂ ଉତରାଞ୍ଚଳୀୟ ଉପଶାଖାରେ ସମ୍ବଲପୁରୀ-ଭୂୟାଁ-ବାଥୁଡ଼ି-କୁରମାଳି-ସାଉଁତି ପରସ୍ପର ସମ୍ପର୍କିତ ଉପଭାଷା ହିସାବରେ ଗ୍ରହଣୀୟ ହୋଇଥା'ନ୍ତି।

ଦକ୍ଷିଣାଞ୍ଚଳୀୟ ଶାଖାର ଭାଷା ସମୂହ ମୁଖ୍ୟତଃ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଜିଲ୍ଲାରେ କଥିତ ହେଉଥିଲା ବେଳେ ପଶ୍ଚିମାଞ୍ଚଳୀୟ ଶାଖାର ଭାଷା ସମୂହ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ତଥା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଉତ୍ତରାଞ୍ଚଳୀୟଶାଖାର ଭାଷା ସମୂହ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ସମୂହରେ ପ୍ରଚଳିତ। ଏ ଶାଖାତ୍ରୟୀର ରୂପଗତ ସୌସାଦୃଶ୍ୟ ମଧ୍ୟ ଉତ୍ତରାଞ୍ଚଳୀୟ-ପଶ୍ଚିମାଞ୍ଚଳୀୟ-ଦକ୍ଷିଣାଞ୍ଚଳୀୟ କ୍ରମରେ ରହିଛି। ସାଂସ୍କୃତିକ କ୍ଷେତ୍ର ତଥା ଭାଷିକ କ୍ଷେତ୍ରଭିତ୍ତିକ ଅଧ୍ୟୟନ ନିମନ୍ତେ ଏହି ଅଞ୍ଚଳଭିତ୍ତିକ ସର୍ବେକ୍ଷଣରେ ଶାଖାତ୍ରୟୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପୁନଶ୍ଚ ଏ ସମସ୍ତ ଭାଷା ଓଡ଼ିଶାର ସମଗ୍ର ମାଳ ଅଞ୍ଚଳକୁ ନେଇ ପରିବ୍ୟାପ୍ତ। ଏ ଅଞ୍ଚଳ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶାସନିକ କେନ୍ଦ୍ର ଦ୍ୱାରା ଶାସିତ ହେବା ସହ ସାଂସ୍କୃତିକ ସମନ୍ୱୟ ଏହି ଶାସନ ସମୟରେ ସାଧିତ ହୋଇଥିବାରୁ ଭାଷା-ଭାଷା ମଧ୍ୟରେ ପାରସ୍ପରିକ ସମ୍ପର୍କ ପରିଲକ୍ଷିତ।

ଆଦିବାସୀମାନଙ୍କ ମଧ୍ୟରେ ଅଧୁନା ପ୍ରଚଳିତ ସ୍ୱବର୍ଗୀୟ ଭାଷା ଉପ-ଭାଷାର ପ୍ରଚଳନ ଖୁବ୍ ସୀମିତ। ଆନ୍ତର୍ଗୋଷ୍ଠୀୟ ସ୍ତରରେ ଏମାନେ ସମ୍ପର୍କ ଭାଷାର ସାହାଯ୍ୟ ନିଅନ୍ତି। ଏପରିକି ଘରର ମୁରବି ସ୍ଥାନୀୟ ଲୋକେ ତାଙ୍କ ସନ୍ତାନବର୍ଗଙ୍କ ନିକଟରେ ସ୍ଥାନୀୟ ସମ୍ପର୍କ ଭାଷାରେ କଥାବାର୍ତ୍ତା କରିଥା'ନ୍ତି। ପୂର୍ବେ ଏ ସମସ୍ତଙ୍କର ହୁଏତ ନିଜସ୍ୱ ଭାଷା ଥିଲା।

ପ୍ରାଦେଶିକ ଭାଷାର ପ୍ରାଧାନ୍ୟ ବଢ଼ିବା ତଥା ସ୍ୱମାତୃଭାଷା ପାଇଁ ପ୍ରୋତ୍ସାହନର ଅଭାବ ବୋଧହୁଏ ସେମାନଙ୍କର ଭାଷା ପରିବର୍ତ୍ତନର କାରଣ। ଆଜି ମଧ୍ୟ ଏହି ଧାରା ଜାରି ରହିଛି। ଦିନ ଆସିବ ଅନେକ ଭାଷା-ଉପଭାଷା ପରିବର୍ତ୍ତିତ ହୋଇ ନୂତନ ରୂପଗ୍ରହଣ କରିସାରିଥିବ। ଜନଜାତିମାନଙ୍କ ମଧ୍ୟରେ ପ୍ରଚଳିତ ସବୁ କଥିତ ଭାଷା ମଧ୍ୟ ସମାନସ୍ତରର ନୁହେଁ। ଏଥିରେ କେତେକ ସଂଖ୍ୟାଗରିଷ୍ଠ ଗୋଷ୍ଠୀର ଭାଷା ଅଛି; କେତେକ ସଂଖ୍ୟାନ୍ୟୂନ ଗୋଷ୍ଠୀ ଭାଷା ରହିଛି। କେତେକଙ୍କ ଭାଷା ଖୁବ୍ ପ୍ରାଚୀନସ୍ତରର। କେତେକ ସଚେତନ ଗୋଷ୍ଠୀ ସ୍ୱଭାଷା ସୁରକ୍ଷାର ପ୍ରୟାସ କରି ଲିପି ପ୍ରବର୍ତ୍ତନ କରୁଛନ୍ତି। ଅନେକ ଭାଷା ଅଛି, ଯାହାର ସମୃଦ୍ଧ ଲୋକସାହିତ୍ୟ ରହିଛି। ଏହିସବୁ ବିବିଧତା ଦୃଷ୍ଟିରୁ ଆଦିବାସୀଙ୍କ ଭାଷାକୁ ନିମ୍ନ ପରିପ୍ରେକ୍ଷୀରେ ମଧ୍ୟ ବର୍ଗୀକରଣ କରାଯାଇପାରେ।

୧. ସ୍ୱତନ୍ତ୍ର ଗୋଷ୍ଠୀ ପରିଚୟ ଥାଇ ଅନାଶ୍ରିତ ଭାଷା: (ସରା, ସାନ୍ତାଳୀ, ମୁଣ୍ଡାରୀ, ହୋ, ଭୂମିଜ ଇତ୍ୟାଦି)

୨. ସ୍ୱତନ୍ତ୍ର ଗୋଷ୍ଠୀ ପରିଚୟ ଥାଇ ମିଶ୍ରିତ ଭାଷା: (ବାଥୁଡ଼ି, ଭତ୍ରୀ, ବନ୍‌ଜାରା ଇତ୍ୟାଦି)

୩. ନିର୍ଦ୍ଦିଷ୍ଟ ଗୋଷ୍ଠୀ ପରିଚୟ ନ ଥାଇ ଆନ୍ତର୍ଗୋଷ୍ଠୀୟ ସମ୍ପର୍କ ଭାଷା: (ସାଦ୍‌ରୀ, ଦେଶିଆ, ସମ୍ବଲପୁରୀ (କୋଶଳୀ) ଇତ୍ୟାଦି)

ଏକ ଭୌଗୋଳିକ ପରିଧି ମଧ୍ୟରେ ପରସ୍ପର ଦୁର୍ବୋଧ ଭାଷିକ ପରିବାରର ଏକାନ୍ତ ସହାବସ୍ଥାନ ସେମାନଙ୍କୁ ଭାବର ଆଦାନ ପ୍ରଦାନ ପାଇଁ ଦ୍ୱିଭାଷିକତା କରିଥିବା ସ୍ୱାଭାବିକ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନେ ଆଞ୍ଚଳିକତା ଭିତ୍ତିରେ ଏକ ତୃତୀୟ ଭାଷାକୁ ଆନ୍ତର୍ଗୋଷ୍ଠୀୟ ସ୍ତରରେ ସମ୍ପର୍କ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି। ଏହି ସମ୍ପର୍କ

ଭାଷା ହୁଏତ ଏକ ପ୍ରଭାବୀ ଗୋଷ୍ଠୀର ବ୍ୟବସାୟ / ପ୍ରଶାସକର ସମ୍ପର୍କ ଭାଷା ହିସାବରେ ପ୍ରଚଳିତ ହେବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ମୂଳ ଅଧିବାସୀଙ୍କ ଦ୍ୱାରା ସ୍ୱୀକୃତ / ଗୃହୀତ ହୋଇଥାଇପାରେ। ଭାଷା, ବିଶେଷକରି, ଜନଜାତି ଭାଷାକୁ ବିଭିନ୍ନ ଆଞ୍ଚଳିକ ଗୋଷ୍ଠୀର ଭାଷାଙ୍କ ସହ ତୁଳନାତ୍ମକ ତଥା ଉତ୍ପତ୍ତି ସୂତ୍ର ଭିତ୍ତିରେ ଗବେଷଣା କରାଯାଇ ପାରିଲେ ଓଡ଼ିଶାର ଜନଜାତିଙ୍କ ଭାଷା-ଉପଭାଷା-ବୋଲିର ସମ୍ପର୍କ ଓ ସୂତ୍ର ଜାଣିବାରେ ସହାୟକ ହୋଇପାରନ୍ତା।

# ଯୌଥ ପରିବାର ଓ ଅବସାଦ ହ୍ରାସ



ଡ. ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

ଏହା ଅତି ସାଧାରଣ କଥା ଯେ ଡିପ୍ରେସନ୍ ବା ମାନସିକ ଅବସାଦ କ୍ରମଶଃ କାୟାବିସ୍ତାର କରି ସମଗ୍ର ସଭ୍ୟଜଗତକୁ କବଳିତ କରିଛି। ମାନସିକ ଶକ୍ତିର ଅଭାବ, ଦୁଃଖଦ ମିଜାସ, ଆଗ୍ରହହୀନତା, ଲୋକସମ୍ପର୍କର ଅଭାବ ଏବଂ ଆନନ୍ଦାନୁଭବର ଅସାମର୍ଥ୍ୟ ଏହାର ମୁଖ୍ୟ ଲକ୍ଷଣ। ଏହାସହିତ କ୍ରୋଧ, ଉଦ୍‌ବେଗ ଓ ଅପରାଧବୋଧ ପ୍ରକାଶ ପାଇପାରେ। କ୍ଳାନ୍ତି, ନିଦ୍ରାହୀନତା, କ୍ଷୁଧା ନ ଲାଗିବା ଓ ଓଜନ କମିଯିବା ପରି ଶାରୀରିକ ପରିବର୍ତ୍ତନ ପରିଦୃଷ୍ଟ ହୁଏ। ବ୍ୟକ୍ତି ନିଜକୁ ଅସହାୟ ଓ ଅପଦାର୍ଥ ବିଚାର କରିବାର ଲକ୍ଷଣ ପ୍ରକାଶ ପାଏ। ଅବସାଦର ମାତ୍ରା ଖୁବ୍ ଅଧିକ ହେଲେ ଆତ୍ମହତ୍ୟା ପରି ନକାରାତ୍ମକ ଚିନ୍ତନ ମଧ୍ୟ ପରିଦୃଷ୍ଟ ହୁଏ। ବିଷାଦ ବା ଅବସାଦର ବହୁଳତା ଯୋଗୁଁ ଶରୀରର ଥଣ୍ଡା ଓ କାଶ ପରି ଅବସାଦକୁ ମାନସିକ ରୋଗର ଥଣ୍ଡା ଓ କାଶ ଆଖ୍ୟା ଦିଆଯାଇଛି।

ବିଷାଦର ଏପରି ବ୍ୟାପକତା ସତ୍ତ୍ୱେ ବିସ୍ମୟର କଥା ହେଉଛି ଯେ ଦେଶ ଦେଶ ମଧ୍ୟରେ ବିଷାଦର ତୀବ୍ରତା ନେଇ ପାର୍ଥକ୍ୟ ରହିଛି। ୟୁକ୍ରେନ୍ ପରି ଦେଶରେ ଏହା ପ୍ରାୟତଃ ଅନୁପସ୍ଥିତ ଥିବା ସ୍ଥଳେ ତାଇୱାନରେ ମାତ୍ର ଦୁଇ ପ୍ରତିଶତରୁ କମ୍ ସଂଖ୍ୟକ ଲୋକ ବିଷାଦଗ୍ରସ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଆମେରିକା ପରି ବିକଶିତ ଦେଶରେ ବିଷାଦଗ୍ରସ୍ତ ଲୋକମାନଙ୍କର ସଂଖ୍ୟା ୧୫ ପ୍ରତିଶତରୁ ୨୦ ପ୍ରତିଶତ ମଧ୍ୟରେ ରହି ଉଦ୍‌ବେଗର କାରଣ ହୋଇଛି। ଭାରତରେ ମଧ୍ୟ ବିଷାଦଗ୍ରସ୍ତ ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି।

ବିଷାଦ ବିରୁଦ୍ଧରେ ବିଜୟ ଲାଭ ପାଇଁ ଏକାଧିକ ମାର୍ଗ ରହିଛି। ଯେଉଁ ଦେଶମାନଙ୍କରେ ବିଷାଦକୁ ଖୁବ୍ ସୀମିତ ରଖାଯାଇଛି ସେ ଦେଶଗୁଡ଼ିକରେ ସକ୍ରିୟ ଥିବା ଉପାଦନଗୁଡ଼ିକ ଚିହ୍ନଟ କରାଯାଇପାରିଲେ ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ଆଶାବାଦର କାରଣ ହେବ। ଗବେଷକ ଓ ମନୋବିଜ୍ଞାନୀମାନେ ସର୍ବେକ୍ଷଣ ଓ ଅନୁଶୀଳନ ମାଧ୍ୟମରେ ତିନୋଟି ଉପାଦାନର ସକାରାତ୍ମକ ଭୂମିକା ସୁସ୍ପଷ୍ଟ କରିଛନ୍ତି।

ପ୍ରଥମ ଉପାଦାନଟି ହେଉଛି ଲୋକସଂସର୍ଗ ଓ ସହାବସ୍ଥାନ। ଦୂର ଅତୀତରେ ପ୍ରାଚୀନ ପରିବେଶର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ୫୦ରୁ ୨୦୦ ପର୍ଯ୍ୟନ୍ତ ମଣିଷ ବସବାସ କରୁଥିବା ଛୋଟ ଛୋଟ ଦଳରୁ ସମାଜର ଉଦ୍‌ବର୍ତ୍ତନ ଘଟିଲା। ଛୋଟିଆ ଦଳର ପରିପ୍ରେକ୍ଷୀ ମଧ୍ୟରେ ଯେପରି ଅନ୍ତରଙ୍ଗ ସମ୍ପର୍କରେ ଭିତ୍ତିଭୂମି ରହିଥିଲା ଏବଂ ପାରସ୍ପରିକ ବିବାଦ ଉପୁଜିଲେ ମଧ୍ୟ ସମାଧାନର ସମ୍ଭାବନା ପ୍ରଶସ୍ତ ଥିଲା, ତାହା ଆଧୁନିକ ଅତିବୃହତ୍ ଜନବସତିରେ ସମ୍ଭବ ହେଉନାହିଁ। ବିସ୍ତାରିତ ପରିବାର ମାନସିକ ଚାପକୁ ଯେପରି ଶୋଷି ନେଉଥିଲା, ତାହା ଏବେ ସମ୍ଭବ ହେଉନାହିଁ। ସୁତରାଂ ଆଧୁନିକ ସମାଜରେ



ସ୍ୱର୍ଦ୍ଧିତ ପରିବାରର ବିକଳ୍ପକୁ ରୂପ ଦେବାକୁ ହେଲେ ବୈଦ୍ୟୁତିକ ଉପକରଣର ସାହାଯ୍ୟ ନେଇ ସଂଯୋଗର ବାତାବରଣ ରକ୍ଷା କରିବାକୁ ହେବ। ଭିଡିଓ ସଂଯୋଗ, ଇମେଲ୍, ଫୋନ୍ ଏବଂ ଏହିପରି ସବୁ ସାଧନ ସାମଗ୍ରୀ ମାଧ୍ୟମରେ ବିସ୍ତାରିତ ପରିବାରର ପରିବେଶ ଗଠନ କରିପାରିଲେ ବିଷାଦର ମାତ୍ରା ନିୟନ୍ତ୍ରିତ ରହିବ।

ଯେଉଁସବୁ ଦେଶରେ ବିଷାଦର ମାତ୍ରା ଖୁବ୍ ରହିଛି, ସେଠାରେ ଲକ୍ଷ୍ୟ କରାଯାଇଛି ଯେ ସନ୍ତାନ ଓ ଜନନୀ ମଧ୍ୟରେ ସମ୍ପର୍କ ଖୁବ୍ ନିବିଡ଼ ଓ ଅନ୍ତରଙ୍ଗ। କେବଳ ଜନ୍ମଦାତ୍ରୀ ଜନନୀ ସହିତ ନୁହେଁ, ସମ୍ପ୍ରସାରିତ ପରିବାରରେ ମାତୃସ୍ଥାନୀୟ ନାରୀମାନଙ୍କ ସହିତ ପିଲାମାନଙ୍କର ଶ୍ରଦ୍ଧାଶୀଳ ସମ୍ପର୍କ ଗଠିତ ହୁଏ। ଅବସାଦ ନିୟନ୍ତ୍ରଣ କ୍ଷେତ୍ରରେ ଏପରି 'ବହୁଜନନୀ ପରିକଳ୍ପନା' ସକ୍ରିୟ ଥିବାର ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି। ଅନେକ ଭାରତୀୟ ପରିବାରରେ ପିଲାମାନେ ମାଉସୀ, ପିଉସୀ, ଖୁଡ଼ି ଓ ବଡ଼ ମା' ପରି ମାତୃ ବିକଳ୍ପ ଗହଣରେ ବଡ଼ ହୁଅନ୍ତି। ସେମାନଙ୍କର ବହୁ ଅଳିଅର୍ଦ୍ଦଳି ଏମାନଙ୍କ ମାଧ୍ୟମରେ ପୂରଣ ହୁଏ। ବହୁ ଆଶାଆକାଂକ୍ଷା ସାକାର ରୂପ ନିଏ। କହିବା ଅନାବଶ୍ୟକ ଯେ ଏହି ମାତୃସୁଲଭ ସ୍ନେହଶ୍ରଦ୍ଧା ବିଷାଦ ଓ ମାନସିକ ଚାପକୁ ବେଶ୍ କମାଇଦିଏ। ପିଲାମାନଙ୍କର ମାନସିକ ବେଦନା କମାଇବା ପାଇଁ ମା' କିମ୍ବା ସେହିପରି ଜଣେ ସ୍ନେହପ୍ରବଣ ଉପଦେଷ୍ଟା ଯେ ନିତାନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ। ବିଶେଷତଃ ବାଳିକାମାନଙ୍କ ପାଇଁ ମା'ର ବନ୍ଧୁତ୍ୱ ଏକ ଅପରିହାର୍ଯ୍ୟ ଉପାଦାନ।

ଏତଦ୍‌ବ୍ୟତୀତ ବିସ୍ତାରିତ ପରିବାରର ଅନ୍ୟ ଗୋଟିଏ ବିଶେଷତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁ କ୍ଷେତ୍ରରେ ଶିଶୁର ଅଳ୍ପ ବୟସରେ କୌଣସି କାରଣରୁ ଜନନୀର ମୃତ୍ୟୁ ହୋଇଥାଏ, ସେଠାରେ ଶିଶୁ ଅସହାୟ ହୋଇ ବିଷାଦର ଶରବ୍ୟ ହୁଏ। ମାତ୍ର ଯେଉଁସବୁ ଦେଶରେ ବିସ୍ତୃତ ପରିବାର ପରିପ୍ରେକ୍ଷୀରେ ପିଉସୀ, ମାଉସୀ ପରି ମାତୃ-ବିକଳ୍ପ ଶିଶୁକୁ ଆଦରି ନେବାର ସମ୍ଭାବନା ଅଛି, ସେଠାରେ ବିଷାଦ ହ୍ରାସ ପାଇବାର ମଧ୍ୟ ସମ୍ଭାବନା ରହିଛି।

ବହୁ ମନୋବିଜ୍ଞାନୀ ଲକ୍ଷ୍ୟ କରିଛନ୍ତି ଯେ ତାଇୱାନ୍‌ରେ ବିଷାଦର ମାତ୍ରା ନଗଣ୍ୟ (ଜନବସତିରେ ଦୁଇ ପ୍ରତିଶତରୁ କମ୍)। ଅନ୍ୟାନ୍ୟ କାରଣ ମଧ୍ୟରେ ଏକ ବିଶିଷ୍ଟ କାରଣ ହେଉଛି ଯେ ପିଲାଦିନରୁ ଧାରଣା ଦିଆଯାଏ ଯେ ଆମର ସ୍ଥିତି ମୁଖ୍ୟତଃ ଯୌଥ ଜୀବନଭିତ୍ତିକ। ସୁତରାଂ ପରିବାରରେ କାହାକୁ ହରାଇବାର ଦୁଃଖର କିଛିଟା ସହ୍ୟ କରିହୁଏ। ଚୀନ୍ ଓ ଜାପାନ୍ ପରି ଦେଶରେ ଲୋକସନ୍ତପ୍ତ ପରିବାରରେ ଶ୍ରାଦ୍ଧ ପରି କିଛି ବିଧିବିଧାନ ମାଧ୍ୟମରେ ସଙ୍କେତ ଦିଆଯାଏ ଯେ ଦେହାନ୍ତ ଘଟିଥିବା ବ୍ୟକ୍ତିମାନେ ମଧ୍ୟ ପରିବାରର ଅଂଶବିଶେଷ। ଏପରି ଏକ ମାନସିକତା ପରିବାର ଓ ଯୌଥ ଜୀବନର ବଳୟକୁ ପ୍ରସାରିତ କରି ମାନସିକ ବେଦନାକୁ ହାଲୁକା କରେ।

ମନସ୍ତାତ୍ତ୍ୱିକ ଅନୁଶୀଳନରେ ଆଉ ଗୋଟିଏ ଉପାଦାନର ପ୍ରଭାବ ଲକ୍ଷ୍ୟ କରାଯାଇଛି। ତାହା ହେଉଛି ଶୋକପାଳନର ବିଧିବିଧାନ। ଏହା ସ୍ପଷ୍ଟ ଭାବରେ ଲକ୍ଷ୍ୟ କରାଯାଇଛି ପାଶ୍ଚାତ୍ୟ ଦେଶ ସମେତ ବହୁ ଆଧୁନିକ ସମାଜରେ ବ୍ୟକ୍ତିଗତ ଶୋକ ଓ ବିଷାଦକୁ ଚାପି ରଖିବାର ପ୍ରରୋଚନା ଦିଆଯାଏ। ମାତ୍ର ଅନ୍ୟ କେତେକ ସମାଜରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ଏବଂ ଅନ୍ୟ କୌଣସି ଅଭାବନୀୟ ଘଟଣା ପରେ ପ୍ରକାଶ୍ୟ ଭାବରେ ଶୋକ ପ୍ରକାଶର ସାମାଜିକ ଅନୁମୋଦନ ରହିଛି। ବ୍ୟକ୍ତିଗତ ସ୍ତରରେ କିମ୍ବା ଦଳଗତ ଭାବରେ କାନ୍ଦିବାର ଦୃଶ୍ୟ ଏହାର ଏକ ଉଦାହରଣ। ସାଧାରଣତଃ ଦେଖାଯାଏ ଯେ ଶ୍ରାଦ୍ଧ କିମ୍ବା ଅନ୍ୟ କିଛି ବିଧିବିଧାନ ମାଧ୍ୟମରେ ଶୋକ ଅଭିବ୍ୟକ୍ତିର ପ୍ରଭାବ ରହିଛି। ନିଜକୁ ହାଲୁକା କରିବା ଦିଗରେ ଏହା ସହାୟକ ହୁଏ। ବିଷାଦର ମାତ୍ରା ଖୁବ୍ କମ୍ ରହୁଥିବା ଦେଶମାନଙ୍କରେ (ଚୀନ୍, ଜାପାନ ଓ ତାଇୱାନ୍) କୌଣସି ବ୍ୟକ୍ତିର ମୃତ୍ୟୁ ପରେ ତା'ର ପରିବାରବର୍ଗ ଅନ୍ତ୍ୟେଷ୍ଟିକ୍ରିୟାକୁ ବିସ୍ତୃତ ଭାବରେ ପାଳନ କରନ୍ତି। ମୃତ୍ୟୁଜନିତ କ୍ଷତି କେବଳ ବ୍ୟକ୍ତିର ନୁହେଁ, ଏହା ହେଉଛି ଗୋଷ୍ଠୀର ଏପରି ଏକ ମନୋଭାବ ପ୍ରକାଶ କରାଯାଏ।

ପରିଶେଷରେ କୁହାଯାଇପାରେ ଯେ ଅବସାଦ ନିୟନ୍ତ୍ରଣ ଦିଗରେ ବହୁବିଧ ଉପାୟ ଥିଲେ ମଧ୍ୟ କମ୍ ଅବସାଦଗ୍ରସ୍ତ ଦେଶସମୂହ ଆମକୁ କିଛି ଶିକ୍ଷା ଦିଅନ୍ତି। ବର୍ତ୍ତମାନ ଭୌତିକ ସ୍ତରରେ ଏକାନ୍ନବର୍ତ୍ତୀ ବିସ୍ତାରିତ ପରିବାର ସମ୍ଭବ ନ ହେଲେ ମଧ୍ୟ ଯୋଗାଯୋଗ ଓ ଭାବଗତ ଆଦାନପ୍ରଦାନର ପରିବେଶ ସୃଷ୍ଟି କରିବାକୁ ହେବ। ଶୈଶବ ଅବସ୍ଥାରୁ ମା' କିମ୍ବା ମାତୃ-ବିକଳ୍ପ ସ୍ନେହମୟୀ ବ୍ୟକ୍ତିତ୍ୱ ସହ ନିବିଡ଼ତା ରକ୍ଷା କରିବାକୁ ହେବ। ଦୁଃଖଦ ଘଟଣା ସମୟରେ ମାନସିକ ବେଦନାକୁ ସମ୍ପୂର୍ଣ୍ଣ ଚାପି ନ ଦେଇ କିଛିଟା ପ୍ରକାଶ୍ୟ ପରିପ୍ରକାଶର ସାମାଜିକ ଅନୁମୋଦନର ପରିବେଶ ରକ୍ଷା କରିବାକୁ ହେବ। ଏପରି କେତୋଟି ବ୍ୟବସ୍ଥା ସହାୟକ ଅବସ୍ଥା ସୃଷ୍ଟି କରିବାର ପ୍ରାମାଣିକ ସିଦ୍ଧାନ୍ତ ମିଳିପାରିଛି।

# ମୀନାକ୍ଷୀ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

**ଭୁବନେଶ୍ୱର, ୩୦।୧(ସମିସ):** ବିଧାୟକ ତାରା ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କୁ ରାଜ୍ୟ ମହିଳା ସଂଗଠନର ସଭାନେତ୍ରୀ ଭାବରେ ନିଯୁକ୍ତି ଦେଇଛି କଂଗ୍ରେସ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଶ୍ରୀମତୀ ବାହିନୀପତିଙ୍କ ଏହି ନିଯୁକ୍ତିକୁ ଅନୁମୋଦନ କରିଥିବା ନେଇ ଦଳର ଜାତୀୟ



- **ମହିଳା ସଂଗଠନ ମଜଭୁତ କରିବାକୁ ଦଳର ଫୋକସ**
- **ମହିଳା ଭୋଟ୍ ଉପରେ ସବୁ ଦଳର ରହିଛି ନଜର**
- **ନୂଆ ପଦ ତାରା ଓ ମିନାକ୍ଷୀଙ୍କ ରାଗ କରିବ ପ୍ରଶମିତ**

ସାଧାରଣ ସମ୍ପାଦକ(ସଙ୍ଗଠନ) କେସି ଭେଣୁ ଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ମିନାକ୍ଷୀ ବାହିନୀପତି କୋରାପୁଟ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଭାବେ ୨ ଥର ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ସେ କୋରାପୁଟ ଜିଲ୍ଲା କଂଗ୍ରେସର ସଭାପତି ଭାବେ ୨୦୧୧ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ ଧରି କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନ ସେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଅଛନ୍ତି। କୋରାପୁଟରେ ମିନାକ୍ଷୀ ଓ ତାଙ୍କ ସ୍ୱାମୀ ତାରା ବାହିନୀପତିଙ୍କର ଯଥେଷ୍ଟ ପ୍ରଭାବ ରାଜ୍ୟ ମହିଳା କଂଗ୍ରେସରେ ମଧ୍ୟ ମିନାକ୍ଷୀଙ୍କର ବେଶ ପ୍ରଭାବ ରହିଛି। ମିନାକ୍ଷୀଙ୍କ ଏହି ନିଯୁକ୍ତି ସାମ୍ପ୍ରତିକ ସମୟରେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ଆସନ୍ତା ନିର୍ବାଚନରେ ଅଧିକରୁ ଅଧିକ ମହିଳା ଭୋଟ୍ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ମିଶନ ଶକ୍ତି ସହ ରାଜ୍ୟ ସରକାରଙ୍କ ମହିଳା କୈନ୍ଦ୍ରୀକ ଯୋଜନାକୁ ଆଧାର କରି ବିଜେଡି ମହିଳାଙ୍କ ପାଖରେ ପହଞ୍ଚୁଛି। ସେହିପରି ଉଜ୍ୱଳା ଯୋଜନା ସହ ‘ବେଟି ବଚାଓ, ବେଟି ପଢ଼ାଓ’ ଭଳି ଯୋଜନା ଗଣାଇ ବିଜେପି ମହିଳାଙ୍କୁ ନିଜ ଆଡ଼କୁ ଟାଣିବାକୁ ଯୋଜନା କରିଛି। ଏହି ଦୁଇ ଦଳର ରଣନୀତିକୁ ଭେଦ କରି କଂଗ୍ରେସ କିପରି ମହିଳା ଭୋଟ୍‌ରଙ୍କୁ ନିଜ ସପକ୍ଷରେ ଆଣିବ ତାହା ଆହ୍ୱାନପୂର୍ଣ୍ଣ ରହିବା ମନେ କରାଯାଉଛି।

ଏଆଇସିସି ପକ୍ଷରୁ ରାଜ୍ୟରେ କିପରି ମହିଳା ଭୋଟ୍ ଦଳ ଆଡ଼କୁ ଆସିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆସନ୍ତା ନିର୍ବାଚନରେ ଦଳ ପକ୍ଷରୁ ପୂର୍ବାପେକ୍ଷା ଅଧିକ ମହିଳାଙ୍କୁ ଟିକଟ୍ ଦିଆଯିବା ପାଇଁ ଯୋଜନା କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ମିନାକ୍ଷୀଙ୍କ ଭଳି ଜଣେ ଲଢ଼ୁଆ ନେତ୍ରୀ ଦଳ ପାଇଁ ବଡ଼ ସମ୍ଭାବନା ସୃଷ୍ଟି କରିବେ ବୋଲି ଦଳ ଆଶା ରଖିଛି। ଅନ୍ୟପଟେ ଶ୍ରୀମତୀ ବାହିନୀପତିଙ୍କୁ ଗତବର୍ଷ ଜୁନ୍ ମାସରେ କୋରାପୁଟ ଜିଲ୍ଲା ସଭାପତି ପଦରୁ ହଟାଇ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ସ୍ଥାନ ଦିଆଯାଇଥିଲା। ଏହାକୁ ନେଇ ତାରା ଓ ମିନାକ୍ଷୀଙ୍କ ସମର୍ଥକମାନେ କ୍ଷୁବ୍ଧ ହେବା ସହ ତାରା ମଧ୍ୟ ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଗସ୍ତ କରିଥିଲେ। ଏବେ ମିନାକ୍ଷୀଙ୍କ ଏହି ନୂତନ ନିଯୁକ୍ତି ପୁରୁଣା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ସହ ଉଭୟ ତାରା ଓ ମିନାକ୍ଷୀଙ୍କ ସମର୍ଥକଙ୍କ ରାଗ ପ୍ରଶମିତ କରିବ ବୋଲି ଚର୍ଚ୍ଚା ହେଉଛି।

# ନକଲି ଶିକ୍ଷକଙ୍କ ତଥ୍ୟ ଦେଉ ନାହାନ୍ତି ୧୧ ଜିଲ୍ଲା

**ଭୁବନେଶ୍ୱର, ୩୦।୧(ସମିସ):** ନକଲି ଶିକ୍ଷକଙ୍କ ତଥ୍ୟ ଦେଉନାହାନ୍ତି ୧୧ ଜିଲ୍ଲା ଶିକ୍ଷା ଅଧିକାରୀ। ଗତ ଡିସେମ୍ବର ୨୯ ତାରିଖରେ ନକଲି ଶିକ୍ଷକଙ୍କ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଗଜପତି, ଜଗତସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲା ତଥ୍ୟ ଦାଖଲ କରିନାହାନ୍ତି। ଫଳରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ୩୦ ତାରିଖ ସୁଦ୍ଧା ନକଲି ଶିକ୍ଷକଙ୍କ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଏହାର ଅବଧି ପୂରଣ ହେଉଛି। ନକଲି ଶିକ୍ଷକଙ୍କ ବାବଦରେ ରାଜ୍ୟବ୍ୟାପୀ ତଥ୍ୟ ଉପଲବ୍ଧ ହେଉ ନଥିବାରୁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶ ଅନୁପାଳନ ନେଇ ସରକାର ସତ୍ୟପାଠ ଦାଖଲ କରିପାରୁନଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ନିର୍ଦ୍ଦେଶର ପ୍ରାୟ ମାସେ ପରେ ମଧ୍ୟ ତଥ୍ୟ ଦାଖଲ କରିନଥିବାରୁ ଗତ ୨୫ ତାରିଖରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଗାଁକୁ ଭାଗ କରିଛି ଦୁଇ ଜିଲ୍ଲା

# ଗୋଟିଏରେ ଘରଦ୍ୱାର; ଆରଟିରେ ଜମିବାଡ଼ି

**ମାଲକାନଗିରି,୩୦।୧(ସମିସ):** ଗାଁ ଗୋଟିଏ, କିନ୍ତୁ ଜିଲ୍ଲା ଦୁଇ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଘରଦ୍ୱାର ଗୋଟିଏ ଜିଲ୍ଲା ଅଧୀନରେ ଥିବା ବେଳେ ଜମି ବାଡ଼ି ଆଉ ଗୋଟିଏ ଜିଲ୍ଲାରେ। ଗାଁ ମଝିରେ ଦୁଇ ଜିଲ୍ଲାର ଅଲଗା ଅଲଗା ବୋର୍ଡ ଲାଗିଛି। ସରକାରୀ ଯୋଜନା ବି ଦୁଇଟି ଯାକ ଜିଲ୍ଲାରୁ ମିଳୁଛି। ଏପରିକି ଗାଁରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ବି ରହିଛି। କିନ୍ତୁ ଗୋଟିଏ ଗାଁକୁ ଦୁଇ ଦୁଇଟି ଜିଲ୍ଲାର ପରିଚୟ ମିଳିଥିବାରୁ ଏହାକୁ ନେଇ ଗ୍ରାମବାସୀ ଅନେକ ସମୟରେ ହରଡ଼ଘଣାରେ ପଡୁଛନ୍ତି। ନିଜକୁ କେଉଁ ଜିଲ୍ଲାର ଅଧିବାସୀର ପରିଚୟ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଆଧାର କାର୍ଡରେ ଗୋଟିଏ ଜିଲ୍ଲାର ନାମ ରହିଥିବା ବେଳେ ଜମିପଟ୍ଟାରେ ଆଉ ଏକ ଜିଲ୍ଲାର ନାଁ ରହିଥିବାରୁ ବିକ୍ରି-ଖରିଦ, କିସମ ପରିବର୍ତ୍ତନ ଆଦି ସମୟରେ ଗ୍ରାମବାସୀ ନାନା ହଇରାଣ ହରକତ ହେଉଛନ୍ତି। ଏପରି ଏକ ଗ୍ରାମ ହେଉଛି, ମାଲକାନଗିରି ଓ କୋରାପୁଟ ଜିଲ୍ଲା ସୀମାନ୍ତରେ ରହିଥିବା କୁଲାବେଡ଼ା ଗାଁ।






ଗାଁରେ ପାଖାପାଖି ଶହେ ପରିବାର ବସବାସ କରନ୍ତି। ୬୦ ପରିବାରଙ୍କ ଆଧାର କାର୍ଡରେ ପରିଚୟ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ କୁଟନିପାଲି ଗ୍ରାମପଞ୍ଚାୟତର କୁଲାବେଡ଼ା ଗାଁ ଲେଖା ଯାଇଥିବା ବେଳେ ବାକି ୪୦ ପରିବାରଲୋକଙ୍କ ଠିକଣା କୋରାପୁଟ

**ଦ୍ୱୈତ ପରିଚୟ ପାଇଁ ହରଡ଼ଘଣାରେ କୁଲାବେଡ଼ା ଗ୍ରାମବାସୀ**

ଜିଲ୍ଲା ବୈପାରୀଗୁଡ଼ା ବ୍ଲକର ଦଣ୍ଡାବାଡ଼ି ଗ୍ରାମ ପଞ୍ଚାୟତର କୁଲାବେଡ଼ାରେ ଗାଁ ଉଲ୍ଲେଖ ରହିଛି। ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ସବୁ ଦୁଇ ଦୁଇଟି ହୋଇଥିବାବେଳେ କୋରାପୁଟ ଜିଲ୍ଲା ଅପେକ୍ଷା ମାଲକାନଗିରି ଜିଲ୍ଲା ଅଧୀନରେ ରହିଥିବା ଲୋକଙ୍କୁ ଅଧିକ ସୁବିଧା ମିଳୁଥିବା କହିଛନ୍ତି ଗ୍ରାମବାସୀ। କାରଣ ଲୋକଙ୍କ ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ହେଲେ ମାଲକାନଗିରି ଜିଲ୍ଲା ନିକଟତମ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ଲୋକଙ୍କ ପାଇଁ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ଦୂରତା ବେଶ୍ ଅଧିକ ରହିଛି। କୋରାପୁଟ ଜିଲ୍ଲା ମୁଖ୍ୟାଳୟକୁ ଜରୁରୀ କାର୍ଯ୍ୟ ପାଇଁ ଯିବାକୁ ହେଲେ ଅଧିକ ସମୟ ଲାଗୁଥିବା ବେଳେ ମାଲକାନଗିରି ଆସିବାକୁ ଲୋକଙ୍କୁ ସହଜ ହୋଇଥାଏ।

ଗ୍ରାମବାସୀଙ୍କ କହିବାନୁଯାୟୀ, ସାର୍ଟିଫିକେଟ୍ କିମ୍ବା ଅନ୍ୟ କୌଣସି ପ୍ରମାଣପତ୍ର ବାହାର କରିବା ପାଇଁ ହେଲେ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେହିପରି ଧାନବିକ୍ରି ପାଇଁ ମଣ୍ଡି କାର୍ଡ କରିବାକୁ ଗଲେ ମଧ୍ୟ ହଇରାଣ ହେବାକୁ ପଡ଼େ। କାରଣ ଜମିପଟ୍ଟା ସବୁ ମାଲକାନଗିରି ଜିଲ୍ଲାରେ ଥିବା ବେଳେ ଭୋଟର୍ ଆଇଡି କାର୍ଡ ତଥା ଆଧାର କାର୍ଡ ସବୁ କୋରାପୁଟ ଜିଲ୍ଲାରେ ରହିଛି। ତେବେ ଏହି ଜିଲ୍ଲା ବିବାଦର ସମାଧାନ ପାଇଁ ଉଭୟ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସଂପର୍କରେ ମାଲାକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ଜିଲ୍ଲା ସୀମାରେ ରହିଥିବାରୁ ଏଭଳି ସମସ୍ୟା ଦେଖାଯାଇପାରେ। ଏନେଇ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୧୯୯୨ ମସିହାରେ କୋରାପୁଟ ଜିଲ୍ଲା ବିଭକ୍ତ ହୋଇ କୋରାପୁଟ ଓ ମାଲକାନଗିରି ଜିଲ୍ଲା ସୃଷ୍ଟି ହୋଇଥିଲା। ହେଲେ କୁଲାବେଡ଼ା ଗାଁ କେଉଁ ଜିଲ୍ଲାରେ ରହିବ, ତାହା ନିଷ୍କର୍ଷ ହୋଇପାରିନଥିଲା। ସେବେଠାରୁ ଏହି ଗାଁ ୨ ଜିଲ୍ଲାର ଗାଁ ତାଲିକାରେ ରହିଛି।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

# ଡାକ୍ତରଙ୍କୁ ନିର୍ଧୁମ୍ ପିଟିଲେ ରୋଗୀଙ୍କ ସମ୍ପର୍କୀୟ

**ବଲାଙ୍ଗିର, ୩୦।୧ (ସମିସ):** ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସଂପର୍କୀୟମାନେ କର୍ତ୍ତବ୍ୟରତ ଜଣେ ଡାକ୍ତରଙ୍କୁ ନିର୍ଧୁମ୍ ମାଡ଼ ମାରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଆର୍.ଏନ୍ ଦଳପତି। ତେବେ ଉପସ୍ଥିତ ସୁରକ୍ଷା କର୍ମୀମାନେ ସେଠାରେ ପହଞ୍ଚି ଡାକ୍ତରଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁସାରେ, ବଲାଙ୍ଗିର ସହର ଡୁଙ୍ଗୁରିପଡ଼ାର ନିକୁ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ସୋମବାର ରାତିରେ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇଥିଲା। ସମ୍ପର୍କୀୟମାନେ ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ। ସେ ସମୟରେ କାର୍ଯ୍ୟରତ ଥିବା ଡାକ୍ତର ଆର୍‌ଏନ୍ ଦଳପତି ଆସି ନଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏପରିକି ସେ ମଦ ପିଇ ନିଶାସକ୍ତ ଅବସ୍ଥାରେ ପଡ଼ି ରହିଥିଲେ



ବୋଲି ଅଭିଯୋଗ କରିଥିଲେ। ଚିକିତ୍ସା ଅବହେଳାରୁ ନିକୁଙ୍କର ମୃତ୍ୟୁ ହୋଇଥିବା କହି ହସ୍ପିଟାଲରେ ହୋ ହାଲ୍ଲା କରିଥିଲେ। ଏପରିକି ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଘଟଣାରେ ଭୀମଭୋଇ ମେଡିକାଲ କଲେଜ ଅଧୀକ୍ଷିକା ଡା. ମାନସୀ ପଣ୍ଡା କହିଛନ୍ତି ଯେ ତଦନ୍ତ ପାଇଁ କମିଟି ଗଠନ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଡାକ୍ତର ଡ୍ୟୁଟି କରୁଥିବାର ଅଭିଯୋଗ ସତ ପ୍ରମାଣିତ ହେଲେ, ଡାକ୍ତରଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଅଭିଯୋଗ

# ଡାକ୍ତରଙ୍କୁ ଚପଲରେ ପିଟିଲେ ମହିଳା

**ପାରଳାଖେମୁଣ୍ଡି,୩୦।୧(ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କୁ ଚପଲରେ ପିଟିଛନ୍ତି ଜଣେ ମହିଳା। ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ମହିଳାଜଣଙ୍କ ଏଭଳି କାଣ୍ଡ ଘଟାଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଡାଃ ରଶ୍ମିକାନ୍ତ ମିଶ୍ର। ଏନେଇ ଡାକ୍ତର ମିଶ୍ର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ଗତବର୍ଷ ଫେବ୍ରୁଆରୀରେ ପାରଳାଖେମୁଣ୍ଡି ସହର ଉପକଣ୍ଠ ଜବାହର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ସ୍କୁଲ କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେହି



ଦିନଠାରୁ ମୃତ ଛାତ୍ରୀଙ୍କ ମା’ ସୁଜ୍ଞାନୀ ଗମାଙ୍ଗ ତାଙ୍କ ଝିଅକୁ ହତ୍ୟା କରି ମାରି ଦିଆଯାଇଛି ବୋଲି ଅଭିଯୋଗ କରି ଆସୁଛନ୍ତି।। ଏହାକୁ ନେଇ ସେତେବେଳେ ପାରଳା ପୁଲିସ ହତ୍ୟା ଏବଂ ପ୍ରମାଣ ନଷ୍ଟ କରିବା ଭଳି ସଂଗୀନ ଦଫାରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ହେଲେ ପୁଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ମୃତ ଛାତ୍ରୀଙ୍କ ପରିବାରଲୋକେ ଓ ଗ୍ରାମବାସୀ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆସୁଛନ୍ତି। ଅନଶନ ମଧ୍ୟ କରିଛନ୍ତି। ଶେଷରେ ରାଜ୍ୟ ସରକାର ତଦନ୍ତଭାର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ୍ କରୁଛି। ହେଲେ ମଙ୍ଗଳବାର ମୃତ ଛାତ୍ରୀଙ୍କ ମା’ ସୁଜ୍ଞାନୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶବ ବ୍ୟବଚ୍ଛେଦ କରିଥିବା ଡାଃ ରଶ୍ମିକାନ୍ତ ମିଶ୍ରଙ୍କୁ ଚପଲରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଝିଅର ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଭୁଲ୍ ଦର୍ଶାଇଛ କହି ସେ ଏପରି କରିଥିଲେ। ଏ ସଂପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଆସିବା ବେଳକୁ ସୁଜ୍ଞାନୀ ଏବଂ ତାଙ୍କ ସାଥୀ ହସ୍ପିଟାଲ୍ ପରିସର ଛାଡ଼ି ଚାଲିଯାଇଥିଲେ। ଏହାପରେ ଡାଃ ରଶ୍ମିକାନ୍ତ ମିଶ୍ର ପାରଳା ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଘଟଣାର ତଦନ୍ତ ପୁଲିସ୍ ପକ୍ଷରୁ କରାଯାଉଥିବା ଜଣାପଡ଼ିଛି। ଏନେଇ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ଡା. ପ୍ରଦୀପ କୁମାର ପଣ୍ଡା କହିଛନ୍ତି ଯେ କାର୍ଯ୍ୟରତ ଡାକ୍ତର ମିଶ୍ରଙ୍କୁ ମହିଳାଜଣକ ମାଡ଼ ମାରି ଗାଳିଗୁଲଜ କରିଛନ୍ତି। ମହିଳା ଏବଂ ତାଙ୍କ ସାଥୀରେ ପ୍ରାୟ ଦଶରୁ ଉର୍ଦ୍ଧ୍ୱ ଲୋକ ଆସିଥିବା ସ୍ପଷ୍ଟ ହୋଇଛି।

# ଅବଶିଷ୍ଟାଂଶ...

## ଟଙ୍କାକରେ ୩୪...

ସରକାରୀ ରାଜକୋଷର ପ୍ରତ୍ୟେକ ୧ ଟଙ୍କାରୁ ୩୪ ପଇସା ଋଣ ସୂତ୍ରରୁ ଆସିଥାଏ। ଏଥିସହିତ ସରକାର ସୁଧ ପୈଠ କରିବା ପାଇଁ ସର୍ବାଧିକ ୨୦ ପଇସା ଖର୍ଚ୍ଚ କରିଥାନ୍ତି। ସ୍ୱାଧୀନ ଭାରତର ପ୍ରଥମ ବଜେଟ୍ ୨୬ ନଭେମ୍ବର ୧୯୪୭ରେ ଶାନମୁଗମ୍ ଚେଟିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହି ବଜେଟର ଆକାର ୧୯୭.୩୯ କୋଟି ଟଙ୍କା ରହିଥିଲା। ୨୦୨୩ରେ ଉପସ୍ଥାପିତ ହୋଇଥିବା ବଜେଟ୍ ୪୫.୦୩ ଲକ୍ଷ କୋଟି ଟଙ୍କା ଥିଲା। ୧୯୪୭ ପରଠାରୁ ଦେଶରେ ୭୩ଟି ସାଧାରଣ ବଜେଟ ଏବଂ ୧୪ଟି ଅନ୍ତରୀଣ ବଜେଟ୍ ଉପସ୍ଥାପିତ ହୋଇଛି।

ବଜେଟ କହିଲେ ଏକ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ସରକାରଙ୍କ ଆୟ ଏବଂ ବ୍ୟୟର ଏକ ଆନୁମାନିକ ବିବରଣୀ। ବଜେଟ ମାଧ୍ୟମରେ ସରକାର ଆସନ୍ତା ଆର୍ଥିକବର୍ଷରେ ଆୟ ତୁଳନାରେ କେତେ ପରିମାଣରେ ଖର୍ଚ୍ଚ କରିପାରିବେ ତାହା ସ୍ଥିର କରିବାକୁ ଚେଷ୍ଟା କରିଥାନ୍ତି। ପ୍ରତ୍ୟେକ ଆର୍ଥିକବର୍ଷ ଆରମ୍ଭରେ ସରକାର ବଜେଟ ଉପସ୍ଥାପନ କରିଥାନ୍ତି। ଭାରତରେ ଆର୍ଥିକ ବର୍ଷର ଅବଧି ୧ଏପ୍ରିଲରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଧରାଯାଇଥାଏ। ଅନ୍ତରୀଣ ବଜେଟକୁ ‘ଭୋଟ୍ ଅନ୍ ଆକାଉଣ୍ଟ କୁହାଯାଏ।

## ପିତାମାତାଙ୍କ ସ୍ୱପ୍ନକୁ...

ଏଥିସହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଉପେନ୍ଦ୍ର ତ୍ରିପାଠୀ ମଧ୍ୟ ଗଞ୍ଜାମ ବ୍ଲକରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷାଲାଭ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର ମଧ୍ୟ ମିଳିଛି। ଯଦି ସେମାନେ ସଫଳତା ପାଇଲେ ତେବେ ଆପଣମାନେ କାହିଁକି ପାରିବେ ନାହିଁ? ତେଣୁ କଠିନ ପରିଶ୍ରମ କରି ପିତାମାତାଙ୍କ ସ୍ୱପ୍ନ ସାକାର କରିବାକୁ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବ୍ରହ୍ମପୁରର ଆମ୍ବପୁଆ ଠାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ରାତାରାତି କାହାକୁ ସଫଳତା ମିଳେ ନାହିଁ, ତା ପଛରେ ରହିଥାଏ କଠିନ ଅଧ୍ୟବସାୟ। କଠୋର ତପସ୍ୟା। ତେଣୁ ଆପଣମାନେ ପରିଶ୍ରମ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତୁ ନାହିଁ। ଆମ ବାପା ମା’ ଆମ ପାଇଁ ବହୁତ ସ୍ୱପ୍ନ ଦେଖିଛନ୍ତି। ତାକୁ ପୂରଣ କରିବା ଦାୟିତ୍ୱ ହେଉଛି ଆମର। ଆପଣମାନେ କେହି ବି କୌଣସି ଗୁଣରେ କମ୍ ନୁହନ୍ତି। ତେଣୁ ପିତାମାତା, ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପଣ କରନ୍ତୁ ଆଉ ତାକୁ ସାକାର କରିବାରେ ଅବହେଳା କରନ୍ତୁ ନାହିଁ। ଯଦି ଜୀବନରେ ସଫଳ ହେବାର ଅଛି ତା ହେଲେ ଏକମାତ୍ର ମାଧ୍ୟମ, ପରିଶ୍ରମ। ୨୪ ଘଣ୍ଟାରୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ହେବ। ସ୍କୁଲ, କଲେଜ, ଟ୍ୟୁସନ୍, ଖେଳ ସବୁଠି ଶତପ୍ରତିଶତ ଧ୍ୟାନ ଲଗାଇବାକୁ ପଡ଼ିବ। ଏହି ପରିଶ୍ରମର ଫଳ ନିଶ୍ଚୟ ମିଳିବ। ବିଶ୍ୱର ସୁନାମଧନ୍ୟ କ୍ରିକେଟର୍ ସଚ୍ଚିନ୍ ତେନ୍ଦୁଲକର ହୁଅନ୍ତୁ ଅବା ସିନେ ତାରକା ଶାହରୁଖ ଖାନ୍, ସେମାନେ ଓଡ଼ିଶା ଆସିଥିବା ବେଳେ ମୁଁ ତାଙ୍କୁ ତାଙ୍କ ସଫଳତାର ରହସ୍ୟ ପଚାରିଥିଲି, ଆଉ ସେମାନେ ସମସ୍ତେ ଗୋଟିଏ ଉତ୍ତର ଦେଇଥିଲେ, ତାହା ହେଉଛି କଠିନ ପରିଶ୍ରମ। ତେବେ ଏତେ ସଫଳତା ପାଇବା ପରେ ମଧ୍ୟ ସେମାନେ କେବେ ବି ପରିଶ୍ରମ କରିବା ଛାଡ଼ି ନାହାନ୍ତି। ତେଣୁ ସେମାନଙ୍କୁ ନିଜ ଜୀବନର ଆଦର୍ଶ କରି ତାଙ୍କ ଭଳି ପରିଶ୍ରମ କରନ୍ତୁ।

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ଅତିବାହିତ ନ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ସବୁ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଆତ୍ମବିଶ୍ୱାସ ବଢ଼ାଅ। ସେଥିରୁ ବିଜୟ ନ ମିଳୁ କିଛି କଥା ନାହିଁ, କିନ୍ତୁ ଜୀବନ ପାଇଁ ବହୁତ ଶିକ୍ଷା ମିଳିବ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନୂଆ-ଓ ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶାରିରୀକ ଓ ମାନସିକ ସୁସ୍ଥତା ପାଇବା ପାଇଁ ପ୍ରତିଦିନ ବ୍ୟାୟାମ କର, ଯୋଗ ପ୍ରାଣାୟାମ କର ବୋଲି ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ୍ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ରୂପାନ୍ତରଣ ପାଇଁ ୯୨ କୋଟି ଟଙ୍କା ଦିଆଯାଇଛି। ଏହି ରୂପାନ୍ତରଣ କାର୍ଯ୍ୟରେ ଗୁଣବତ୍ତା ସୁନିଶ୍ଚିତ କରିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଶେଷ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପରେ ଜିଲ୍ଲାର ୧୫୬ଟି କଲେଜରେ ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ଆଦି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଅଧିକାଂଶ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ୪ ତାରିଖ ସନ୍ଧ୍ୟାରେ...

ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଏହି ବୈଠକ ଅନୁଷ୍ଠିତ ହେବ। ସେହିପରି ବିଜେପି ବିଧାୟକ ଦଳ ବୈଠକ ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ନିଜର ବୈଠକ ୪ ତାରିଖ ସନ୍ଧ୍ୟା ୫ଟା ବେଳେ କରିବ। ବିଧାୟକ ଦଳ ବୈଠକରେ ଉଭୟ ଶାସକ ଓ ବିରୋଧୀ ନିଜ ନିଜର ରଣନୀତି ପ୍ରସ୍ତୁତ କରିବାକୁ ଥିବାବେଳେ ଷୋଡ଼ଶ ବିଧାନସଭାର ଏହି ଶେଷ ସଂକ୍ଷିପ୍ତ ଅଧିବେଶନ ବେଶ୍ ସରଗରମ୍ ରହିବା ନେଇ ଆଶା କରାଯାଉଛି।

ଏହି ଅଧିବେଶନ ଫେବ୍ରୁଆରି ୫ତାରିଖରୁ ଆରମ୍ଭ ହୋଇ ଫେବ୍ରୁଆରି ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ତାରିଖରେ ଅଧିବେଶନର ଉଦଘାଟନୀ ଦିବସରେ ରାଜ୍ୟପାଳ ରଘୁବର ଦାସ ଉଦବୋଧନ ଦେବେ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିତର୍କ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ ତାରିଖରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୦୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଅନ୍ତରୀଣ(କାମଚଳା) ବଜେଟ୍ ଉପସ୍ଥାପନ କରିବେ। ଏହା ମୋସନ ଆକାରରେ ଗୃହରେ ଆଗତ ହୋଇ ଆଲୋଚନା ହେବ। ତା ପରଦିନ ଅର୍ଥାତ୍ ୯ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହେବ।

## ଚାଷୀ ଓଡ଼ିଶାର...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଚାଷୀଭାଇମାନେ ହେଉଛନ୍ତି ଆମର ଶକ୍ତି। ସେମାନଙ୍କ ଶକ୍ତି ବଢ଼ିଲେ ଓଡ଼ିଶାର ଶକ୍ତି ବଢ଼ିବ। ଚାଷୀ ମାନଙ୍କ ଉନ୍ନତି ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଚାଷୀଙ୍କ ଜମିକୁ ପର୍ଯ୍ୟାପ୍ତ ପାଣି ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିଛି। ଜଳ ହେଉଛି ଅମୂଲ୍ୟ ସମ୍ପଦ। ଆପଣ ମାନେ ଜଳର ସଂରକ୍ଷଣ ଓ ପୁର୍ନବ୍ୟବହାର ପାଇଁ ଚେଷ୍ଟା କରନ୍ତୁ। ଫସଲର ବିବିଧକରଣ କରିବା ସହ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଚାଷ କରନ୍ତୁ। ଏହା ଦ୍ୱାରା ଅଧିକ ଅମଳ କରି ଆପଣମାନେ କୃଷି କ୍ଷେତ୍ରରେ ନିଜେ ସଫଳତା ପାଇବା ସହିତ ରାଜ୍ୟକୁ ଏ କ୍ଷେତ୍ରରେ ଅଗ୍ରଣୀ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଚାଷୀଭାଇମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ୫-ଟି ଉପକ୍ରମରେ ରାଜ୍ୟରେ ଜଳସେଚନ ପ୍ରକଳ୍ପ ଗୁଡିକରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି ଏବଂ ଠିକ୍ ସମୟରେ କାମ ଶେଷ କରାଯାଉଛି। କମାଣ୍ଡ ଏରିଆର ବିକାଶ ପାଇଁ ରାଜ୍ୟ ସରକାର ୬୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପାଣି ପଞ୍ଚାୟତର ପ୍ରୋଟୋଟାଇପ୍‌ର ଶୁଭାରମ୍ଭ କରିବା ସହିତ ସେଚ ସହଭାଗିତା ୨.୦ ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରେଷ୍ଠ କୃଷକ, ଶ୍ରେଷ୍ଠ ପାଣି ପଞ୍ଚାୟତ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଶ୍ରେଷ୍ଠ ପ୍ରକଳ୍ପ ଓ ଶ୍ରେଷ୍ଠ ପ୍ରଶାସକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି।

କାର୍ଯ୍ୟକ୍ରମରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଯୋଗୁ ଆଜି ସବୁ କ୍ଷେତ୍ରରେ ରୂପାନ୍ତର ଆସିଛି। କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି। ପାଣି ପଞ୍ଚାୟତ ଜରିଆରେ ଚାଷୀମାନେ ଜଳର ସଦୁପଯୋଗ କରି ଭଲ ଫସଲ କରିପାରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଜଗତସିଂହପୁର ମା’ ବାଟମଙ୍ଗଳା ପାଣି ପଞ୍ଚାୟତର ସଭାପତି ମମତା ଦାସ ଏବଂ ଗଞ୍ଜାମ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପାଣି ପଞ୍ଚାୟତର ସମ୍ପାଦକ ମଦନ ମୋହନ ବିଶ୍ୱାଳ ପାଣି ପଞ୍ଚାୟତ ଯୋଗୁ ଆମେ ପାଣିର ଉଚିତ ବ୍ୟବହାର କରିପାରୁଛୁ। ଏପରିକି ସ୍ୱଳ୍ପ ବୃଷ୍ଟି ସମୟରେ ଭଲ ଫସଲ କରିପାରୁଛୁ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟର ୫୦ଟି ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଟଙ୍କା ଲେଖାଏଁ, ୩୦ଟି ଜିଲ୍ଲାର ୩୦ ଜଣ ଶ୍ରେଷ୍ଠ କୃଷକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୧୦ ହଜାର, ୭୫୦୦ ଏବଂ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଜଗତସିଂହପୁରର ମା’ ବାଟମଙ୍ଗଳା ପାଣି ପଞ୍ଚାୟତ, ଶ୍ରେଷ୍ଠ ଚାଷୀ ଭାବେ ମାଲକାନଗିରିର ପୂର୍ଣ୍ଣିମା ହାଲଦାର, ଶ୍ରେଷ୍ଠ ଛାତ୍ରୀ ଭାବେ କେନ୍ଦ୍ରାପଡ଼ାର ମନସ୍ୱୀ ଦାସ, ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୋଟେରୁ ଜଳସେଚନ ପ୍ରକଳ୍ପ ଓ ଶ୍ରେଷ୍ଠ ଅଧିକାରୀ ଭାବେ ଚିକିଟି ମାଇନର ଜଳସେଚନ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନୀତା ଜେନା ପ୍ରମୁଖଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ସମ୍ମାନିତ ହେବେ...

ସାହିତ୍ୟକୁ ଲୋକାଭିମୁଖୀ କରିବା, ଯୁଗୋପଯୋଗୀ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନ, ଶିଶୁ ଲେଖାକୁ ପ୍ରୋତ୍ସାହିତ କରିବା, ଅନ୍ୟଭାଷାର ଉପାଦେୟ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଛି।

ପାରସ୍ପରିକ ସହଯୋଗରେ ଓଡ଼ିଆ ଭାଷା ଆହୁରି ସମୃଦ୍ଧ ହୋଇପାରିବ ବୋଲି ଭାଷାବିତ୍‌ମାନେ ଉଲ୍ଲେଖ କରିବା ସହ ଏଭଳି ସମ୍ମିଳନୀ ଆୟୋଜନ ପାଇଁ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଜନତା ମଇଦାନ ଠାରେ ଆସନ୍ତା ଫେବୃଆରୀ ୩ ତାରିଖରୁ ତିନି ଦିନ ଧରି ଏହି ସମ୍ମିଳନୀ ଆୟୋଜିତ ହେବ। ଏଥିରେ ତିନିଦିନ ଧରି ଓଡ଼ିଆ ଭାଷାର ଉନ୍ନତି ପାଇଁ ନେଇ ବିଭିନ୍ନ ପର୍ଯ୍ୟାୟ ଭିତ୍ତିକ ଆଲୋଚନା ହେବ।

# ରୂପସା ‘ସକାଳ’ ପ୍ରତିନିଧି ମନୋରଞ୍ଜନ ପ୍ରଧାନଙ୍କ ଅକାଳ ବିୟୋଗ

**ବାଲେଶ୍ୱର, ୩୦।୧(ସମିସ):** ଦୈନିକ ଖବରକାଗଜ ‘ସକାଳ’ର ରୂପସା ପ୍ରତିନିଧି ମନୋରଞ୍ଜନ ପ୍ରଧାନ(ମଣ୍ଟୁ)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ଅକାଳ ବିୟୋଗ ହୋଇଯାଇଛି। କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଆଜି ସନ୍ଧ୍ୟାରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ବାଲେଶ୍ୱର



ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଜଣେ ଦକ୍ଷ ସାମ୍ବାଦିକ ସହ ପ୍ରେସ୍ କ୍ଲବ ବସ୍ତାର କୋଷାଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ। ସେ ବିଭିନ୍ନ ସଙ୍ଗଠନ ସହିତ ମଧ୍ୟ ଯୋଡି ହୋଇ ରହିଥିଲେ। ତାଙ୍କ ବିୟୋଗରେ ‘ସକାଳ’ ଓ ନନ୍ଦିଘୋଷ ପରିବାରର ଅଧ୍ୟକ୍ଷ ମାନସ ରଞ୍ଜନ ମଙ୍ଗରାଜ, ସିଇଓ ସୁବ୍ରତ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଯୁବ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ମହାନ୍ତି, ବରିଷ୍ଠ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ ଓ ଶକ୍ତିପଦ ରାୟଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପ୍ରକାଶ ଥାଉକି ତାଙ୍କ ପତ୍ନୀ ମାଳତୀ ପ୍ରଧାନ ରୂପସା ସାମିଲ ହସନପୁର ପଞ୍ଚାୟତର ସରପଞ୍ଚ ଅଟନ୍ତି।

## ● ହାଇକୋର୍ଟରେ ବେଆଇନ ଚିଙ୍ଗୁଡି ଘେରି ମାମଲା

# ଚିଲିକା ନୀତି ପାଇଁ ପ୍ରକ୍ରିୟା ଜାରି ରହିଥିବା ନେଇ ସତ୍ୟପାଠ

**କଟକ, ୩୦।୧(ସମିସ):** ଆର୍ଦ୍ରଭୂମି ସୁରକ୍ଷା ତଥା ଚିଲିକାରେ ବେଆଇନ ଚିଙ୍ଗୁଡି ଘେରି ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାନି ସତ୍ୟପାଠ ଦାଖଲ କରାଯାଇଛି। ଚିଲିକା ସମ୍ପର୍କିତ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଚିଠା ନୀତିକୁ ଚୂଡାନ୍ତ ପ୍ରକ୍ରିୟା ଜାରି ରହିଥିବା ନେଇ ସତ୍ୟପାଠରେ ଉଲ୍ଲେଖ ରହିଛି। ୬ମାସ ସମୟ ଲାଗିବ ବୋଲି ରାଜ୍ୟ ସରକାର ପୂର୍ବରୁ ଏକ ସତ୍ୟପାଠ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସାନି ସ୍ଥିତି ସମ୍ପର୍କରେ ହାଇକୋର୍ଟଙ୍କୁ ସରକାର ଅବଗତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି ଅଦାଲତ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟପାଠ ଦାଖଲ କରିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପ୍ରସ୍ତୁତ କରିଥିବା ଚିଠା ନୀତିକୁ ଚୂଡାନ୍ତ ପାଇଁ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ଗଠିତ କମିଟି ବୈଠକ ନିକଟରେ ଅନୁଷ୍ଠିତ ହେଉଛି। ପାରମ୍ପରିକ ମତ୍ସ୍ୟଜୀବୀ ଓ ଅଣପାରମ୍ପରିକ ମତ୍ସ୍ୟଜୀବୀ ଓ ଚିଲିକା ଉପକୂଳବାସୀଙ୍କ ସ୍ୱାର୍ଥ ଓ ଜୀବନଜୀବିକା ସହ ଚିଲିକାର ଜୈବ ବିବିଧତା ଆଦି ପ୍ରସଂଗ ଜଡିତ ଥିବାରୁ ମତାମତ ସଂଗହ କରାଯିବା ସହ ଏହାକୁ ବିଚାରକୁ ନିଆଯାଇ ନୂତନ ନୀତି ପ୍ରସ୍ତୁତ କରାଯାଉଛି।

ସକାଳ THE SAKALA



## ସୁନାବେଡ଼ା ଥାନାର ନୂତନ ଅଧିକାରୀ




**ସୁନାବେଡ଼ା,୩୦।୧(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନାରେ ନୂତନ ଥାନା ଅଧିକାରୀ ଭାବେ ସତ୍ୟାନନ୍ଦ ପାତ୍ର ଗତ ଶନିବାର ଯୋଗଦେଇଛନ୍ତି। ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ଏଥି ପୂର୍ବରୁ ଜୟପୁର ଟାଉନ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସୁନାବେଡ଼ା ଥାନାର ପୂର୍ବତନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଜୟପୁର ଟାଉନ ଥାନାକୁ ବଦଳି ହୋଇଯାଇଛନ୍ତି। କାର୍ଯ୍ୟରେ ଯୋଗଦାନ ପରେ ଶ୍ରୀ ପାତ୍ର କହିଛନ୍ତି ଯେ ସୁନାବେଡ଼ା ସହରରେ ଶାନ୍ତିଶୃଙ୍ଖଳା, ଆଇନଶୃଙ୍ଖଳା, ଟ୍ରାଫିକ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାରେ ତାଙ୍କର ପ୍ରାଥମିକତା ରହିବ।

### ● ଆଦିବାସୀ ଅସ୍ଥାବର ସମ୍ପତ୍ତି ହସ୍ତାନ୍ତର ଆଇନ ସଂଶୋଧନ ପ୍ରସ୍ତାବ କ୍ୟାବିନେଟ୍‌ରେ ପ୍ରତ୍ୟାହୃତ

## ମୁଖ୍ୟମନ୍ତ୍ରୀଙ୍କୁ ପରଜା ସମାଜ ବିକାଶ ପରିଷଦ ଜଣାଇଲା ଧନ୍ୟବାଦ

**ଜୟପୁର,୩୦।୧(ସମିସ):** ରାଜ୍ୟରେ ଆଦିବାସୀମାନଙ୍କ ଅସ୍ଥାବର ସମ୍ପତ୍ତିକୁ ହସ୍ତାନ୍ତର ନେଇ କ୍ୟାବିନେଟରେ ପ୍ରସ୍ତାବ ଆଗତ କରାଯାଇଥିଲା। କିନ୍ତୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀମଣ୍ଡଳସ୍ତରୀୟ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ପ୍ରତ୍ୟାହୃତ କରାଯାଇଛି। ରାଜ୍ୟ ସରକାରଙ୍କ ଏପରି ଐତିହାସିକ ନିଷ୍ପତ୍ତିକୁ ଅବିଭକ୍ତ କୋରାପୁଟ ଜିଲ୍ଲା ପରଜା ବିକାଶ ପରିଷଦ ପକ୍ଷରୁ ପ୍ରଶଂସା କରାଯିବା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ପରଜା ବିକାଶ ପରିଷଦର ଅଧ୍ୟକ୍ଷ ଆଇନଜୀବୀ ହରିଶ ମୁଦୁଲୀ ରାଜ୍ୟ ସରକାରଙ୍କ କ୍ୟାବିନେଟର ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତି ନେଇ ପୁଣି ଆଦିବାସୀଙ୍କ ଉନ୍ନତି ଓ ବିକାଶ ପ୍ରତି ନିଜେ ଦାୟିତ୍ୱବାନ ରହିବା ଓ ରାଜ୍ୟରେ ଆଦିବାସୀଙ୍କ ବିକାଶ ପ୍ରତି ଯତ୍ନଶୀଳ ରହିଥିବାର ପ୍ରମାଣ ଦେଇଛନ୍ତି ବୋଲି କହିଛନ୍ତି। ଆଦିବାସୀମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ଭାବେ ସେମାନଙ୍କ ଅସ୍ଥାବର ସମ୍ପତ୍ତିକୁ ବନ୍ଧକ ଭାବେ ରଖାଯାଇ ବିଭିନ୍ନ ସରକାରୀ ଓ ସମବାୟ ବ୍ୟାଙ୍କ ପକ୍ଷରୁ ବିନା ସୁଧ କିମ୍ବା ସ୍ୱଳ୍ପ ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସୂଚନାନୁଯାୟୀ, ଗତ ନଭେମ୍ବର ୧୪ ତାରିଖରେ ଏନେଇ କ୍ୟାବିନେଟରେ ପ୍ରସ୍ତାବ ଆସିଥିଲା। କିନ୍ତୁ ଏନେଇ ଆଲୋଚନା ଓ ବୈଠକ ପରେ ଶେଷରେ ପ୍ରସ୍ତାବକୁ ପ୍ରତ୍ୟାହୃତ କରାଯାଇଛି।

## ଚନ୍ଦାହାଣ୍ଡି ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର, ୩୦।୧(ସମିସ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିର ବିଭିନ୍ନ ଅଞ୍ଚଳରୁ ନିଜନିଜର ବ୍ୟକ୍ତିଗତ, ସାମୂହିକ ସମସ୍ୟା, ଆପତ୍ତି ଏବଂ ଅଭିଯୋଗ ଜଣାଇବା ପାଇଁ ଆସିଥିବା ମୋଟ ୩୪ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ରହିଥିବାବେଳେ ବାକି ୧୦ଟି ଗୋଷ୍ଠୀଗତ ରହିଥିଲା। ଏଥିରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ଓ ବ୍ରିଜ ନିର୍ମାଣ, ବୋରୱେଲ ଖନନ ପାଇଁ ଋଣ, କୃଷି ଋଣ, ଗାର୍ଡୱାଲ୍ ନିର୍ମାଣ, ପୋଖରୀ ଖନନ, କର୍ମ ନିଯୁକ୍ତି, ବଦଳି, ଏମ୍‌ଡିଏମ୍ ଓ ଜମିଜମା କାଗଜ ପତ୍ର ସଂକ୍ରାନ୍ତୀୟ ଇତ୍ୟାଦି ସମସ୍ୟାର ଆପତ୍ତି ଅଭିଯୋଗକୁ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଶୁଣାଣି କରି ଏସବୁର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ୯ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସାମାଜିକ ସୁରକ୍ଷା ସହାୟତାରେ ୨୬ ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଜିଲ୍ଲାପାଳ ଡ. ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆଇଟିଡିଏ ପିଏ ରାଜୀବ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### 'ଆମ ଓଡ଼ିଶା-ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର'

# ଯୋଜନାର ସଫଳ ରୂପାୟନ ଯୋଗୁଁ ବିକାଶ ସମ୍ଭବ

**ମୁନିଗୁଡ଼ା,୩୦।୧(ସମିସ):** ପାଇକରାଣୀ ପିଣ୍ଡା ଗ୍ରାମ ପଞ୍ଚାୟତରେ ଆମ 'ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ବିକାଶର ବାର୍ତ୍ତାକୁ ଦୁର୍ଗମ ଓ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ପଞ୍ଚାୟତସ୍ତରୀୟ ସଚେତନ ଶିବିର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ପାଇକରାଣୀପିଣ୍ଡା ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାୟଗଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁରୁକା, ମୁନିଗୁଡା 'ଖ' ଜୋନ୍ ଜିଲ୍ଲାପରିଷଦ ମାଧବୀ କନ୍ଧପାଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀ, ରାଣୀପିଣ୍ଡା ସରପଞ୍ଚ ଗୌରୀ ଭୋଇ, ସମିତି ସଭ୍ୟ, ନାଏବ ସରପଞ୍ଚ ଭୋଲାନାଥ ବାଗ ଓ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଅନେକ ଷ୍ଟଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଇବା ସହ ଉପସ୍ଥିତ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ




ଲୋକଙ୍କୁ ଅବଗତ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଲୋକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଗ୍ରୁପକୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ଏକ ବହି ଉପସ୍ଥିତ ଗ୍ରାମାବାସୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ଏବଂ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିବାବେଳେ ରାଣୀପିଣ୍ଡା ଗ୍ରାମ ରୋଜଗାର ସେବକ ପ୍ରଫୁଲ୍ଲ ହିଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ଗୋବିନ୍ଦ ସୁନା, ଗଦାଧର ମିଶ୍ର, ରମେଶ ଚନ୍ଦ୍ର ତୁଳ, ସୁନିଲ ଯାଦବ ପ୍ରମୁଖଙ୍କ ସମେତ ଗ୍ରାମରୋଜଗାର ସେବକ ଅଜିତ ନାଗ, ନବୀନ ହିଆଲ, ସୋନାଲି ବ୍ରହ୍ମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ପାତ୍ରଗୁଡ଼ା ପଞ୍ଚାୟତରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁରୁକା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ 'ଖ' ଜୋନ୍ ଜିଲ୍ଲାପରିଷଦ ମାଧବୀ କନ୍ଧପାଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀ, ସରପଞ୍ଚ ଅନନ୍ତ ନୁଣ୍ଡୁରକା, ସମିତି ସଭ୍ୟା ଶକୁନ୍ତଳା ନୁଣ୍ଡୁରୁକା, ମୁନିଗୁଡ଼ା ବ୍ଲକ୍ ସଭାପତି ରତନଲାଲ ଜୈନ, ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନତା କରାଇବା ସହ ଉପସ୍ଥିତ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ବୁଝାଇଥିଲେ। ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ଏକ ବହି ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ନାଲାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ସରଧାପୁର ପଞ୍ଚାୟତ ଗ୍ରାମ ରୋଜଗାର ସେବକ କମଳାକାନ୍ତ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବାବେଳେ ପାତ୍ରଗୁଡ଼ା ପଞ୍ଚାୟତ ଗ୍ରାମ ରୋଜଗାର ସେବକ ପ୍ରଫୁଲ୍ଲ ହିଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜୟପୁର ମହିଳା ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ




**ଜୟପୁର,୩୦।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ମହିଳା ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ସ୍ଥାନୀୟ ବ୍ଲକ୍ ଜିଲ୍ଲା ପରିଷଦ ଜୋନ-୨ର ମହିଳାମାନଙ୍କୁ ନେଇ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ମହିଳା ନେତ୍ରୀ ଡ. ଇନ୍ଦିରା ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ମୁକ୍ତା' ଯୋଜନାର ଉପଦେଷ୍ଟା ତଥା କୋରାପୁଟ ଜିଲ୍ଲା ମହିଳା ବିଜେଡିର ପ୍ରଭାରୀ ମୀରା ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ କହିବା ସହ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ରାଜ୍ୟ ସରକାରଙ୍କ ଏକ ସଫଳତା ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ଦଳକୁ ମଜଭୁତ କରିବା ପାଇଁ ମହିଳାମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏଥିରେ କୋରାପୁଟ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ମହିଳା ଉପସଭାପତି ଡ. ଗାୟତ୍ରୀ ଦେବୀ, ଜୟପୁର ପୌରସଂସ୍ଥାର ଉପାଧ୍ୟକ୍ଷା ବି.ସୁନିତା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁରାଣୀ ମିଶ୍ର, ତୁଳସୀ କିର୍ସାନୀ, କାଉନସିଲର ତଥା ମହିଳା ସାଧାରଣ ସମ୍ପାଦିକା ସୁଷମା ମହାପାତ୍ର, ଦୀପ୍ତି ନାୟକ ଏବଂ ମହିଳା ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ ଯାଇଥିବା ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଜୟପୁର,୩୦।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ବାସିନ୍ଦା ତଥା ଗତ ୧୯୯୨ ମସିହାରେ ଅଯୋଧ୍ୟାରେ କାରସେବକ ଭାବେ ଯୋଗଦେଇଥିବା ବାବୁଭାଇ ବଜରଙ୍ଗୀ ଗତ ୨୨ ତାରିଖରେ ଅଯୋଧ୍ୟାରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ସୋମବାର ସନ୍ଧ୍ୟାରେ ଅଯୋଧ୍ୟାରୁ ଫେରିବା ପରେ ତାଙ୍କୁ ଜୟପୁରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଭିନ୍ନ ସଂଗଠନ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲା। ଏଥିରେ ଗୌତମ ସାମନ୍ତରାୟ, ବରୁଣ ଜୈନ, ବାବୁ ପରିଡା ଓ ବୁଲୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗତ ୧୭ ତାରିଖରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବା ସହ ୧୯ ତାରିଖରେ ସେଠାରେ ସେ ପହଞ୍ଚିଥିଲେ। ସେଠାରେ ସାରା ଦେଶରୁ ବିଭିନ୍ନ ସାଧୁସନ୍ଥଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସମ୍ମାନୀତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କୁ ଫୁଲ ପକାଇ ସମ୍ମାନୀତ କରିଥିଲେ ବୋଲି ବାବୁଭାଇ ବଜରଙ୍ଗୀ ପ୍ରକାଶ କରିଛନ୍ତି।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲାସ୍ତରୀୟ ତ୍ରୟବାର୍ଷିକ ସମ୍ମିଳନୀ

**ନବରଙ୍ଗପୁର, ୩୦।୧(ସମିସ)**

ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ନବରଙ୍ଗପୁର ଶାଖା ତରଫରୁ ରବିବାର ଜିଲ୍ଲାସ୍ତରୀୟ ୧୦ତମ ତ୍ରୟବାର୍ଷିକ ସମ୍ମିଳନୀ ସ୍ଥାନୀୟ ଶୁଭଅଭିନନ୍ଦନ କଲ୍ୟାଣମଣ୍ଡପଠାରେ ଜିଲ୍ଲା ସଭାପତି ପି. ଉଦୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଡ. କମଳଲୋଚନ ମିଶ୍ର, ମୁଖ୍ୟବକ୍ତା ରୂପେ ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଅଖତର, ସମ୍ମାନିତ ଅତିଥି ଭାବେ ପଡ଼ୋଶୀ ଜିଲ୍ଲା କୋରାପୁଟ ଓ କଳାହାଣ୍ଡିର ଜିଲ୍ଲା ସଭାପତି ଓ ସମ୍ପାଦକ, ରାଜ୍ୟ ଉପଦେଷ୍ଟା ହରିହର ଶତପଥି, ଜିଲ୍ଲାର ସମସ୍ତ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଯୋଗଦେଇଥିଲେ। ଏହି ସଭାରେ ରାଜ୍ୟ ତଥା ଜିଲ୍ଲାରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଜିଲ୍ଲାରେ ହେଉଥିବା ସମସ୍ୟାଗୁଡ଼ିକୁ ଯଥାର୍ଥ ଦର୍ଶାଇ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱସନା ଦେଇଥିଲେ। ଜିଲ୍ଲାର ସଦସ୍ୟ ଓ ସଦସ୍ୟାମାନଙ୍କ ଦ୍ୱାରା ଲେଖା ଯାଇଥିବା ଲେଖାଗୁଡ଼ିକ ନେଇ ବାର୍ଷିକ ମୁଖପାତ୍ର 'ରାଜସ୍ୱ ପରିବାର'କୁ ଜିଲ୍ଲାପାଳ ଡ. କମଳଲୋଚନ ମିଶ୍ର ଉନ୍ମୋଚନ କରିଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ନୂତନ ଜିଲ୍ଲା ସଭାପତି ରୂପେ ଶିବାନନ୍ଦ ରାଉତ, ନବରଙ୍ଗପୁର ଜୋନ୍‌ର ଉପସଭାପତି ସୁମିତ୍ରା କୁମାରୀ ବେହେରା, ଉମରକୋଟ ଜୋନ୍‌ର ରେଖା କାଞ୍ଜିଲାଲ, ଜିଲ୍ଲା ସମ୍ପାଦକ ବନମାଳୀ ନାୟକ, କୋଷାଧ୍ୟକ୍ଷ ଚୈତନ୍ୟ ବେହେରା, ଯୁଗ୍ମ ସମ୍ପାଦକ ରାଜେଶ ଦିୱାରୀ, ଆୟୋଜକ ସମ୍ପାଦକ ବିଜୟ କୁମାର ମାଝୀ, କାର୍ଯ୍ୟାଳୟ ସମ୍ପାଦକ ସଞ୍ଜୁକ୍ତା ବିଶୋଇ, ପ୍ରେସ୍ ସମ୍ପାଦକ କିରଣ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ବିରଞ୍ଚି ଦାସ, ନବରଙ୍ଗପୁର ଜୋନ୍‌ର ଅଡିଟର ବିଶ୍ୱଜିତ ଦାସ, ଉମରକୋଟ ଜୋନ୍ ପାଇଁ ମୋନାଲିସା ପଣ୍ଡା ଏବଂ ଉପଦେଷ୍ଟା ରୂପେ ଦେବେନ୍ଦ୍ର ମାଝୀ, ଗଣେଷ ନାୟକ, ପି ଉଦୟ କୁମାର ଓ ପ୍ରଶାନ୍ତ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ପରିଶେଷରେ ସଭାପତି ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୈରବ ସାମ୍ବାଦିକ ସଂଘର ବନ୍ଧୁମିଳନ



**ବୋରିଗୁମ୍ମା,୩୦।୧(ସମିସ)**

ବୋରିଗୁମ୍ମାସ୍ଥିତ ଦୋରା କଲ୍ୟାଣମଣ୍ଡପଠାରେ ଭୈରବ ସାମ୍ବାଦିକ ସଂଘର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଯୁବ ସାମ୍ବାଦିକ ବିଜୟ ସାହୁ, ଭାନୁପ୍ରତାପ ନାୟକ, ଟୁଟୁ ପଟ୍ଟନାୟକ ସଂଘରେ ଯୋଗଦେଇଥିବାବେଳେ ସଂଘ ସଭାପତି ଫୁଲତୋଡ଼ା ଦେଇ ନବାଗତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ସଂଘର ସଭାପତି ବିଶ୍ୱଜିତ୍ ପାଣିଗ୍ରାହୀ ଯୋଗଦେଇ ବର୍ତ୍ତମାନ ସମୟରେ ଖବରକାଗଜର ଉପଯୋଗିତା ତଥା ସମାଜରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଠିକ୍ ସେହିପରି ସଂଘର ସମ୍ପାଦକ ଏସ୍. ସୁନ୍ଦରମ୍, ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବାଦିକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସହ ସମ୍ପାଦକ ସୁଦର୍ଶନ ପ୍ରଧାନ ବିଭିନ୍ନ ସମୟରେ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରୋସମୂଳକ ଆକ୍ରମଣ ତଥା ନକଲି ସାମ୍ବାଦିକ କିଭଳି ସମାଜ ପାଇଁ ବିପଦ ସୃଷ୍ଟି କରୁଛନ୍ତି ସେ ବିଷୟରେ ଉପସ୍ଥିତ ସଦସ୍ୟମାନଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ପାଣିଗ୍ରାହୀ, ବିଜୟ ସାହୁ, ରାମଚନ୍ଦ୍ର ନାୟକ, ନାଲା ସୁବାସ, ରବିଶଙ୍କର ମହାପାତ୍ର, ଭାନୁପ୍ରତାପ ନାୟକ, ଦିନେସ କୁମାର, ଟୁଟୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱଜିତ୍ ପାଣିଗ୍ରାହୀ ଭୈରବ ପ୍ରେସ୍କ୍ଲବ୍ର ସମସ୍ତ ସାମ୍ବାଦିକ ଏକଜୁଟ୍ ହୋଇ ସମାଜ ପାଇଁ କାମ କରିବା ସହିତ କିଭଳି ଭାବେ ନିରପେକ୍ଷ ଖବର ପରିବେଷଣ ହୋଇପାରିବ ସେ ଦିଗରେ ଆଲୋଚନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଷପୁନି ଭେଟ୍‌ଘାଟ୍ ଉଦ୍‌ଯାପିତ

# 'ଜନଜାତି ପରମ୍ପରାକୁ ଜୀବିତ ରଖିବାର ପ୍ରୟାସ ପୁଷପୁନି ଭେଟ୍‌ଘାଟ୍'

**କୁନ୍ଦୁରା, ୩୦।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ସଦର ସାଗରଗୁଡ଼ା ସହିଦ୍ ଲକ୍ଷ୍ମଣ ନାୟକ ପଡ଼ିଆଠାରେ ପୁଷପୁନି ଭେଟଘାଟ ଉଦ୍‌ଯାପିତ ହୋଇଯାଇଛି। ଜନଜାତି ପରମ୍ପରାକୁ ଜୀବିତ ରଖିବାରେ ପୁଷପୁନୀ ଭେଟ୍‌ଘାଟ ଏକ ପ୍ରୟାସ ବୋଲି ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ଗତ ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ମନୋରଞ୍ଜନ ତାଣ୍ଡି ଏବଂ ସମ୍ମାନିତ ଅତିଥି ଭାବେ ତହସିଲଦାର ବିନୋଦ କୁମାର ନାୟକ ଯୋଗଦେଇଥିଲେ। ପରମ୍ପରା ଅନୁସାରେ ପଡ଼ିଆରେ ଠାକୁରାଣୀ ହୁଣ୍ଡିରେ ପୂଜାର୍ଚ୍ଚନା କରି ଅତିଥି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହିଦ୍ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ସଭାପତି ମହେଶ୍ୱର ପେଣ୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ବ୍ଲକର ମୂଳ ଅଧିବାସୀଙ୍କ କଳା ଓ ସଂସ୍କୃତି ସହ ଜଡ଼ିତ ଥିବା ବଡ଼ ପର୍ବ ପୁଷପରବ ଏ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା, ଭାଇଚାରାକୁ ବଜାୟ ରଖିବା ଓ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଦ୍ୱାରା ଏ ଅଞ୍ଚଳର ସମସ୍ତ ଜାତିର କଳା ଓ ସଂସ୍କୃତିକୁ ପ୍ରଦର୍ଶନ ହୋଇପାରୁଛି। ଏହାଦ୍ୱାରା ବର୍ଷକୁ ଥରେ ଅଞ୍ଚଳର ବିଭିନ୍ନ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ




ହୋଇପାରୁଛି। ସଂଘର ଏହି ପଦକ୍ଷେପ ବହୁ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଆଗାମୀ ଦିନରେ ବଜାୟ ରଖିବା ପାଇଁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ୍ ଯୋଗଦେଇ କୁନ୍ଦୁରା ବ୍ଲକରେ ଏହି ପୁଷପୁନି ଭେଟଘାଟ ୨୦ ବର୍ଷରୁ ଅଧିକ ହେବ କ୍ରମାଗତ ଭାବେ ଚାଲି ଆସିଥିବା କହିଥିଲେ। ଏହା ଦ୍ୱାରା ପୁଷ୍ ପରବରେ ଗାଁରେ ଲୁଚି ଯାଉଥିବା ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ଦେଖିବାକୁ ମିଳୁଛି। ଏହା ଆଜିର ଯୁବପିଢ଼ିଙ୍କୁ ନିଜ ଅଞ୍ଚଳର ପରମ୍ପରା ସହ ସାମିଲ ହେବାର ସୁଯୋଗ ଦେଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ବାଲା ରାୟ, ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ସାଂସଦ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ବିଧାୟିକାଙ୍କ ପ୍ରତିନିଧି ରମାକାନ୍ତ ମିଶ୍ର, ଲ୍ୟାମ୍ପ ଅଧ୍ୟକ୍ଷା ସୁଭଦ୍ରା ଭୂମିଆ, ଆମ୍ବ ଅଧ୍ୟକ୍ଷ ବଳଭଦ୍ର ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସମ୍ବାରୀ ଭତରା, ପୂର୍ବତନ କୁନ୍ଦୁରା ସରପଞ୍ଚ ପାର୍ବତୀ ଫାମ୍ପୁଣିଆ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ। ପୁଷ୍‌ପୁନିର ସ୍ୱତନ୍ତ୍ର ପାରମ୍ପରିକ ନୃତ୍ୟ ଦଣ୍ଡାହଲିଆ, ରିଙ୍ଗୋଡ଼ି ଦୁରୁଆ, ମୂଲୁରାମାଝି, ଢେମସା, ଟୁଙ୍ଗୁରା ନୃତ୍ୟ ଓ କୋରାପୁଟିଆ, ଗୀତ କୁଡ଼ିଆ, ଛେରଛେରା ଆଦି ସଙ୍ଗୀତ ପରିବେଷଣ ହୋଇଥିଲା। କୁନ୍ଦୁରା ବ୍ଲକର ପ୍ରତିଭା ତଥା ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ ଜୈବିକ ଦେଶୀଧାନ, ପନିପରିବା ଚାଷ ଓ ମାଣ୍ଡିଆ ରାଣୀ ଭାବେ ଆନ୍ତର୍ଜାତୀୟସ୍ତରରେ ସମ୍ମାନୀତ ଲିମା ପଞ୍ଚାୟତ ନୂଆଗୁଡ଼ାର ରାଇମୋତି ଘିଉରିଆ, କୁନ୍ଦୁରାର ସଫଳ ଅନ୍ଧ ଶିକ୍ଷକ କୋରାପୁଟରେ କାର୍ଯ୍ୟରତ ଗୁପ୍ତପ୍ରସାଦ ମହାନ୍ତି, ବାବୁଲି ହରିଜନ ଓ ସୁନାଦେଇ ହରିଜନ ବୃତ୍ତିରେ ମହୁରିଆ ହୋଇଥିଲେ ସୁଦ୍ଧା ତାଙ୍କ ଦୁଇ ପୁଅଙ୍କୁ ଉଚ୍ଚ ଶିକ୍ଷିତ କରି ଜଣଙ୍କୁ ମେଡିକାଲ ଓ ଅନ୍ୟ ଜଣଙ୍କୁ ଦେଶର ସୀମା ସୁରକ୍ଷା ଯବାନରେ ନିଯୁକ୍ତି କରିବାରେ ସଫଳ ହୋଇଥିବାରୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏହି ତିନି ଜଣଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ସମ୍ମାନୀତ କରାଯାଇଥିଲା। ବ୍ଲକର ପ୍ରତି ପଞ୍ଚାୟତରୁ ଆସିଥିବା ମହିଳା ଓ ପୁରୁଷ ନିଜ ଅଞ୍ଚଳର ନୃତ୍ୟ, ସଙ୍ଗୀତକୁ ବେଶ୍ ଉପଭୋଗ କରିଥିଲେ। ଆୟୋଜକ ସହିଦ୍ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘର କର୍ମକର୍ତ୍ତା ରାମକୃଷ୍ଣ ନାୟକ, ରାମସ୍ୱାମୀ ହରିଜନ, ଭକ୍ତ ନାୟକ, ଧନୁର୍ଜୟ ଗଣ୍ଡା, ଲବ ପରଜା, ଦାମୋଦର ଗଣ୍ଡା, ଶିବ ପ୍ରଧାନୀ, ଶୁକ ପରଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ତ୍ରିନାଥ ହରିଜନ ମଞ୍ଚ ପରିଚାଳନା କରିଥିଲେ।

## ଆଦାନୀ ଗ୍ରୁପ୍ ତରଫରୁ ସଡ଼କ ସୁରକ୍ଷା ସଚେତନତା




**ପାପଡ଼ାହାଣ୍ଡି,୩୦।୧(ସମିସ):** ପାପଡ଼ାହାଣ୍ଡି ବ୍ଲକ୍ ମୋକିୟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶଶୀରେଖା ଉଚ୍ଚ ବିଦ୍ୟାଳୟଠାରେ ଆଦାନୀ ଗ୍ରୁପ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୋକିୟା ସରପଞ୍ଚ ଜଗଜ୍ଜୀବନ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଆଦାନୀ ଗ୍ରୁପର ଏମବିପିଏଲ କମ୍ପାନୀ ଦ୍ୱାରା ସଡ଼କ ସୁରକ୍ଷା ବିଷୟରେ ସୁରକ୍ଷା ମୁଖ୍ୟ ଦେବେନ୍ଦ୍ର ମହାପାତ୍ର ଡିଜିଟାଲ ମାଧ୍ୟମରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଦୁର୍ଘଟଣା, ସୂଚନାଫଳକ, ସିଟ୍ ବେଲ୍ଟ, ହେଲମେଟର ବ୍ୟବହାର ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାସ ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଉପରେ କିଛି ପ୍ରଶ୍ନ କରାଯାଇଥିଲା। ସଠିକ୍ ଉତ୍ତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ଏବଂ ଶିକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ଏବଂ ଅତିଥିମାନେ ସଡ଼କ ସୁରକ୍ଷା ଉପରେ ଶପଥପାଠ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟ ଏବଂ କଲେଜରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏମବିପିଏଲ୍ କମ୍ପାନୀର ସୁରକ୍ଷା ପରିଚାଳକ ବାମଦେବ ସାମଲ, ସୁରକ୍ଷା ପରିଚାଳକ ଜୟରାମ ଶର୍ମା, ନିର୍ମାଣ ପରିଚାଳକ ମନୋଜ ସିଶୋଦୀଆ, ପ୍ରଶାସନିକ ମୁଖ୍ୟ ଦୟାନିଧି ମିଶ୍ର, ନିର୍ମାଣ ପରିଚାଳକ ଆକାଶ ରାଓ ପ୍ରମୁଖ ସହଯୋଗ କରିଥିଲେ।



# ଛଅବର୍ଷ ପରେ ଏକାଠି ସଞ୍ଜୟ-ରଣବୀର

ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀ ତାଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି' ପାଇଁ ଚର୍ଚ୍ଚାରେ ଥିବାବେଳେ ଏଯାବତ୍ ଏହା ରିଲିଜ୍ ହୋଇପାରିନାହିଁ। ଇତିମଧ୍ୟରେ ସଞ୍ଜୟଙ୍କ ଫିଲ୍ମ 'ଇନ୍‌ସଲାହ'ରେ ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ କାମ କରିବେ ବୋଲି ଜଣାପଡ଼ିଛି। ସଞ୍ଜୟଙ୍କୁ ନେଇ ଆଉ ଏକ ଖବର ମଧ୍ୟ ଆସିଛି। ସଞ୍ଜୟ ପୁଣି ଥରେ ତାଙ୍କ ଲକି ଚାର୍ମ ରଣବୀର ସିଂହଙ୍କ ସହ କାମ କରିବାକୁ ଯାଉଛନ୍ତି। ବ୍ଲକ୍‌ବଷ୍ଟର୍ ଫିଲ୍ମ 'ପଦ୍ମାବତ୍' ପରେ ଛଅ ବର୍ଷ ପରେ ପୁଣି ଥରେ ଦୁହେଁ ଏକାଠି କାମ କରିବେ। ତେବେ ସଞ୍ଜୟ ଓ ରଣବୀର ଏକାଠି 'ଗୋଲିଓଁ କି ରାସଲୀଲା- ରାମଲୀଲା', 'ବାଜିରାଓ ମସ୍ତାନୀ' ଓ 'ପଦ୍ମାବତ୍' ଭଳି ହିଟ୍ ଫିଲ୍ମ ଦେଇଥିଲେ। ସଞ୍ଜୟ ଓ ରଣବୀରଙ୍କ ଏହି ଫିଲ୍ମର କାହାଣୀ ଏବେ ଲେଖାଯାଉଛି। ୨୦୨୪ ମେ ମାସରେ ସଞ୍ଜୟ ଏ ବାବଦରେ ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ଇତିହାସ

- ୧୯୧୫- ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ରୁଷ୍ ବିପକ୍ଷରେ ବିଷାକ୍ତ ଗ୍ୟାସ୍ ପ୍ରୟୋଗ କରିଥିଲା।
- ୧୯୨୩- ପରମବୀର ଚକ୍ର ପ୍ରାପ୍ତ ମେଜର୍ ସୋମନାଥ ଶର୍ମାଙ୍କ ଜନ୍ମ।
- ୧୯୫୮ - ଆମେରିକାର ପ୍ରଥମ ଭୂଉପଗ୍ରହର ପ୍ରକ୍ଷେପଣ।
- ୨୦୦୪- ପ୍ରସିଦ୍ଧ ଗାୟିକା ସୁରୈୟାଙ୍କ ଦେହାନ୍ତ।
- ୨୦୧୩- ଦକ୍ଷିଣ ଆଫ୍ରିକାରେ ଏକ ଟ୍ରେନ୍ ଦୁର୍ଘଟଣାରେ ପାଖାପାଖି ୨୫୦୦ ଲୋକ ଆହତ ହୋଇଥିଲେ।

# ପରମବୀର ଚକ୍ର ବିଜେତା ମେଜର୍ ସୋମନାଥ ଶର୍ମା


ଆଜି ଆସିଥିଲେ

ପରମବୀର ଚକ୍ର ବିଜେତା ମେଜର ସୋମନାଥ ଶର୍ମା ୧୯୪୭ ଭାରତ-ପାକ୍ ଯୁଦ୍ଧର ଥିଲେ ମହାନାୟକ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ୍ୟ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୯୪୭ ମସିହା ନଭେମ୍ବର ୩ ତାରିଖରେ ଏହି ମହାନ୍ ଯୋଦ୍ଧା ବୀରଗତି ପ୍ରାପ୍ତ ହୋଇଥିଲେ। ମରଣୋପରାନ୍ତେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମିଳିଥିଲା ପରମବୀର ଚକ୍ର ଉପାଧି। ସେ ହେଉଛନ୍ତି ଦେଶର ପ୍ରଥମ ସୈନିକ ଯେ, ଏହି ମହାନ୍ ସମ୍ମାନର ଅଧିକାରୀ ହୋଇଥିଲେ। ୧୯୨୩ ମସିହା ଜାନୁୟାରୀ ୩୧ ତାରିଖରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ଦାଢ଼ଠାରେ ଜନ୍ମଲାଭ କରିଥିବା ସୋମନାଥଙ୍କ ପରିବାରରେ ସାମରିକ ସେବାର ଏକ ସୁଦୀର୍ଘ ପରମ୍ପରା ଥିଲା। ୧୯୪୨ ମସିହା ଫେବୃୟାରୀ ୨୨ ତାରିଖ ଦିନ ସୋମନାଥ ଶର୍ମା ଭାରତୀୟ ସେନାର ୧୯ ତମ ହାଇଦ୍ରାବାଦ୍ ରେଜିମେଣ୍ଟର ୮ମ ବାଟାଲିଅନରେ ଯୋଗ ଦେଇଥିଲେ। ପରେ ଏହା କୁମାଓ ରେଜିମେଣ୍ଟର ୪ର୍ଥ ବାଟାଲିଅନ ଭାବେ ନାମିତ ହେଲା। ଦେଶ ସ୍ୱାଧୀନ ହେବାର ତୁରନ୍ତ ପରେ ୧୯୪୭ ଅକ୍ଟୋବର ୨୨ ତାରିଖ ଦିନ ଯେତେବେଳେ ପାକିସ୍ତାନ ପଟୁ ଅଚାନକ ଆକ୍ରମଣ ହେଲା, ସେତେବେଳେ କାଶ୍ମୀରରେ କୁମାଓ ରେଜିମେଣ୍ଟର ନେତୃତ୍ୱ ନେଉଥିବା ମେଜର୍ ଶର୍ମାଙ୍କ ସେନା ପାକିସ୍ତାନ ଆକ୍ରମଣକାରୀଙ୍କ ସହ ପ୍ରାୟ ୬ଘଣ୍ଟା କାଳ ଲଢ଼ି ସେମାନଙ୍କୁ ଭାରତର ସୀମାରେ ହିଁ ଅଟକାଇ ଦେଇଥିଲେ। ଏହି ସମୟରେ ଭାରତୀୟ ସେନା ଆସି ସେଠାରେ ପହଞ୍ଚି ମୋର୍ଚ୍ଚା ସମ୍ଭାଳିଥିଲେ। ସେହି ସମୟରେ ତାଙ୍କର ଡାହାଣ ହାତ ପ୍ଲାଷ୍ଟର୍ ହୋଇଥିଲା। ଡାକ୍ତର ତାଙ୍କୁ ବିଶ୍ରାମ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ସେ ଏହାକୁ ଖାତିର୍ ନ କରି ଯୁଦ୍ଧ ଲଢ଼ିବା ପାଇଁ ଜିଦ୍ ଧରି ବସିଲେ। ତେଣୁ ମୋର୍ଚ୍ଚା ସମ୍ଭାଳିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା। ୧୯୪୭ ମସିହା ନଭେମ୍ବର ୩ ତାରିଖ ଦିନ ଶତ୍ରୁସେନା ଆସି କାଶ୍ମୀରର ବଡ଼ଗାମ ନିକଟରେ ପହଞ୍ଚି ସାରିଥିଲେ। ଶ୍ରୀନଗର ବିମାନ ବନ୍ଦରରୁ ସେମାନେ ମାତ୍ର କେଇ ମାଇଲ୍ ଦୂରରେ ଥିଲେ। ଠିକ୍ ସେତେବେଳେ ମେଜର୍ ଶର୍ମା ନିଜର ସୈନିକଙ୍କ ସହ ସେଠାରେ ପହଞ୍ଚିଲେ ଓ ମୋର୍ଚ୍ଚା ଦାୟିତ୍ୱ ନେଇଥିଲେ। ସମୟ ଥିଲା ଅପରାହ୍ନ ୩.୩୦। ହଠାତ୍ ପାକିସ୍ତାନ୍ ପଟୁ ୫୦୦ ଆକ୍ରମଣକାରୀ ଆସି ତାଙ୍କ ସେନାକୁ ତିନିପଟୁ ଘେରିନେଲେ। ଗୁଳିବର୍ଷଣ ଆରମ୍ଭ ହେଲା। ମେଜର୍ ଶର୍ମାଙ୍କ ପାଖରେ ଥିଲେ ମାତ୍ର ୫୦ ଜଣ ସୈନିକ। ଶତ୍ରୁସେନାଙ୍କ ବୋମାବର୍ଷଣ ଫଳରେ କୁମାଓ ରେଜିମେଣ୍ଟକୁ ବହୁତ କ୍ଷତି ସହିବାକୁ ପଡ଼ିଲା। ଆହୁରି ସୈନ୍ୟ ପଠାଇବା ପାଇଁ ମେଜର୍ ଶର୍ମା ବାର୍ତ୍ତା ପଠାଇବା ସହ ଯୁଦ୍ଧ ଜାରି ରଖିଲେ। ଭାରତୀୟ ସୈନ୍ୟ ପହଞ୍ଚିବା ସମୟକୁ ମେଜର୍ ସୋମନାଥ ଶର୍ମା ଓ ତାଙ୍କର ୨୦ ଜଣ ସାଥୀ ବୀରଗତି ପ୍ରାପ୍ତ ହୋଇସାରିଥିଲେ। କିନ୍ତୁ ଏହି ବଳିଦାନ ବ୍ୟର୍ଥ ଯାଇ ନ ଥିଲା। ସାହସିକତା ଓ ବୀରତ୍ୱର ବଳିଦାନ ଯୋଗୁଁ ଶ୍ରୀନଗର ଶତ୍ରୁସେନାଙ୍କ ଅକ୍ତିଆର୍‌ରୁ ବର୍ତ୍ତି ଯାଇଥିଲା। ମେଜର ଶର୍ମା ଯୁଦ୍ଧ ସମୟରେ ଯେଉଁ ଅସୀମ ଧୈର୍ଯ୍ୟ, ସାହସ ଓ ବୀରତ୍ୱ ଦେଖାଇଥିଲେ ତା'ର ଫଳସ୍ୱରୂପ ତାଙ୍କୁ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା।

# ବିବାହ କାର୍ଡରେ ବୃତ୍ତିଗତ ଜୀବନର ଛବି




ସମ୍ପ୍ରତି ଯୁବକ-ଯୁବତୀ ସେମାନଙ୍କ ବାହାଘରକୁ ନିଆରା ତଥା ଆକର୍ଷଣୀୟ ଢଙ୍ଗରେ କରିବାକୁ ଚାହୁଁଛନ୍ତି। ଏପରିକି ବାହାଘର କାର୍ଡକୁ ମଧ୍ୟ ଭିନ୍ନ ତରିକାରେ ଡିଜାଇନ୍ କରୁଛନ୍ତି। ମୁଖ୍ୟତଃ ଚିରାଚରିତ ବାହାଘର କାର୍ଡକୁ ଲୋକେ ସେତେ ବେଶି ପସନ୍ଦ କରୁ ନ ଥିବା ବେଳେ ଏବେ ବାହାଘର କାର୍ଡରେ ବର-କନିଆଙ୍କ ବୃତ୍ତିଗତ ଜୀବନକୁ ମଧ୍ୟ ସୁନ୍ଦର ଭାବେ ଡିଜାଇନ୍ କରାଯାଉଛି। ଏହି କ୍ରମରେ ଜଣେ ବର-କନିଆଙ୍କ ଭିନ୍ନ ଭିନ୍ନ ପେସାକୁ ନେଇ ଏକ ସୁନ୍ଦର କାର୍ଡ ଡିଜାଇନ୍ କରାଯାଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି କାର୍ଡର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି କାର୍ଡର ଡିଜାଇନ୍ ସାଧାରଣ କାର୍ଡଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାର୍ଡର କଭର୍‌କୁ ବର-କନିଆଙ୍କ ପେସାର ପୋଷାକ ଅନୁସାରେ ଡିଜାଇନ୍ କରାଯାଇଛି। ବାହାଘର କାର୍ଡରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ବର ସେନାର କ୍ୟାପ୍‌ଟେନ ହୋଇଥିବା ବେଳେ କନିଆ ଜଣେ ଡାକ୍ତର। ଏହାସହ ଏହି କାର୍ଡ କଭର୍‌ର ଗୋଟିଏ ପାର୍ଶ୍ୱର ଡିଜାଇନ୍ କ୍ୟାପ୍‌ଟେନ୍ ବର୍ଦ୍ଦି ଭଳି ହୋଇଥିବା ବେଳେ ଅନ୍ୟ ଏକ ପାର୍ଶ୍ୱ ଡାକ୍ତର ଡ୍ରେସ୍ ସଦୃଶ ହୋଇଛି। କେବଳ ସେତିକି ନୁହେଁ, କ୍ୟାପଟେନ୍ ବର୍ଦ୍ଦିରେ କ୍ୟାପ୍‌ଟେନ୍ ଅଦନାନ୍ ଲେଖା ଥିବା ବେଳେ ଡାକ୍ତର ଡ୍ରେସ୍‌ରେ ଡା.ରାମଶା ଲେଖାଯାଇଛି। ଅବଶ୍ୟ ସେମାନେ ଖୁବ୍ ସୁନ୍ଦର ଭାବେ ନିଜ ବିବାହ କାର୍ଡ ମାଧ୍ୟମରେ ସେମାନଙ୍କର ବୃତ୍ତିଗତ ଜୀବନକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ କିଛି ଲୋକ ଏହି କାର୍ଡର ପରିକଳ୍ପନାକୁ ବେଶ୍ ପ୍ରଶଂସା କରିଥିବା ବେଳେ ଆଉ କେତେଜଣ ଏହାକୁ ନାପସନ୍ଦ କରିଛନ୍ତି।

# ପୂଜା ପାଇବ ଏଆଇ!



ସଂସାରରେ ମଣିଷଠାରୁ ବେଶୀ ବୁଦ୍ଧିମାନ କୌଣସି ଜୀବ ନାହାନ୍ତି। ମଣିଷ ପାଖରେ ଶକ୍ତି ଓ ସାମର୍ଥ୍ୟ ଛଡା ବୁଦ୍ଧି ବିବେକ ପରି ଅସ୍ତ୍ର ଅଛି। ମାନବ ନିଜର ବିବେକ ମାଧ୍ୟମରେ ବିଶ୍ଳେଷଣ କରିବାର କ୍ଷମତା ରଖିଥାଏ। ମାତ୍ର ବୈଷୟିକ ଜ୍ଞାନକୌଶଳର ଏହି ଦୁନିଆରେ ମଣିଷ ନିଜଠୁ ବି ବେଶୀ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ(କୃତ୍ରିମ ବୁଦ୍ଧିମତ୍ତା) ଉପରେ ଅଧିକ ଭରସା କରିବାରେ ଲାଗିଲାଣି। ମଣିଷ ଈଶ୍ୱରଙ୍କ ଶକ୍ତିକୁ ଅପାର ଭାବି ତାଙ୍କୁ ସର୍ବଶକ୍ତିମାନ କହିଥାଏ। ନଟିଂହାମ୍ ଟ୍ରେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଲାର୍ସ ହମ୍‌କୁଇଷ୍ଟଙ୍କ କହିବାନୁଯାୟୀ, ମଣିଷ ବହୁତ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଭଗବାନ ଭାବି ତାହାର ପୂଜା କରିବ। ଏହାକୁ ନେଇ ସେ ନିଜର ଯୁକ୍ତି ମଧ୍ୟ ଦର୍ଶାଇଛନ୍ତି। ରିପୋର୍ଟ ଅନୁସାରେ ଲାର୍ସଙ୍କ ଚେତାବନୀ ଦେଇଛନ୍ତି ଯେ, ଆଗାମୀ ସମୟରେ ଲୋକେ ପାରମ୍ପରିକ ଧର୍ମକୁ ଛାଡ଼ି ବୈଷୟିକ ଜ୍ଞାନକୌଶଳ ଉପରେ ଆଧାରିତ ଜିନିଷ ଉପରେ ଅଧିକ ବିଶ୍ୱାସ କରିବେ। ତାଙ୍କ କହିବାନୁସାରେ ଚାଟ୍‌ଜିପିଟି ଉପରେ ଅଧିକ ଭରସା ବଢ଼ିବାକୁ ଲାଗିବ। ସେ ଆହୁରି କହିଛନ୍ତି ଏଆଇ ସମସ୍ତ ଜିନିଷର ବ୍ୟାଖ୍ୟା କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। ଏହାଦ୍ୱାରା ମଣିଷ ସବୁକିଛି ଜାଣିପାରିବ। ମନୋବିଜ୍ଞାନୀ କହିଛନ୍ତି, ମଣିଷ କମ୍ପ୍ୟୁଟର ସହ ସାମାଜିକ ସମ୍ପର୍କ ମଧ୍ୟ ତିଆରି କରିସାରିଲାଣି। ଲାର୍ସଙ୍କ କହିବାନୁସାରେ, ଏଆଇ ଆଗାମୀ ସମୟରେ ମଣିଷକୁ ପରାମର୍ଶ ଦେବ। ମାନବ ତାହାର ଅଧୀନରେ ରହିବ। ଧାର୍ମିକ ପୁସ୍ତକ ଭଳି ଏହା ଲୋକଙ୍କ ମନ ଜିଣିବ। ଦୁନିଆରେ ଏବେ ଏହି ପରମ୍ପରା ଆରମ୍ଭ ମଧ୍ୟ ହୋଇ ସାରିଛି। ଜାପାନରେ ଗୋଟିଏ ରୋବଟ୍ ପୂଜାରୀ ହୋଇ ସାରିଲାଣି। ଭବିଷ୍ୟତରେ ଏଆଇ ଅସମ୍ଭବ କାମକୁ ସମ୍ଭବ କରିପାରିବ। ଏ ଯାଏଁ ଲୋକେ କୌଣସି ସଫ୍ଟୱେରକୁ ପୂଜା କରିନାହାନ୍ତି। ହେଲେ ଭବିଷ୍ୟତରେ ଏଭଳି ହେଲେ ସେ ଆଶ୍ଚର୍ଯ୍ୟ ହେବେ ନାହିଁ ବୋଲି କହିଛନ୍ତି।




# 'କ୍ୟାମେରା ଅନ୍' ଉଠାଇ ଚାଲିବ ହଜାର ବର୍ଷର ଫଟୋ

ଫଟୋଟିଏ ଅନେକ କାହାଣୀକୁ ବଖାଣିଥାଏ। ସେଥିପାଇଁ ବିବାହ ହେଉ କି ଜନ୍ମ ଦିନ, ସମସ୍ତ କାର୍ଯ୍ୟକ୍ରମରେ ଲୋକେ ଫଟୋ ଉଠାଇବା ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରନ୍ତି। ଯଦିଓ ଫଟୋଟିଏ ଉଠାଇବାକୁ କେଇ ସେକେଣ୍ଡ ସମୟ ଲାଗେ, କିନ୍ତୁ ଏମିତି ଏକ କ୍ୟାମେରା ରହିଛି ଯେଉଁଠି ଗୋଟିଏ ଫଟୋ ଉଠାଇବାକୁ ଏକ ହଜାର ବର୍ଷ ସମୟ ଲାଗିଯାଏ। ଏହି କ୍ୟାମେରାର ନାଁ ମିଲେନିୟମ୍ ଏବଂ ଏହା ଆମେରିକାରେ ରହିଛି। ମିଲେନିୟମ୍ ପ୍ରୋଜେକ୍ଟ ଆଧାରରେ ଟକ୍ସନ ସହରରେ ଏହି କ୍ୟାମେରା ସ୍ଥାପନା କରାଯାଇଛି। କ୍ୟାମେରାଟିରେ ୨୦୨୩ରୁ କ୍ଲିକ୍ ଆରମ୍ଭ ହୋଇ ଏହା ଆସନ୍ତା ଏକ ହଜାର ବର୍ଷର ଫଟୋକୁ ପ୍ରଦର୍ଶିତ କରିବ। ୟୁନିଭର୍ସିଟି ଅଫ୍ ଏରିଜୋନା କଲେଜ ଅଫ୍ ଫାଇନ୍ ଆର୍ଟସର ଏକ୍ସପେରିମେଣ୍ଟାଲ ଫିଲୋସଫର ଜୋନାଥନ୍ କିଟ୍‌ସ ଏହି କ୍ୟାମେରାକୁ ନିର୍ମାଣ କରିଛନ୍ତି। ଏହାକୁ ବିଶ୍ୱର ସବୁଠୁ ଧୀର ଫଟୋ ଉଠାଉଥିବା କ୍ୟାମେରା ମଧ୍ୟ କୁହାଯାଏ। ଏହାକୁ ଦୃଷ୍ଟି ଦେଲେ ଏହି କ୍ୟାମେରାରେ ଏକ ହଜାର ବର୍ଷ ଯାଏଁ ଟକ୍ସନ, ଏରିଜୋନାର ବାସିନ୍ଦାଙ୍କ ଫଟୋ ରହିବ। ତେବେ ଏହି ଫଟୋ ଏକ ଟାଇମ୍ କ୍ୟାପ୍‌ସୁଲ ପରି କାମ ଦେବ। ମିଲେନିୟମ କ୍ୟାମେରାର ଡିଜାଇନ୍ ପିନହୋଲ କ୍ୟାମେରା ପରି। ଏହି କ୍ୟାମେରାଟି ଏକ ଷ୍ଟିଲ ଖମ୍ବ ଉପରେ ଲଗାଯାଇଥିବାବେଳେ ଏହା ଟକ୍ସନ ନିକଟରେ ଥିବା ମରୁଭୂମି ଆଡକୁ ମୁହଁ କରି ରହିଛି। କିଟ୍ସଙ୍କ କହିବାନୁଯାୟୀ, ହଜାର ବର୍ଷ ମଧ୍ୟରେ ସହରରେ ଅନେକ ଭୌଗଳିକ ପରିବର୍ତ୍ତନ ଘଟିବ ଓ ଏହାକୁ ଏହି ସ୍ୱତନ୍ତ୍ର କ୍ୟାମେରା କଏଦ କରି ରଖିବ। ତେବେ ଏହି କ୍ୟାମେରା ୩୦୨୩ ପର୍ଯ୍ୟନ୍ତ କେମିତି ସୁରକ୍ଷିତ ରହିବ ସେନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି।

# ପୋଷାକ ଅପଚୟ ରୋକୁଛି 'ଫେସନ୍ ଲାଇବ୍ରେରୀ'



ସାଧାରଣତଃ ବାହାଘର, ପାର୍ଟି ଆଦିଗୁଡ଼ିକରେ ଯୋଗ ଦେବା ପାଇଁ ପୋଷାକରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହୋଇଥାଏ। ଏହାକୁ ସାଇତି ରଖିବା ମଧ୍ୟ କଷ୍ଟକର ବ୍ୟାପାର। ଏହାବାଦ୍ ଡିଜାଇନର୍ ପୋଷାକକୁ ଜଣେ ସବୁସ୍ଥାନରେ ପିନ୍ଧି ପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଏପରି ଏକ ଦୋକାନ ରହିଛି ଯେଉଁଠୁ ଲୋକେ ଭଡ଼ାରେ ପୋଷାକ ନେଇପାରିବେ। ଏହାକୁ ନେଇ ଜଣେ ପାର୍ଟି କିମ୍ବା ଉତ୍ସବକୁ ପିନ୍ଧି ଯାଇ ପୁଣି ଫେରାଇ ଦେଇ ପାରିବେ। ଏବାବଦରେ ଜଣେ ଲୋକଙ୍କୁ ମଧ୍ୟ ବହୁତ କମ୍ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ନେଦରଲ୍ୟାଣ୍ଡର ଆମଷ୍ଟରଡାମରେ ଏହି ଦୋକାନ ରହିଛି। ଏହାର ନାମ 'ଫେସନ୍ ଲାଇବ୍ରେରୀ'। ଯେଉଁଠି ଜଣେ ଯେକୌଣସି ପୋଷାକ ବଦଳାଇ ତା ପରିବର୍ତ୍ତେ ଅନ୍ୟ ପୋଷାକ ନେଇପାରିବେ। କେବଳ ସେତିକି ନୁହେଁ, ଜଣେ ଚାହିଁଲେ ସ୍ୱଳ୍ପ ମୂଲ୍ୟରେ ଭଡ଼ା ଆକାରରେ ଏଠାରେ ମନମୁତାବିକ ପୋଷାକ ନେଇପାରିବେ। ଏଠାରେ ନୂଆ ଓ ପୁରୁଣା ପୋଷାକ ଭଡ଼ାରେ ଦିଆଯାଏ। ଆଲିସା ଜେନସନ ନାମ୍ନୀ ଜଣେ ମହିଳା ତାଙ୍କ ଭଉଣୀଙ୍କ ସହ ମିଶି ୨୦୧୪ ମସିହାରେ ଫେସନ୍ ଲାଇବ୍ରେରୀ ଖୋଲିଥିଲେ। ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷାକ ଅପଚୟକୁ ରୋକିବା। ସେହିପରି ଏଠାରେ ବିଭିନ୍ନ ବ୍ରାଣ୍ଡର ପୋଷାକ ରହିଛି। ସମସ୍ତ ପୋଷାକରେ ଦୈନିକ ଭଡ଼ା ମୂଲ୍ୟର ଟ୍ୟାଗ୍‌ରେ ଲେଖା ରହିଥାଏ। ଯଦ୍ୱାରା ଲୋକଙ୍କୁ ପୋଷାକର ମୂଲ୍ୟ ଜାଣିବା ସହଜ ହୋଇଥାଏ। ଏଥି ସହିତ ସବୁଦିନ ପୋଷାକ ଭଡ଼ାରେ ନେଉଥିବା ଗ୍ରାହକଙ୍କ ପାଇଁ ଏହାର ମୂଲ୍ୟକୁ ଆହୁରି କମ୍ କରାଯାଇଥାଏ। ତେବେ କମ୍ପାନି ମ୍ୟାନେଜରଙ୍କ କହିବା ଅନୁଯାୟୀ, ଲୋକମାନେ ନିଜ ମନପସନ୍ଦର ପୋଷାକ ଏଠାରୁ ପାଇ ଖୁବ୍ ଖୁସି ଅନୁଭବ କରୁଛନ୍ତି। ସାଧାରଣତଃ ୧୦ ୟୁରୋ ଦେଇ ଜଣେ ଫେସନ୍ ଲାଇବ୍ରେରୀର ସଦସ୍ୟ ହୋଇପାରିବେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବା କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଠିନ ପରିଶ୍ରମ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ବୃଷ:** ଚିନ୍ତାରେ ରହିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହାନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କର୍ମତତ୍ପର ରହିବେ। ବାପାମାଆଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

**ଆଧୁନିକ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ଲୋକଙ୍କୁ ଧୀରେ ସୁସ୍ଥେ ବସି ଖାଇବାକୁ ସମୟ ନାହିଁ। ତେଣୁ ସେମାନେ ତରବରିଆ ଭାବେ ଖାଦ୍ୟ ଖାଇଥାନ୍ତି। ବାସ୍ତବରେ ତରବରିଆ ଭାବେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନୁହେଁ। ଏହା ପେଟରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ ଖାଦ୍ୟ ହଜମ ହେବାରେ ବହୁ ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଅନେକ ରୋଗ ହୁଏ।**

# ରୋଗର କାରଣ ତରବରିଆ ଖାଦ୍ୟଗ୍ରହଣ



### ଅଜୀର୍ଣ୍ଣ ସମସ୍ୟା

ଶୀଘ୍ରଶୀଘ୍ର ଖାଦ୍ୟ ଖାଇବା ହେତୁ ଲାଳ ଖାଦ୍ୟ ସହ ଠିକ୍ ଭାବେ ମିଶି ପାରେ ନାହିଁ। ଏହାଦ୍ୱାରା ଖାଦ୍ୟ ଭଲ ଭାବେ ଜୀର୍ଣ୍ଣ ହୋଇପାରେ ନାହିଁ। ପାଚନ ସମସ୍ୟା ଦେଖାଯାଏ। ତେଣୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ଉଚିତ।

### ମଧୁମେହ ଆଶଙ୍କା

ଯେଉଁମାନେ ଜଲ୍‌ଦି ଜଲ୍‌ଦି ଖାଦ୍ୟ ଖାଆନ୍ତି, ସେମାନଙ୍କର ଓଜନ ଶୀଘ୍ର ବୃଦ୍ଧି ପାଇଥାଏ। ମେଦବହୁଳତା ହେତୁ ମଧୁମେହ ହେବାର ଆଶଙ୍କା ମଧ୍ୟ ବଢ଼ିଯାଇଥାଏ। ବିଶେଷକରି ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବଢ଼ିଯାଇଥାଏ।

### ଗଳାରେ ଖାଦ୍ୟ ଅଟକିଯିବା

ବେଳେବେଳେ ତରତର ହୋଇ ଖାଇବା ଚକ୍କରରେ ଖାଦ୍ୟ ଗଳାରେ ଲାଖିଯାଏ। ଏଥିଯୋଗୁଁ ସମସ୍ୟା ଗୁରୁତର ହୋଇପାରେ। ତେଣୁ ଖାଦ୍ୟକୁ ଆସ୍ତେଆସ୍ତେ ଖାଇବା ଉଚିତ।

### ମୋଟାପଣ ସମସ୍ୟା

ଖାଦ୍ୟ ଶୀଘ୍ର ଖାଇବା ଦ୍ୱାରା ମୋଟାପଣ ବୃଦ୍ଧି ପାଇଥାଏ। ଖାଦ୍ୟକୁ ଚୋବାଇ ନ ଖାଇବା ଦ୍ୱାରା ପେଟ ଠିକ୍ ଭାବରେ ପୂର୍ଣ୍ଣ ହୁଏ ନାହିଁ। ଏପରି ପରିସ୍ଥିତିରେ ଜଣେ ଅଳ୍ପ ସମୟରେ ଭୋକିଲା ଅନୁଭବ କରନ୍ତି। ଯେଉଁ କାରଣରୁ ଓଜନ ବୃଦ୍ଧି ପାଇଥାଏ।

# ହୃଦ୍‌ରୋଗର କାରଣ ପାଟି ଦୁର୍ଗନ୍ଧ!



ଦାନ୍ତ ଠିକ୍‌ସେ ନ ଘଷିବା ତଥା ପାଟି ପରିଷ୍କାର ନ କରିବା ଦ୍ୱାରା ପାଟି ଦୁର୍ଗନ୍ଧ ହେବା ସାଧାରଣ କଥା। ତା'ସହ ପାଇରିଆ ମଧ୍ୟ ପାଟି ଦୁର୍ଗନ୍ଧର ଅନ୍ୟତମ କାରଣ। ନିୟମିତ ବ୍ରଶ୍ କରିବା ତଥା ପାଟି ସଫା କରିବା ସତ୍ତ୍ୱେ ମଧ୍ୟ ପାଟିରୁ ଦୁର୍ଗନ୍ଧ ହୁଏ। ଯାହାକୁ ନେଇ ଅନେକ ସମୟରେ ଲୋକେ ଚିନ୍ତାରେ ରହନ୍ତି। ତେବେ ଉପଯୁକ୍ତ ସ୍ୱଚ୍ଛତା ତଥା ଯତ୍ନ ନେବା ପରେ ଯଦି ପାଟିରୁ ଦୁର୍ଗନ୍ଧ ଆସୁଥିଲେ, ଏହାକୁ ଅଣଦେଖା ନ କରି ଏବେଠୁ ସତର୍କ ହେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାଇ ଦେଇଛନ୍ତି। କାରଣ ପାଟି ଦୁର୍ଗନ୍ଧ ହୃଦ୍‌ରୋଗର କାରଣ ବି ହୋଇପାରେ। ପେନ୍ ମେଡିସିନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ, ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ମାଢ଼ି ସମ୍ବନ୍ଧୀୟ ସମସ୍ୟା ଏବଂ ହୃଦ୍ ରୋଗ ମଧ୍ୟରେ ଥିବା ସମ୍ବନ୍ଧ ଓ ସମସ୍ୟା ବାବଦରେ ସଚେତନ କରାଇଛନ୍ତି। ମୁଖ ଦୁର୍ଗନ୍ଧ ଦ୍ୱାରା ହୃଦ୍‌ରୋଗ ସମସ୍ୟା ବିକଶିତ ହେବାର ଏକ ସଙ୍କେତ ଦେଇଥାଏ। ତେଣୁ ମାଢ଼ି ସମ୍ବନ୍ଧିତ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ପାଟିକୁ ଠିକ୍ ଭାବେ ପରିଷ୍କାର ନ କରିବା ଦ୍ୱାରା ଜୀବାଣୁ ଶରୀରର ଅନ୍ୟ ଭାଗରେ ପହଞ୍ଚି ସଂକ୍ରମଣ ସୃଷ୍ଟି କରେ। ଏହି ଜୀବାଣୁଗୁଡ଼ିକ ଧମନୀରେ ସଂକ୍ରମଣ ସୃଷ୍ଟି କରିପାରନ୍ତି। ଏଣୁ ଏ ଦୃଷ୍ଟିରୁ ହୃଦ୍‌ରୋଗୀଙ୍କୁ ଓରାଲ ହେଲ୍‌ଥ ଉପରେ ବିଶେଷ ଯତ୍ନବାନ ହେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଏସ୍ଏସ୍‌ବି ପରୀକ୍ଷାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

**କୋରାପୁଟ, ୩୦।୧(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପାଇଁ ରାଜ୍ୟ ଚୟନ ବୋର୍ଡ (ଏସ୍ଏସ୍‌ବି) ସାକ୍ଷାତକାରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ୬ ଜଣ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଡିଗ୍ରୀ କଲେଜରେ ନିଯୁକ୍ତି ପାଇଁ ରୋହିତ ବଗର୍ତ୍ତୀ, ମନସ୍ୱିନୀ ଆଚାର୍ଯ୍ୟ, ଅମୃତା ମହାନ୍ତି, ଦୁଇଗରଙ୍ଗ ଶବର, ମନୀନ୍ଦ୍ର ହାନହାଗା ଓ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଚୟନ ହୋଇଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସଫଳ ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଭାଗୀୟ ଅଧ୍ୟାପକମାନଙ୍କ ନିଷ୍ଠାକୁ ସେ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟ ଓ ଦେଶର ଉନ୍ନତି ପାଇଁ ନିଜର ଉଦାହରଣୀୟ ଭାବନା ବଜାୟ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ମିନତି ସାହୁଙ୍କ ସମେତ ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ବେହେରା ଓ ବିଶ୍ୱଜିତ ଭୋଇ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ଅଭିବୃଦ୍ଧିରେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା ସହ ଆଗାମୀ ଦିନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳିତ



**ନବରଙ୍ଗପୁର, ୩୦।୧(ସମିସ):** ଜାତିର ପିତା ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଜାନୁଆରୀ ୩୦ ଅବସରରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ଅବସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାପାଳ ଡ. ମିଶ୍ର ସହିଦ୍ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦେଶ ପାଇଁ ପ୍ରାଣବଳି ଦେଇଥିବା ସେହି ମହାନ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଡେପୁଟି ଜିଲ୍ଲାପାଳ ଡ. ଅମୃତ କୁମାର ରାଉଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ଜରୁରୀକାଳୀନ ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ନାଲକୋ ଅନୁଦାନ ପ୍ରଦାନକୁ ବିତିଲାଣି ବର୍ଷେ

# ଆରମ୍ଭ ହେଉନି ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କାର୍ଯ୍ୟ

**ଦାମନଯୋଡି, ୩୦।୧(ସମିସ)**

ଦାମନଯୋଡିସ୍ଥିତ ନାଲ୍କୋ ପକ୍ଷରୁ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ କରି ବର୍ଷେ ବିତିଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯାହାକୁ

**● ସାଧାରଣରେ ବଢୁଛି ଅସନ୍ତୋଷ**

ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଗତ ୨୦୨୩ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ। ଉକ୍ତ ଦିନ ନାଲକୋ ପକ୍ଷରୁ ଏକ କୋଟି ଟଙ୍କାର ଚେକ୍ ଜିଲ୍ଲା ସହକାରୀ ଚିକିତ୍ସା ଅଧିକାରୀ ଅରୁଣ କୁମାର ପାଢ଼ୀଙ୍କୁ ଅଗ୍ରୀମ ପ୍ରଦାନ କରିବା ସହିତ ପର୍ଯ୍ୟାୟ କ୍ରମେ ଅବଶିଷ୍ଟ ଅର୍ଥ ପ୍ରଦାନ କରିବାରୁ ଶ୍ରୀ ପାତ୍ର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ନାଲକୋ ପକ୍ଷରୁ ଏଭଳି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଖୁସି ହେବା ସହ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା। ତେବେ ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନେଇ ଇଟା ଖଣ୍ଡେ ମଧ୍ୟ ଶୁଭ ଦିଆଯାଇ ପାରିଲା ନାହିଁ। ଚଳିତ ବର୍ଷ ଗଣତନ୍ତ୍ର ଦିବସରେ ଶ୍ରୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରେ ଶ୍ରୀ ପାତ୍ର କହିଥିଲେ ଯେ ପ୍ରକଳ୍ପ ପକ୍ଷରୁ ସହାୟତା ଘୋଷଣା କରାଯାଇଛି ଓ ପ୍ରକଳ୍ପ ଏହାକୁ ନିଶ୍ଚୟ ପ୍ରଦାନ କରିବ। କିନ୍ତୁ କାର୍ଯ୍ୟ କରିବା ଆମ କ୍ଷମତା ଭିତରେ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନର ଦାୟିତ୍ୱ ବୋଲି ସେ କହିଛନ୍ତି। ଜିଲ୍ଲା ପ୍ରଶାସନର ମାଥାଲପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ବୈମାତୃକ ମନୋଭାବ ଯୋଗୁଁ ନାଲକୋ ପକ୍ଷରୁ ଘୋଷିତ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




# ‘ନୂଆ-ଓ’ ଓଡ଼ିଆ ସାହିତ୍ୟର ଉଦ୍‌ଯାପନୀ ଉତ୍ସବ

**ଲକ୍ଷ୍ମୀପୁର, ୩୦।୧(ସମିସ) :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୁଇ ସପ୍ତାହ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ପ୍ରାଧାପକ ଗିରିଜା କୁମାର ଚୌଧୁରୀ ସଭାପତିତ୍ୱ କରି ମାତୃଭାଷାର ଗୁରୁତ୍ୱ ଉପରେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ସମ୍ମାନିତ ଅତିଥି କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଲକ୍ଷ୍ମୀପୁର ବ୍ଲକ ଅଧକ୍ଷା ସୁଆଇ କୁଲେସିକା, ସମାଜସେବୀ କୌଶଲ୍ୟା ହିକକା ଓ ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ପ୍ରବନ୍ଧ, ଓଡିଆ ଭଜନ, ବ୍ୟାକରଣ, ସ୍ଲୋଗାନ, ପାଠଚକ୍ର, କବିତା ଆବୃତ୍ତି, ପ୍ରଶ୍ନୋତ୍ତର, ବ୍ୟଞ୍ଜନ, ହସ୍ତାକ୍ଷର, କବିତା, ତର୍କ, ପଟ୍ଟଚିତ୍ର, ଢେମସା ନୃତ୍ୟ, ଲୋକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସମୁଦାୟ ୧୪ଟି ପ୍ରତିଯୋଗିତାର ୪୨ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକାଧିକ ପୁରସ୍କାର ପାଇଥିବା ଛାତ୍ର ଦିଲେଶ୍ୱର୍ ହାଲୱାଙ୍କୁ ଚାମ୍ପିଅନ ଘୋଷଣା କରିବା ସହ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ତଥା ବରିଷ୍ଠ ଅଧ୍ୟାପକ ଡ. ଜଗନ୍ନାଥ ରଥ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ମୌତୁସୀ ପ୍ରଧାନ, ସନ୍ତୋଷିନୀ ଦାସ, ମହିମା ରାଣୀ ରାଜୁ, ଜୟଶ୍ରୀ ପଟ୍ଟନାୟକ, ବୈଶାଖୀ ଦୀପ ଏବଂ ଅଧ୍ୟାପକ ଯଶୋବନ୍ତ ଗରଡା, ମଧୁସୂଦନ ସାହୁ, ଦୁର୍ଯ୍ୟୋଧନ ସାହୁ, ତାରେଣୀ ପ୍ରସାଦ ଶତପଥୀ, କାହ୍ନୁଚରଣ ବିଶୋୟୀ, ଶୀତଳ ପ୍ରସାଦ ଦାସ, ଲକ୍ଷ୍ମୀକାନ୍ତ ଟାକ୍ରୀ, ପବିତ୍ର ମଣ୍ଡଳ, ଲାଲୁ ହରିଜନ, କର୍ମଚାରୀ କିଶୋର ଚନ୍ଦ୍ର ବିଶୋଇ, ଚନ୍ଦନ ସାହୁ, ଆମରି ହିକକା, ଗୋଲକ ଖୋସଲା, ବିଶି, ଏନ୍କେଶ୍ୱର ଖରା, ଏକାଦଶୀ ଟାକ୍ରୀ, ହରି ବିଶୋଇ, ଅଶୋକ ମାଝୀ, ହରିଶ୍ଚନ୍ଦ୍ର ହୁଇକା, ବବି ହିକକା, ଭଜମନ ବିଶୋଇ ଏବଂ ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ବୈପାରୀଗୁଡ଼ା, ୩୦।୧(ସମିସ):** ବୈପାରୀଗୁଡା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଦୀପାଞ୍ଜଳି ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ କୁନ୍ଦୁରା ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କୁନ୍ଦୁରା ଅଞ୍ଚଳରେ କୁକୁଡ଼ା ଲଢେଇ ବନ୍ଦ କରି ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ସେ ପରିଚୟ ସୃଷ୍ଟି କରିଥିଲେ। ବୈପାରୀଗୁଡ଼ାରେ ମଧ୍ୟ ସେ ଗଞ୍ଜେଇ ଚୋରା ଚାଲାଣ, କୁକୁଡ଼ା ଲଢ଼େଇ, ବେପରୁଆ ଗାଡି ଚାଳନା ଉପରେ ସେ ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି।

# ସହିଦ ଦିବସ ପାଳିତ



**ଗୁଣୁପୁର,୩୦।୧(ସମିସ):** ଜାନୁଆରୀ ୩୦ତାରିଖକୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷିରେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରରେ ସହିଦ ଦିବସ ପାଳନ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉପ ଜିଲ୍ଲାପାଳ କୀରଣ ଦୀପ କୌରଙ୍କ ଅଧକ୍ଷତାରେ ଆୟୋଜିତ ନିରବ ପ୍ରାର୍ଥନାରେ ଡେପୁଟି କଲେକ୍ଟର ଅଭିଷେକ ସ୍ୱାଇଁ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ସତ୍ୟଜିତ ନାୟକ, ସତୀଶ କୁମାର ବଇନି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ସେକ୍ସନ ଅଧିକାରୀ ମନୋରଂଜନୀ କାର୍ଜି, ରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସ୍ୱାଧୀନତା ସଂଗ୍ରାମର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଚନ୍ଦ୍ରପୁର,୩୦।୧(ସମିସ):** ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଜାତି, ଜନଜାତି କଲ୍ୟାଣ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍କୁଲ କମିଟି ସଭାପତି ହାଡ଼ିବନ୍ଧୁ ବ୍ରେକବେଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ପ୍ରଶାନ୍ତ କୁମାର ରତ୍ନାଲୁ, ମକର ତୁଇକା, ବଳଭଦ୍ର କୁଟ୍ରୁକା, କୁନାକୁମାର ମାଝୀ, ସାରଙ୍ଗ ବାଗ ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ର ଭାଗ ନେଇଥିଲେ। ବୁଧବାର ଭଲିବଲ୍, କବାଡ଼ି ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ହେବ ଏବଂ ଫେବୃୟାରୀରେ ବାର୍ଷିକ ଉତ୍ସବ ପାଳନ ହେବ ବୋଲି ଶ୍ରୀ ଗମାଙ୍ଗ କହିଛନ୍ତି।

## ■ ଜିଲ୍ଲା ମହିଳା ବିଜେଡି ବୈଠକ

# ପରିବାର ସମ୍ପର୍କ ଅଭିଯାନ ଉପରେ ଆଲୋଚନା




**କୋରାପୁଟ, ୩୦।୧(ସମିସ):** ସ୍ଥାନୀୟ ଟାଉନ ହଲରେ ଜିଲ୍ଲା ମହିଳା ବିଜୁ ଜନତା ଦଳ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁକ୍ତା ଯୋଜନା ଉପଦେଷ୍ଟା ତଥା କୋରାପୁଟ ଜିଲ୍ଲା ପର୍ଯ୍ୟବେକ୍ଷିକା ମୀରା ପରିଡ଼ା, ଜୋନାଲ ସଭାନେତ୍ରୀ ଲତା ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଜନତା ଦଳ ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ କର୍ମୀ ଓ ନେତା ତୃଣମୂଳସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝି ସମାଧାନ କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଦଳୀୟ ବିଧାୟକ ଓ କର୍ମୀ ସମସ୍ତେ ଲୋକଙ୍କ ନିକଟକୁ ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମହିଳା ସଶକ୍ତିକରଣ, ମମତା ଯୋଜନା, ଲକ୍ଷ୍ମୀ ବସ୍ ସେବା, ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ରୂପାନ୍ତରିତ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବାକୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପଡ଼ାଲ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ତୁଳସୀ କିର୍ଷାନୀ, ରିତା ପାଣିଗ୍ରାହୀ, ଲିଲି ବୁରୁଡ଼ି ଓ ଅନ୍ୟମାନେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହିଳା ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିବାବେଳେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ମତ ପ୍ରକାଶ କରିଥିଲେ।

# ମହାଦେଇପୁଟ-ପୁଟପଣ୍ଡି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



**କୋରାପୁଟ, ୩୦।୧(ସମିସ):** ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମଙ୍ଗଳବାର ପୂର୍ବାହ୍ନରେ ମହାଦେଇପୁଟଠାରୁ ପୁଟପଣ୍ଡି ପ୍ରସ୍ତାବିତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦୀର୍ଘ ବର୍ଷରୁ କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତର ଏହି ରାସ୍ତା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିବା ବେଳେ ବର୍ତ୍ତମାନ ଏହା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ରାସ୍ତା ପାଇଁ ପାଣ୍ଠି ଯୋଗାଇବା ସହ ଶୁଭ ଦେଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଶ୍ରୀ ପଡ଼ାଲଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜୁ ଜନତା ଦଳ ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି, ବିଜେଡି ବ୍ଲକ ସଭାପତି ମଣ୍ଟୁ ବେନିଆ, ଏସ୍ସିସି ସଦସ୍ୟ ପର୍ଶୁ ମୁଦୁଲି ଏବଂ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଜଗନ୍ନାଥ ମନ୍ଦିର ସ୍ଥାନ ଚିହ୍ନଟ ପାଇଁ ତହସିଲଦାରଙ୍କୁ ଆବେଦନ

**ମାଲକାନଗିରି, ୩୦।୧(ସମିସ):** ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ମୁଖ୍ୟ ସଦରରେ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା ସହିତ ଉକ୍ତ ଜାଗାକୁ ସ୍ଥାନୀୟ ଜଗନ୍ନାଥ କମିଟିକୁ ହସ୍ତାନ୍ତର କରିବା ସମ୍ବନ୍ଧେ ଏକ ଆବେଦନ ପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଆବେଦନ ପତ୍ର ଗ୍ରହଣ କରିବା ପରେ ତହସିଲଦାର ଟୁକୁନୁ ପଟ୍ଟା କହିଛନ୍ତି ଯେ ଜଗନ୍ନାଥ ମନ୍ଦିର ପାଇଁ ସ୍ଥାନ ନିରୂପଣ ଏକ ସୌଭାଗ୍ୟର ବିଷୟ ଓ ଖୁବ ଶୀଘ୍ର ସ୍ଥାନ ଚୟନ କରି ଆବେଦକ କମିଟିକୁ ଯୋଗାଇ ଦେବା ବିଷୟରେ ସୂଚନା ଦେଇଛନ୍ତି। ଏହି ଆବେଦନ ସମୟରେ ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସରପଞ୍ଚ ମଙ୍ଗଳା ମାଡି, ଗୋପୀ ପାଙ୍ଗି, ବରିଷ୍ଠ ବୁଦ୍ଧିଜୀବୀ ସତ୍ୟ ପାଣିଗ୍ରାହୀ, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ ଜ୍ୟୋତିରଞ୍ଜନ ବେହେରା, ଗୋପିନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ପତ୍ରାଙ୍କ ସଂଖ୍ୟା ୧୧୭ ୯ ପ୍ରକାରେ କୁଡୁମୁଲୁଗୁମ୍ମା ଅଞ୍ଚଳରେ ଏକ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ସମ୍ବନ୍ଧରେ ସୂଚନା ଦିଆଯାଇଛି। ଏଥି ଯୋଗୁଁ ବିଧିବଦ୍ଧ ଭାବେ ତହସିଲଦାରଙ୍କୁ ଆବେଦନ କରା ଯାଇଛି।

# ବାଉଁଶବୁଦା ମୂଳରୁ ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ମାଲକାନଗିରି/କାଲିମେଳା, ୩୦।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୁଲିସ ବାଉଁଶ ବୁଦା ମୂଳରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇଁ କାଲିମେଳା ପୁଲିସ ଗତକାଲି ରାତିରେ କାଲିମେଳା ବ୍ଲକ ଅନ୍ତର୍ଗତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ଗୁରାଲୁର ଜଙ୍ଗଲରେ ଚଢ଼ାଉ କରିଥିଲା। ଏହି ଜଙ୍ଗଲ କାଲିମେଳା ଠାରୁ ୪୦ କିଲୋମିଟର ଦୂରରେ ଥିବା ବେଳେ ରାତ୍ର ସମୟରେ ବହୁ ଖୋଜାଖୋଜି ପରେ ଗୋଟିଏ ବାଉଁଶ ଗଛ ମୂଳରେ ଲୁଚାଇ ରଖିଥିବା ୨୩ ବସ୍ତା ଗଂଜେଇ ଜବତ କରିଛନ୍ତି। ଉକ୍ତ ୨୩ ବସ୍ତାରେ ମୋଟ ୫୮୩ କେଜି ଗଂଜେଇ ଥିବା ବେଳେ ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ଦୀପଙ୍କର ମାଲି ହୋଇଥିବା ବେଳେ ଉକ୍ତ ବ୍ୟକ୍ତିଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ଏହି ଗଂଜେଇ ଆନ୍ଧ୍ରପ୍ରଦେଶର ଡଙ୍କରାଇ ଜଳଭଣ୍ଡାର ପାର ହୋଇ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେବାପାଇଁ ଥିଲା ବୋଲି ଜଣାପଡ଼ିଛି। ତେବେ ଜବତ ହୋଇଥିବା ଗଂଜେଇର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି।

## ‘ନୂଆ-ଓ’ କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ‘ନିଜ ଅଞ୍ଚଳର ଭାଷା ହିଁ ଶ୍ରେଷ୍ଠ ମାତୃଭାଷା’

**ନନ୍ଦପୁର, ୩୦।୧(ସମିସ)**

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ‘ନୂଆ-ଓ’ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ନନ୍ଦପୁର ସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା କବି ବିଚିତ୍ରାନନ୍ଦ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ନିଜ ଅଞ୍ଚଳର ଭାଷା ହିଁ ହେଉଛି ଶ୍ରେଷ୍ଠ ମାତୃଭାଷା ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀ ମା’ ମାଟିକୁ ଭଲ ପାଇବା ସହ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅମର କୁମାର ସଭାପତିତ୍ୱ କରି ‘ନୂଆ-ଓ’ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ସ୍ନେହଲତା ସେଠି ଉଦ୍‌ଯାପନୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଅଧ୍ୟାପିକା ଏମ୍. ଜୟା, ସୁରଭି ପାଣିଗ୍ରାହୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, ଅର୍ଚ୍ଚନା ପାଢ଼ୀ, ନରସିଂହ ଖୋସଲା, ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ, ଉଷାରାଣୀ ଗୁଣ୍ଟା ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ମହାବିଦ୍ୟାଳୟ ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ପଞ୍ଚାୟତସ୍ତରୀୟ ସଚେତନତା ଶିବିର




**କଲ୍ୟାଣସିଂହପୁର,୩୦।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମା ପଞ୍ଚାୟତର ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଜୀବ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଉପାଧକ୍ଷ ଡମ୍ବରୁ କଞ୍ଚାକା, ସମ୍ମାନିତ ଅତିଥି ଭାବେ ସେରିଗୁମା ପଞ୍ଚାୟତ ସରପଞ୍ଚ ଦୀପାଇ ନାଚିକା, ସମିତି ସଭ୍ୟ ରାମରାଓ କାଡ୍ରାକା, ନାଏବ ସରପଞ୍ଚ ଜଗରାଓ ମିଣିଆକା, ସେରିଗୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ଭାତ୍ରିଆ ମଞ୍ଚାସୀନ ଥିଲେ। ‘ଆମ ଓଡ଼ିଶା-ନବୀନ ଓଡ଼ିଶା’ ୧୩ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା, ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୫୮୪ ପରିବାରକୁ ଅନ୍ତର୍ଭୁକ୍ତ କରିଥିବାବେଳେ ୫ଜଣ ହିତାଧିକାରୀ ଉପକୃତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୬ଟି ପ୍ରକଳ୍ପ ପାଇଁ ୪୨ଲକ୍ଷ ଟଙ୍କା, ୭୮ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ୫୯୯ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୭୩ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ୍ ୨୩୩ଲକ୍ଷ ଟଙ୍କାର ବିନା ସୁଧରେ ମିଶନ ଶକ୍ତି ସହାୟତାରେ ଋଣ ପ୍ରଦାନ, ୧୫୮୪ ପରିବାରକୁ ରାସନ କାର୍ଡ, ୧୯୦ ଗର୍ଭବତୀଙ୍କୁ ମମତା ଯୋଜନାରେ ସହାୟତା, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ୍ ଯୋଜନା, ‘୫-ଟି’ ଅଧୀନରେ ୩୯ ଲକ୍ଷ ଟଙ୍କା ବିନିମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରୂପାନ୍ତରୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବାଉଁଶ ହସ୍ତଶିଳ୍ପ, କୁକୁଡ଼ା ଓ ଛେଳି ଚାଷ, ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡ୍ରୋନ୍ ମାଧ୍ୟମରେ ଔଷଧ ବଣ୍ଟନ, ସୌର ଚାଳିତ ରାସ୍ତା ଆଲୋକୀକରଣ ଓ ପାନୀୟ ଜଳ ଯୋଗାଣ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମନ୍ଦିରର ଉନ୍ନତିକରଣ, ବସୁଧା ଯୋଜନା, ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଅଜୈବିକ ପୃଥକୀକରଣ କେନ୍ଦ୍ର ଓ ଆମ ବସ୍ ଷ୍ଟପ୍, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସଡ଼କ ଯୋଜନା ବିଷୟରେ ସୂଚନା ଦେବା ସହିତ ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶନୀ କରାଯାଇଥିଲା। ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ସାହୁ ଓ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ଆଜି ମହାପ୍ରଭୁଙ୍କ ବନକଲାଗି

## ୩ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ, ୩୦।୧(ସମିସ):** ମାଘ କୃଷ୍ଣ ପଞ୍ଚମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

■ କାର୍ଯ୍ୟରେ ଯୋଗଦେଲେ ସମର୍ଥ ବର୍ମା

## ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେଲେ



**ପୁରୀ, ୩୦।୧(ସମିସ):** ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସମର୍ଥ ବର୍ମା। ଏଥିସହ ସେ ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ରହିବେ। ତେବେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ମନ୍ଦିର ପ୍ରଶାସନର ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏଥିସହ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ ହୋଇଥିବା ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହା ପୂର୍ବରୁ ପୁରୀ ଜିଲ୍ଲାପାଳ ଥିଲେ ସମର୍ଥ ବର୍ମା। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏବେ ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ, ଶ୍ରୀ ମାର୍ଗ ଓ ସମଙ୍ଗ ପାର୍କିଂ ଖୋଲାଯାଇଛି। ଶ୍ରଦ୍ଧାଳୁମାନେ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ପୂର୍ବରୁ ଚାଲିଥିବା ସମସ୍ତ ପ୍ରଶାସନିକ ସଂସ୍କାର ବ୍ୟବସ୍ଥାକୁ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯିବ। ମନ୍ଦିର ଭିତରେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ, ପାନ ଗୁଟୁଖା କି ପଲିଥିନ ବ୍ୟବହାର ଉପରେ କଟକଣା, ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ସମେତ ଭକ୍ତଙ୍କୁ ଉଚିତ୍ ବ୍ୟବହାର ତଥା ସେବାୟତଙ୍କ ଆଚରଣ ଉଚ୍ଚାରଣ ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା। ସୂଚନାଥାଉ କି, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ରଞ୍ଜନ କୁମାର ଦାସଙ୍କର କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ବଦଳି ହୋଇଛି। ସୋମବାର ତାଙ୍କ ଶେଷ କାର୍ଯ୍ୟ ଦିବସ ଥିଲା। ମଙ୍ଗଳବାର ସମର୍ଥ ବର୍ମା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଇଛନ୍ତି।

## ହାତୀ ଛୁଆର ମୃତ୍ୟୁ



**ରାସୋଲ, ୩୦ ।୧(ସମିସ):** ହିନ୍ଦୋଳ ବନାଞ୍ଚଳ ବାବନ୍ଧ ସେକ୍ସନ ଗିରିଧର ପ୍ରସାଦ ଗ୍ରାମ୍ୟ ଜଙ୍ଗଲରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଛି। ମୃତ ହାତୀଛୁଆଟିର ବୟସ ଦୁଇବର୍ଷ ହୋଇଥିବା ଜଣାପଡ଼ିଛି। ବାବନ୍ଧ ଫରେଷ୍ଟର, ହିନ୍ଦୋଳ ବନପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀ ଉପସ୍ଥିତ ରହି ହାତୀ ଛୁଆର ମୃତଦେହକୁ ଜଗି ରହିଥିବା ଦେଖିବାକୁ ମିଳିଛି। ହାତୀ ଛୁଆ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

## ଗ୍ୟାସ୍ କଟର୍‌ରେ ଏଟିଏମ୍ କାଟି ୮ ଲକ୍ଷ ଲୁଟ୍

**ଯୋଡ଼ା, ୩୦ ।୧ (ସମିସ):** ଯୋଡ଼ା ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଯୋଡ଼ା ସହରର ବନେଇକଳା ବ୍ୟାଙ୍କ୍ ଅଫ ଇଣ୍ଡିଆର ଏଟିଏମ୍‌ରୁ ସୋମବାର ବିଳମ୍ବିତ ରାତିରେ ୮ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍‌କୁ କାଟି ସବୁତକ ଟଙ୍କା ଲୁଟି ନେଇଛନ୍ତି। ଏଟିଏମ୍ ଏଜେନ୍ସି ନେଇଥିବା ସଂସ୍ଥା ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକ ତଦନ୍ତ ପାଇଁ କେନ୍ଦୁଝରରୁ ଏକ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ଏଟିଏମ୍ କାଉଣ୍ଟର୍‌ର ଅପରପାର୍ଶ୍ୱରେ ଥିବା ଫିଟନେସ୍ ସେଣ୍ଟର୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୁଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଥିବା ଦୃଶ୍ୟରେ, ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ରାତି ପ୍ରାୟ ୨.୫୦ରେ ଏଟିଏମ୍ ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ଏଟିଏମ୍ ମେସିନକୁ କାଟି ଏହି ଲୁଟ୍ କରିଛନ୍ତି। ସୂଚନାଯୋଗ୍ୟ, ଯୋଡ଼ା ଏକ ସମ୍ବେଦନଶୀଳ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଘନଘନ ଭାରପ୍ରାପ୍ତ ଅଧିକାରୀଙ୍କ ପରିବର୍ତ୍ତନ ଯୋଡ଼ା ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ସହାୟକ ହୋଇଛି। ଦୀର୍ଘ ଦିନ ଧରି ଯୋଡ଼ା ସହରରେ ରାତ୍ରି ପାଟ୍ରୋଲିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଅସାମାଜିକ ବ୍ୟକ୍ତିମାନେ ଏହାର ସୁଯୋଗ ନେଉଥିବା ଅଭିଯୋଗ ହେଉଛି।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକଙ୍କୁ ୨ବର୍ଷ ଜେଲ୍

**କଟକ, ୩୦ ।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗଞ୍ଜାମ ଜିଲ୍ଲାର ପୂର୍ବତନ ତଥା ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଅଶୋକ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ଗତ ୨୦୧୭ରେ ଗଞ୍ଜାମ ଜିଲ୍ଲାର ଅବକାରୀ ଅଧୀକ୍ଷକ ଥିବା ଶ୍ରୀ ଜେନାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଚଢ଼ଉ କରି ତାଙ୍କର ବିପୁଳ ସମ୍ପତ୍ତି ଠାବ କରିଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲା। କଟକ ଭିଜିଲାନ୍ସ ସେଲର ପ୍ରାକ୍ତନ ଇନସ୍ପେକ୍ଟର ରାଧାମୋହନ ପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ବୀରେନ୍ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ୍ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

୩ ବର୍ଷରେ ଓଡ଼ିଶାରୁ ୧୦୬ କୋଟି ସାଇବର ଠକେଇ

# ଅଦୃଶ୍ୟ ଠକଙ୍କୁ ଧରିବାକୁ ପୁଲିସ ଜାଲ

**ଭୁବନେଶ୍ୱର,୩୦ ।୧(ସମିସ):** ଏଣିକି ସାଇବର ଠକେଇରେ ଅଙ୍କୁଶ ଲଗାଇବ ପୁଲିସ। ଦୀର୍ଘବର୍ଷ ଧରି ସାଇବର ଅପରାଧୀ ଜାଲରେ ଫଶି ଲୋକମାନେ କୋଟି କୋଟି ଟଙ୍କା ହରାଇ ସାରିଛନ୍ତି। ଏହାକୁ ରୋକିବା ଓ ସାଇବର ଠକଙ୍କୁ ଧରିବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟ ହାତ ମିଳାଇଛନ୍ତି। ଓଡ଼ିଶା ସମେତ ରାଜସ୍ଥାନ, ଝାଡଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପୁଲିସର ବଛାବିଛା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହେବ ଏବଂ ଏହି ଅଭିଜ୍ଞ ଅଧିକାରୀମାନେ ସାଇବର ଠକମାନଙ୍କ ଉପରେ ନଜର ରଖିବେ।

ମିଳିଥିବା ସୂଚନା ଅନୁସାରେ ସାଇବର ଠକେଇର ତଦନ୍ତ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା କିମ୍ବା ଅଭିଜ୍ଞତା ରହିଥିବା ପୁଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ଅନ୍ୟ ରାଜ୍ୟର ପୁଲିସକୁ କିଭଳି ସହଯୋଗ ଦେଇପାରିବେ, ସେ ବିଷୟରେ ତାଲିମ୍ ମିଳିଛି। ଏହି ଟିମ୍ କାର୍ଯ୍ୟକ୍ଷମ ହେବା ପରେ ଗୋଟିଏ ରାଜ୍ୟରୁ ସାଇବର ଅପରାଧ ଘଟାଇ ଅନ୍ୟ ରାଜ୍ୟରେ ଲୁଚି ପୁଣି ଅପରାଧ ଘଟାଇବା ଏଣିକି ସମ୍ଭବ ହେବ ନାହିଁ। ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରକ୍ଷା କରି ସାଇବର ଅପରାଧ ରୋକାଯିବ।

ସାଇବର ଅପରାଧୀମାନେ ନିଜ ଠିକଣା ସର୍ବଦାକୁ ଗୋପନ ରଖିଥାଆନ୍ତି। ଗୋଟିଏ ରାଜ୍ୟରେ ଥାଇ ଅନ୍ୟ ରାଜ୍ୟରେ ଅପରାଧର ଜାଲ ବୁଣି ଲୋକଙ୍କୁ ଭକୁଆ କରି କୋଟି କୋଟି ଟଙ୍କା ଲୁଟିଥାଆନ୍ତି। ସାଇବର ଅପରାଧୀ ରହୁଥିବା ରାଜ୍ୟକୁ ଅନ୍ୟ ରାଜ୍ୟର ପୁଲିସ ଧରିବାକୁ ଗଲେ ସେମାନଙ୍କୁ ଉପଯୁକ୍ତ ସହାୟତା ମିଳିପାରୁ ନାହିଁ। ଏପରିକି କିଛି ସ୍ଥାନୀୟ ପୁଲିସ ସାଇବର ଠକଙ୍କୁ ଖସାଇବାରେ ସହାୟତା ମଧ୍ୟ କରୁଛନ୍ତି। ତେଣୁ ଏହାକୁ ରୋକାଯିବା ସହ ବିଭିନ୍ନ ରାଜ୍ୟର ପୁଲିସ ମଧ୍ୟରେ ଆନ୍ତଃ ସମନ୍ୱୟ ରଖାଯିବ।

ଓଡ଼ିଶାରେ ସାଇବର ଠକେଇର ଅଭିଯୁକ୍ତମାନେ ମୁଖ୍ୟତଃ ଝାଡଖଣ୍ଡ, ରାଜସ୍ଥାନ, ଗୁଜୁରାଟ, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ରହୁଛନ୍ତି। ଏହି ରାଜ୍ୟରୁ ଓଡ଼ିଶାକୁ ଅଧିକ ଠକେଇ କଲ୍ ଆସୁଛି। ଗତ ଦୁଇବର୍ଷ ତଥ୍ୟ ଅନୁଧ୍ୟାନ କଲେ ରାଜସ୍ଥାନର ଭରତପୁର ଓ ଜୟପୁର, ହରିୟାଣାର ମେୱାଟ, ନୁହ, ଝାଡଖଣ୍ଡର ଜମତରା, ତିନି ପାହାଡ, ପଶ୍ଚିମବଙ୍ଗର କୋଲକାତା ଓ ମାଲଦା, ବିହାରର ପାଟଣା, ଭାଗଲପୁର, ହାଜିରାବାଗ, ଗୟା, ଜଗଦଲପୁର, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲ୍‌ୱାର, ଫିରୋଜପୁର, ସୋହାନ, ଦିଲ୍ଲୀର ନୋଏଡା, ଗାଜିଆବାଦ, ଗୁରୁଗାଓଁ ଓ ଫରିଦାବାଦ, ଗୁଜୁରାଟର ଅହମ୍ମଦବାଦ, ସୁରଟ ଆଦି ଅଞ୍ଚଳର ସାଇବରଠକ ଓଡ଼ିଶାରେ ସକ୍ରିୟ ଅଛନ୍ତି। ସେଠାରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ଠକ ନେଟ୍‌ୱାର୍କ ଚଳାଇଛନ୍ତି। ଟ୍ରାଇ-ଜଙ୍କସନ ବା ତିନିଟି ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଠକେଇର ଚେର ଲମ୍ବିଛି। ଗଲା ୩ ବର୍ଷରେ ରାଜ୍ୟରୁ ୧୦୬ କୋଟି ଟଙ୍କା ଠକେଇ ସଂକ୍ରାନ୍ତରେ ୧୯୫୦୮ଟି ଅଭିଯୋଗ ହୋଇଛି। ଅଦୃଶ୍ୟ ଠକଙ୍କଠାରୁ ୧କୋଟି ୮୦ ଲକ୍ଷ ୩୫ହଜାର ୩୨୧ଟଙ୍କା ଫେରସ୍ତ ହୋଇଥିବା ବେଳେ ୫କୋଟି ୬୪ ଲକ୍ଷ ୨୭ହଜାର ୯୧୭ଟଙ୍କା ବ୍ଲକ ହୋଇଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଟ ଠକେଇର ସିଂହଭାଗ କେବଳ ଭୁବନେଶ୍ୱରରୁ ହିଁ ହୋଇଛି। ଅଧିକ ଶିକ୍ଷିତ ରହୁଥିବା ଭୁବନେଶ୍ୱରରୁ ସାଇବର ଠକ ୫୦ କୋଟି ଟଙ୍କା ଲୁଟିଛନ୍ତି। ୨୦୨୩ରେ ଭୁବନେଶ୍ୱରରୁ ୩୦ କୋଟି, ୨୦୨୨ରେ ୧୩ କୋଟି ଟଙ୍କା ଓ ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଛି ହୋଇଥିବା ସୂଚନା ମିଳିଛି।



**ସାଇବର ଅପରାଧ**

| ମସିହା | ମାମଲା |
|---|---|
| ୨୦୧୮ | ୮୬୭ |
| ୨୦୧୯ | ୧୪୭୫ |
| ୨୦୨୦ | ୧୯୩୧ |
| ୨୦୨୧ | ୨୦୩୭ |
| ୨୦୨୨ | ୧୯୮୩ |
| ୨୦୨୩ | ୧୨୮୭ |

**ହାତ ମିଳାଇଲେ ୬ ରାଜ୍ୟ ପୁଲିସ; ଗଠନ ହେବ ସ୍ୱତନ୍ତ୍ର ଟିମ୍**

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

**ବିଭାଗ-କ**

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ବା ସତ୍ୟବାଦୀ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ । ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଓଡିଶାର ଅନ୍ୟ ବହୁ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ପିତା ମହାଦେବ ବ୍ରହ୍ମାଙ୍କର ସେ ଅଞ୍ଚଳରେ ବେଶ୍ ଖାତିର । ୧୮୭୯ ମସିହାରେ ତାଙ୍କର ଯେଉଁ ପ୍ରଥମ ପୁତ୍ର ଜାତ ହେଲା ତାଙ୍କର ନାମ ଦିଆଗଲା ହରି । ହରିହରିଙ୍କର ମୂଳଦୁଆ ଶୋଧ ହୋଇଥିଲା ତାଙ୍କ ଛାତ୍ର ଜୀବନରେ । ସେତିକିବେଳୁ ମଜବୁତ୍ ମୂଳଦୁଆ ନ ପଡିଥିଲେ ତା ଉପରେ ଦୀର୍ଘ ସତୁରି ବର୍ଷର ସେବା ସୌଧ ମୁଣ୍ଡ ଟେକି ଠିଆ ହୋଇପାରି ନଥା'ନ୍ତା । ତାଙ୍କ ବଡପଣିଆର ପ୍ରକୃତ ରୂପ ଦେଖିବାର ସୁଯୋଗ ଯୁବ ସମାଜକୁ ମିଳି ନାହିଁ । ସେ ଭଲ ଇଂରାଜୀ ବ୍ୟାକରଣ ଖଣ୍ଡେ ଲେଖିଥିଲେ ଯାହା ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଲାଣି । ସେ ୧୯୨୧ର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ କାଳ ସ୍ୱାଧୀନତା ସଂଗ୍ରାମ ଭିତରେ ଓତଃପ୍ରୋତ ଭାବରେ ଜଡିତ ଥିଲେ । ଓଡିଶାରେ ବିଂଶ ଶତାବ୍ଦୀର ଆରମ୍ଭରେ ସେ ଥିଲେ ଜଣେ ଅଦମ୍ୟ ସାହସୀ ସଂସ୍କାରକ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁଙ୍କ ପରି ସେ ମଧ୍ୟ ବହୁ ନିର୍ଯାତନା ଭୋଗିଛନ୍ତି ।

କ) ଅସହଯୋଗ ଆନ୍ଦୋଳନ କେବେ ହୋଇଥିଲା ?
ଖ) ହରିହର କେଉଁ ମସିହାରୁ କେଉଁ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଜଡିତ ଥିଲେ?
ଗ) ହରିହରଙ୍କର କେଉଁ ବହି ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଛି ?
ଘ) କେଉଁ ସମୟରେ ହରିହରଙ୍କର ମୂଳଦୁଆ ଶୋଧ ହୋଇଥିଲା?
ଙ) କାହା ଭଳି ହରିହର ବହୁ ନିର୍ଯାତନା ସହିଛନ୍ତି ବୋଲି କୁହାଯାଇଛି?

**ବିଭାଗ-ଖ**

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ଛାତ୍ର ଓ ଅଧ୍ୟବସାୟ ଖ) ସମ୍ବାଦପତ୍ର ଗ)ପରିବେଶ ପ୍ରଦୂଷଣ

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ସାକ୍ଷରତା ଅଭିଯାନ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ବନ୍ୟଜନ୍ତୁଙ୍କ ସୁରକ୍ଷା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
(ବି.ଦ୍ର.: ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

**ବିଭାଗ-ଗ**

୪. ଭାଗବତବାଣୀ କିମ୍ବା ରାମକେରୀ ଛନ୍ଦ ବିଷୟରେ ଉଦାହରଣ ସହିତ ଲେଖ । (୪)

୫. **ଅଶୁଦ୍ଧି ସଂଶୋଧନ କରି ଲେଖ । (୨ଟିର)** (୨)
ନୀରୋଗୀ , ଶଶୀଭୂଷଣ , କାଳିନ୍ଦି

୬. **ରୂଢିଗୁଡିକ ବ୍ୟବହାର କରି ବାକ୍ୟ ଗଠନ କର । (୨ଟିର)** (୨)
ତେଲିଆ ମୁଣ୍ଡରେ ତେଲ ,ବାଆକୁ ବତା , ଉପରଠାଉରିଆ

୭. **ନିର୍ଦ୍ଦେଶ ଅନୁସାରେ ବାକ୍ୟ ବଦଳାଇ ଲେଖ । (୨ଟିର)** (୨)
୧)ଯେତେବେଳେ ବିପଦ ଆସେ , ସେତେବେଳେ ଠକ ବନ୍ଧୁମାନେ ପାଖରୁ ଚାଲିଯାଆନ୍ତି । (ସରଳ ବାକ୍ୟ )
୨) ମୀରା ମିଛ କହିବାରୁ ଦଣ୍ଡ ପାଇଲା । (ଜଟିଳ ବାକ୍ୟ)
୩) ଭାଇ ହାଟକୁ ଯାଇ ଘର ପାଇଁ ପରିବା ଆଣିଲେ । (ଯୌଗିକ ବାକ୍ଯ)

**ବିଭାଗ-ଘ**

୮. **ଗଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ଭାରତୀୟ ଦର୍ଶନରେ , ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।
ଖ) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ ।

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?
ଖ) ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କଣ ବୁଝ?
ଗ) ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମାଆ ବୋଲି ଭାବିବାର କାରଣ କଣ?
ଘ) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ?

୧୦. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) କାନ୍ତକବିଙ୍କ ପୈତୃକ ଗ୍ରାମର ନାମ କ'ଣ ?
୧)ସୁନାଖେଳା ୨)ତାଳପଦା ୩)ଫୁଲନଖରା ୪)ବାଣପୁର
ଖ) କିଏ ଜଣେ ଆଜୀବନ ଅକର୍ମା ଓ ଅବିବାହିତ ଲୋକ ଥିଲେ?
୧) ସାର ମାଉସୀ ୨)ଗୋବିନ୍ଦା ଭାଇ ୩)ଶ୍ରୀକୃଷ୍ଣ ୪) ଦୀନବନ୍ଧୁ ବାବୁ
ଗ) ଲେଖକ ଗୋଲକ ବିହାରୀ ଧଳଙ୍କର କେଉଁ ପୁସ୍ତକରୁ "ମାତୃଭାଷା ଓ ଲୋକଶିକ୍ଷା" ଆସିଅଛି ?
୧) ଗବନ ୨)ଲଣ୍ଡନ ଚିଠି ୩)ଓଡିଆ କେବେ ୪)ଗୋଦାନ
ଘ) କେଉଁଥିରୁ ଜୀବନ୍ତ ଶରୀର ସମ୍ପର୍କରେ ଧାରଣା ମିଳିଥାଏ ?
୧) ପାଣିପବନରୁ ୨) ଟିଭିରୁ ୩)ମଣିଷଠାରୁ ୪)ଜୀବବିଜ୍ଞାନରୁ
ଙ) ମଣିଷର ପ୍ରଥମ ପ୍ରୟୋଜନ କଣ ?
୧)ମାତୃଭାଷା ୨) କୃଷି ୩)ଶାସକ ୪)ଗାନ୍ଧିଜୀ
ଚ) ଶିଷ୍ୟମାନେ କେଉଁଠି ନିଜର କ୍ଷେତ୍ର ପ୍ରସ୍ତୁତ କରିଲେ ?
୧)ବରାହନଗରରେ ୨) ହିମାଳୟରେ ୩)ବନାରସରେ ୪)କାଶିରେ
ଛ) କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?
୧)କାଳାନ୍ତର ୨) ଶିବଭାଇ ୩)ମଶାଣିର ଫୁଲ ୪)ବଜ୍ରବାହୁ
ଜ) ୧୮୨୨ ମସିହାରୁ ଖ୍ରୀଷ୍ଟିୟାନ୍ ମିଶନାରୀମାନେ ଓଡ଼ିଶାରେ କଣ ପ୍ରତିଷ୍ଠା କରିଥିଲେ?
୧)ଚର୍ଚ୍ଚ ୨) ପ୍ରେସ ୩)ମିଶନ ସ୍କୁଲ ୪)ଦାତବ୍ୟ ଚିକିତ୍ସାଳୟ
ଝ) "ଜନ୍ମଭୂମି" ପ୍ରବନ୍ଧଟି ଲେଖକଙ୍କର କେଉଁ ପୁସ୍ତକରୁ ଆସିଅଛି ?
୧) ପ୍ରବନ୍ଧ ମାନସ ୨) ମୋ ସମ୍ରାଟ ଓଡିଶା ୩) ଗାନ୍ଧି କଥାମୃତ ୪) ଅକାଟ୍ୟ ଯୁକ୍ତି
ଞ) "ସଭ୍ୟତା ଓ ବିଜ୍ଞାନ" କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ଡଗର ୨) ଉତ୍କଳ ଦୀପିକା ୩) ହିତୈଷିଣୀ ୪) ଉତ୍କଳ ସାହିତ୍ୟ

୧୧. **ପଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ଭାଙ୍ଗିପଡୁ ଆଜି ଅର୍ଗଳରାଜି
ଘେନ ବିଜୟର ମାଳା ।
ଖ) ଜନମ କାଳୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

୧୨. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ମର୍ତ୍ତ୍ୟ ଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?
ଖ) ସୀତା ଉଷାଙ୍କ ପଦ ବନ୍ଦନା କରି କଣ କହିଲେ ?
ଗ) ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କହିଲେ?
ଘ) ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ?

୧୩. **ପଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତି ବନ୍ଦନା କରୁଛନ୍ତି ?
୧) ମନ୍ଦିରର ୨) ସମୁଦ୍ରର ୩) ଉତ୍କଳ ଜନନୀର ୪)ତାଳତମାଳ ବୃକ୍ଷରାଜିର
ଖ) ଦୁର୍ଯ୍ୟୋଧନ କେଉଁଠାରେ ଆତ୍ମଗୋପନ କରିଥିଲେ ?
୧) ବ୍ୟାସ ସରୋବରରେ ୨) ସମୁଦ୍ରରେ ୩) ବିନ୍ଦୁ ସାଗରରେ ୪) ଚିଲିକାରେ
ଗ) ଅଙ୍ଗଦ ନିକଟକୁ କିଏ ରାବଣର ବାର୍ତ୍ତା ନେଇ ଆସିଥିଲେ ?
୧) ବିଭୀଷଣ ୨) ବାଳୀ ୩) ବାନରଗଣ ୪) ଶୁକ ସାରଣ
ଘ) ଚିଲିକାର ପ୍ରାଚୀ ମୂଳରେ କେଉଁମାନେ ଉଲ୍ଲସିତ ହେବାର କବି ଦେଖିଛନ୍ତି?
୧) ମୀନଜୀବୀ ୨) ପ୍ରକୃତିପ୍ରେମୀ ୩) ପର୍ଯ୍ୟଟକ ୪) ନୌକାଚାଳକ
ଙ) କଳକଣ୍ଠ କଣ୍ଠରେ କିଏ କହିଲା ?
୧) କାଉ ୨) କୋଇଲି ୩)ଉଷା ୪) ସୀତା
ଚ) ନବଯୁଗର କେଉଁମାନଙ୍କୁ ଜାଗି ଉଠିବା ପାଇଁ କବିତାରେ କୁହାଯାଇଛି ?
୧) କୃଷକ ୨) ତରୁଣ ୩) ବୃଦ୍ଧ ୪)ଶୋଷିତ
ଛ) କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ?
୧) ଗଛଲତାଙ୍କୁ ୨) ସମୁଦ୍ରକୁ ୩) ମାଟି ମାଆକୁ ୪) ଫଳମୂଳକୁ
ଜ) କବି ବିଦ୍ୟୁତପ୍ରଭା ଦେବୀ କେଉଁ ପୁସ୍ତକ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ ହୋଇଥିଲେ ?
୧)ସଞ୍ଚୟନ ୨) କାକଳି ୩) ମରୀଚିକା ୪)ବିହାୟସୀ
ଝ) "ଜାଗ ବନ୍ଧନ ହରା" ର କବି କିଏ ?
୧) ରବି ପଟ୍ଟନାୟକ ୨) ଉପେନ୍ଦ୍ର ଭଞ୍ଜ ୩) ସାରଳା ଦାସ ୪) ଅନନ୍ତ ପଟ୍ଟନାୟକ
ଞ) "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାର ପ୍ରତ୍ୟେକ ପଦ କେଉଁ ବର୍ଣ୍ଣରୁ ଆରମ୍ଭ ?
୧) ବ ୨) ପ ୩) ମ ୪) ଚ

୧୪. **ଗଳ୍ପ/ଏକାଙ୍କିକାରୁ ପ୍ରଶ୍ନଗୁଡିକର ଉତ୍ତର ଲେଖ । (୬ଟିର)** (୧×୬=୬)
କ) ଧରମା କି ମହାନ କାର୍ଯ୍ୟ ସମ୍ପାଦନ କରିଥିଲା ?
ଖ) ଗୋଦାମର କାଠ କଟା କୁରାଢିଟି କେତେ କିଲୋ ଲୁହାରେ ତିଆରି?
ଗ) କେତେ ଦିନରେ ଯୁଦ୍ଧ ଶେଷ ହେବ ବୋଲି ମନ୍ତ୍ରୀ ରାଜାଙ୍କୁ କହିଥିଲେ ?
ଘ) ଅଶୋକ କେଉଁ ରାଜ୍ୟର ସମ୍ରାଟ ଥିଲେ ?
ଙ) ସୁବ୍ରତ ଲେଖୁଥିବା କଲମଟି ତାଙ୍କୁ କିଏ ଦେଇଥିଲେ?
ଚ) ମହାପାତ୍ର ବାବୁ କୁଆଡ଼େ ଯାଉଥିଲେ ?
ଛ) ବଡ ପୁଅ ବି. ଏ. ପଢୁ ପଢୁ କଣ ହେଇଗଲା ?
ଜ) ପୁରବୀ ସୁବ୍ରତଙ୍କୁ କି ଖବର ଦେବା ପାଇଁ ମହାପାତ୍ରଙ୍କୁ କହିଥିଲେ?

***** *All the Best...*

**ANSWER KEY**

୧୦.କ-୨ ଖ-୨ ଗ-୩ ଘ- ୪ ଙ-୧ ଚ-୧ ଛ- ୩ ଜ-୩ ଝ- ୧ ଞ- ୪
୧୩.କ-୩ ଖ-୧ ଗ-୪ ଘ-୧ ଙ-୩ ଚ-୨ ଛ-୩ ଜ-୧ ଝ-୪ ଞ- ୧

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଭାରତୀୟ କ୍ରିକେଟରେ ଆଉ ଦୁଇଭାଇଙ୍କ ଉଦୟ

# ସର୍ଫରାଜ ଓ ମୁସିର ଖାନ୍

ଭାରତୀୟ କ୍ରିକେଟରେ ଏବେ ଆଉ ଦୁଇ ଭାଇଙ୍କ ଉଦୟ ହୋଇଛି। ଏମାନେ ହେଉଛନ୍ତି ଉତ୍ତରପ୍ରଦେଶର ଆଜମଗଡ଼ର ଖାନ ଭାତୃଦ୍ୱୟ ସର୍ଫରାଜ ଓ ମୁସିର। ଗୋଟିଏ ଦିନ ପୂର୍ବରୁ ସର୍ଫରାଜ ଇଂଲଣ୍ଡ ବିପକ୍ଷ ଭାରତୀୟ ଟେଷ୍ଟରେ ସ୍ଥାନ ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତାଙ୍କ ସାନ ଭାଇ ମୁସିର ଖାନ୍ ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ଏହି ଦୁଇ ଭାଇଙ୍କୁ ଭାରତୀୟ ବ୍ୟାଟିଂର ଭବିଷ୍ୟତ ବୋଲି ବିବେଚନା କରାଯାଉଛି। ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା, ଇର୍ଫାନ ଓ ୟୁସୁଫ ପଠାନ, ମହିନ୍ଦର ଓ ସୁରିନ୍ଦର ଅମରନାଥଙ୍କ ଭଳି ସର୍ଫରାଜ ଓ ମୁସିର ମଧ୍ୟ ଭବିଷ୍ୟତରେ ଭାରତୀୟ କ୍ରିକେଟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ।

୧୮ ବର୍ଷୀୟ ମୁସିର ମଙ୍ଗଳବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୬ ମ୍ୟାଚ୍‌ରେ ୧୨୬ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାପୂର୍ବରୁ ଗତ ୨୫ ତାରିଖରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଗ୍ରୁପ୍ ଏ' ମ୍ୟାଚ୍‌ରେ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ସେ ପାକିସ୍ତାନର ବାବର ଆଜମ ଓ ଶିଖର ଧାୱନଙ୍କ ସମକକ୍ଷ ହୋଇଛନ୍ତି।

ସେହିପରି ଘରୋଇ କ୍ରିକେଟରେ ବିପୁଳ ରନ ସଂଗ୍ରହ କରିବା ପରେ ୨୬ ବର୍ଷୀୟ ସର୍ଫରାଜ କ୍ରମାଗତ ଭାବେ ଭାରତୀୟ ଚୟନକର୍ତ୍ତାଙ୍କ ଅଣଦେଖାର ଶିକାର ହୋଇ ଆସୁଥିଲେ। ଏ ନେଇ ମଧ୍ୟ ସୁନିଲ ଗାଭାସ୍କରଙ୍କ ଭଳି ପୂର୍ବତନ କ୍ରିକେଟର ସର୍ଫରାଜଙ୍କ ସପକ୍ଷରେ ମତ ଦେଇଥିଲେ। ଶେଷରେ ତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି ଓ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଅବଶ୍ୟ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଆହତ ହୋଇ ଦଳରୁ ବାଦ ପଡ଼ିବା ଫଳରେ ତାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ସର୍ଫରାଜ ମଧ୍ୟ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଅଫିସିଆଲ ଟେଷ୍ଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ସର୍ଫରାଜ ଏପର୍ଯ୍ୟନ୍ତ ୪୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୬୯.୬୬ ରନ ହାରରେ ୩, ୬୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସାମିଲ ରହିଛି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଅପରାଜିତ ୩୦୨ ରହିଛି। ସେହିପରି ସେ ୩୭ଟି ଲିଷ୍ଟ ଏ' ଓ ୯୬ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ସେହିପରି ମୁସିର ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସର୍ଫରାଜ ଓ ମୁସିରଙ୍କ ପିତା ନୌସାଦ ଜଣେ କ୍ରିକେଟ ପ୍ରଶିକ୍ଷକ। ତେଣୁ ଦୁଇ ପୁଅଙ୍କୁ କ୍ରିକେଟର ଭାବେ ଗଢି ତୋଳିବାର ତାଙ୍କୁ ଉଲ୍ଲେଖନୀୟ ଭୂମିକା ରହିଛି। ମୁସିରଙ୍କ ଭଳି ସର୍ଫରାଜ ମଧ୍ୟ ୧୯ ବର୍ଷରୁ କମ୍ କ୍ରିକେଟରେ ଭଲ ପ୍ରଦର୍ଶନ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଭାରତୀୟ କ୍ରିକେଟରେ ତିଷ୍ଠି ରହିବାକୁ ହେଲେ ଦୁଇ ଭାଇଙ୍କୁ କଠିନ ପରିଶ୍ରମ କରିବା ସହ ଆହୁରି ବହୁତ ବାଟ ଯିବାକୁ ହେବ।


ପିତା ନୌସାଦ ଖାନ୍‌ଙ୍କ ସହ ସର୍ଫରାଜ ଓ ମୁସିର

# ସାଫ୍ କପ୍‌ରେ ଭଲ କରିବ ଭାରତ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩୦।୧ (ସମିସ): ବାଂଲାଦେଶର ଢ଼ାକାଠାରେ ଆୟୋଜିତ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ସାଫ୍ କପ୍ ମହିଳା ଫୁଟବଲରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କହିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ନେତୃତ୍ୱରେ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଗୋଆରେ ଜାନୁଆରୀ ୬ରୁ ୨୮ ପର୍ଯ୍ୟନ୍ତ ଚାଲିଥିଲା ଓ ଦଳ ଆଜି ଢ଼ାକା ଅଭିମୁଖେ ଯାତ୍ରା କରିଛି। ଏହି ଶିବିରେ ଦଳ ଭଲ ପ୍ରସ୍ତୁତି କରିଛି ଓ ଏହା ସନ୍ତୋଷଜନକ ହୋଇଛି। ଏଣୁ ଦଳର ପ୍ରଦର୍ଶନ ନିଶ୍ଚିତ ଭଲ ରହିବ ବୋଲି ଶ୍ରଦ୍ଧାଞ୍ଜଳି ମତବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାରେ ଭୁଟାନ ସହ ମୁକାବିଲା କରି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଫେବୃଆରୀ ୨ରେ ଖେଳାଯିବ। ଏହା ପରେ ଫେବୃଆରୀ ୪ରେ ବାଂଲାଦେଶ ଓ ୬ରେ ନେପାଳ ସହ ଖେଳିବ। ଏହି ପ୍ରତିଯୋଗିତାରେ ସମସ୍ତ ଦଳଗୁଡ଼ିକ ଶକ୍ତିଶାଳୀ ଓ ଭାରତ ଏମାନଙ୍କୁ ହରାଇବାର ଦକ୍ଷତା ରଖିଛି। ଗୋଆରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସର୍ବଭାରତୀୟ ଫୁଟବଲ ମହାସଂଘ ସମସ୍ତ ପ୍ରକାର ସହାୟତା ଯୋଗାଇଛି। ଏଣୁ ଦଳ ଭଲ ପ୍ରସ୍ତୁତି କରିବାରେ ସମର୍ଥ ହୋଇଛି। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଦୁଇ ଶୀର୍ଷସ୍ଥାନ ହାସଲ କରିଥିବା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ୮ରେ ଖେଳାଯିବ। ଓଡ଼ିଶାର ଶ୍ରଦ୍ଧାଞ୍ଜଳି ଏହା ପୂର୍ବରୁ ଭାରତୀୟ ୧୭ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ଏହି ସଫଳତାକୁ ଆଧାର କରି ତାଙ୍କୁ ଗୋଟିଏ ପାହାଚ ଚଢ଼ାଇ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଦିଆଯାଇଛି।



## ଜାତୀୟ ଦୃଷ୍ଟିହୀନ କ୍ରିକେଟ

# ସେମିଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୩୦।୧ (ସମିସ): ଓଡ଼ିଶା ଦଳ ଜାତୀୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏ' ମୁକାବିଲାରେ ଓଡ଼ିଶା ୧୭ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ନାଗପୁରର ରେଳବାଇ କ୍ରିକେଟ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୬ ୱିକେଟରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ପଙ୍କଜ ଭୂଏ ସର୍ବାଧିକ ୮୫, ନକୁଳ ବଡ଼ନାୟକ ୨୭ ଓ ହିକିମ ମୁର୍ମୁ ୨୦ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦିଲ୍ଲୀ ପାଳିରେ ଓଡ଼ିଶାର ଲିଙ୍ଗରାଜ ରାଉତରାୟଙ୍କୁ ୨ଟି, ନକୁଳ ଓ ଦେବରାଜ ବେହେରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପଙ୍କଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଦଳ କ୍ରମାଗତ ଦୁଇଟି ମ୍ୟାଚ୍ ଜିତିବା ପରେ ନକ୍‌ଆଉଟରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଗ୍ରୁପରେ ଆନ୍ଧ୍ରପ୍ରଦେଶ ମଧ୍ୟ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ କେଉଁ ଦଳ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିବ ତାହା ସ୍ଥିର ହେବ।




## ● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ହୃଦାନନ୍ଦ, ମହିଳା ଖୋ ଖୋ ଦଳକୁ ରୌପ୍ୟ



ଭୁବନେଶ୍ୱର, ୩୦।୧ (ସମିସ): ତାମିଲନାଡୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୬ଷ୍ଠ ସଂସ୍କରଣରେ ଓଡ଼ିଶା ମହିଳା ଖୋ ଖୋ ରୌପ୍ୟ ପଦକ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ଅଳ୍ପକେ ମହାରାଷ୍ଟ୍ର ନିକଟରୁ ପରାସ୍ତ ହୋଇ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲା। ସେହିଭଳି ଭାରୋତ୍ତୋଳନରେ ଓଡ଼ିଶାର ହୃଦାନନ୍ଦ ଦାଶ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଛନ୍ତି। ହୃଦାନନ୍ଦ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହାଇପରଫର୍‌ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଏହି ପ୍ରତିଯୋଗିତାରେ ୧୯ ପଦକ ଜିତି ୧୫ତମ ସ୍ଥାନରେ ରହିଛି। ଯେଉଁଥିରେ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୫୩ ସ୍ୱର୍ଣ୍ଣ, ୪୬ ରୌପ୍ୟ ଓ ୫୦ କାଂସ୍ୟ ସହ ମୋଟ୍ ୧୪୯ ପଦକ ଜିତି ମହାରାଷ୍ଟ୍ର ତାଲିକାର

## ● ଇଣ୍ଡିଆନ୍ ଓମେନ୍ସ ଲିଗ୍

# ସ୍ପୋର୍ଟ୍ସ ଓଡ଼ିଶାର ୨ୟ ଡ୍ର'

ଭୁବନେଶ୍ୱର, ୩୦।୧ (ସମିସ): କୋଲକାତାରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ଘରୋଇ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚ୍ ଅମୀମାଂସିତ ରହିଛି। ଇଷ୍ଟ ବେଙ୍ଗଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚଳିତ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶାର ଏହା ୭ମ ମ୍ୟାଚରୁ ୨ୟ ଡ୍ର'। ସ୍ପୋର୍ଟ୍ସ ଓଡ଼ିଶା ଏହାର ପ୍ରଥମ ୫ଟି ମ୍ୟାଚରେ ପରାଜୟବରଣ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ୭ ଦଳୀୟ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ୨ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ଅପରପକ୍ଷରେ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ମହିଳା ଫୁଟ୍‌ବଲ୍ ଦଳ ଓଡ଼ିଶା ଏଫ୍‌ସି ୬ ମ୍ୟାଚ ଖେଳି ୫ ବିଜୟ ଓ ଗୋଟିଏ ଡ୍ର' ସହ ୧୬ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ଫେବୃଆରୀ ୪ରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।



## ● ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍

# ବହୁସଂଖ୍ୟାରେ ଭାଗ ନେବାକୁ ଭଜିଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୧ (ସମିସ): ଟାଟା ଷ୍ଟିଲ ଆନୁକୂଲ୍ୟରେ ଫେବୃଆରୀ ୪ରେ ମେରାମଣ୍ଡଳୀଠାରେ ଆୟୋଜିତ ହେବ ହାଫ୍ ମାରାଥନ୍। ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟନେଇ ଏହି ମାରାଥନ ଆୟୋଜନ କରାଯାଉଛି। ଢେଙ୍କାନାଳ ଜିଲ୍ଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁ ଓ ଅନ୍ୟମାନଙ୍କୁ ସୁରକ୍ଷା ଦେବା ସକାଶେ ସଚେତନ କରାଇବାକୁ ଏହି ମାରାଥନରେ ବହୁସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରାଇବାକୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସଦସ୍ୟ ହରଭଜନ ସିଂ ଆବେଦନ କରିଛନ୍ତି। ଏହି ମାରାଥନ ୩ଟି କାଟେଗୋରୀରେ ଆୟୋଜିତ ହେବ। ଏହା ମଧ୍ୟରୁ ୨୧ କିମି, ୧୦ କିମି ଓ ୫ କିମିରେ ମାରାଥନ ଅନୁଷ୍ଠିତ ହେବ। ଏହା ସଫଳ ହେଲେ ବନ୍ୟପ୍ରାଣୀ ସୁରକ୍ଷିତ ହେବେ ବୋଲି ଭଜି କହିଛନ୍ତି। ଏପରି ଏକ ସଚେତନତା କାମ ଲାଗି ଆଗେଇଆସିଥିବାରୁ ଆୟୋଜକ ଟାଟା ଷ୍ଟିଲ ଓ ଜିଲ୍ଲା ପ୍ରଶାସନକୁ ଭଜି ଧନ୍ୟବାଦ ଜଣାଇଛନ୍ତି।

# ୪ ୱିକେଟରେ ଜିତିଲା ରାଜସ୍ଥାନ

କଟକ, ୩୦।୧(ସମିସ): ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ୪ ୱିକେଟରେ ରାଜସ୍ଥାନ ପରାସ୍ତ କରିଛି। ମୁମ୍ବଇର ଶରଦ ପାୱାର କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ରାଜସ୍ଥାନ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ ଦଳ ୯ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଲିସ୍ପା ବିଶ୍ୱାଳ ଅପରାଜିତ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ଏ.ଏସ୍.ପି ମାହେଶ୍ୱରୀ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଦୀକ୍ଷା ସାଇନିଙ୍କ ୬୫ ରନ ବଳରେ ରାଜସ୍ଥାନ ୬ ୱିକେଟ ହରାଇ ୪୮ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ ଓ ସୂର୍ଯ୍ୟସ୍ନାତା ସ୍ୱାଇଁ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

## ବଚନ-ଭୀମସେନ ମେମୋରିଆଲ ଫୁଟ୍‌ବଲ

# ଝାରସୁଗୁଡ଼ାକୁ ହରାଇ ସେମିରେ ବଲାଙ୍ଗିର

ସମ୍ବଲପୁର, ୩୦।୧(ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଜିଲ୍ଲା ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲ୍ଲା ବିଜୟ ବାହାଦୁର ସିଂ (ବଚନ) ଓ ଭୀମସେନ ଛତର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ସେମିରେ ପହଞ୍ଚିଛି। ମଙ୍ଗଳବାର ଖେଳରେ ଝାରସୁଗୁଡ଼ା ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲ ଦେବା ଫଳରେ ଫଳାଫଳ ଅମୀମାଂସିତ ରହିଥିଲା। ଝାରସୁଗୁଡ଼ାର କାହ୍ନା ଭୋଇ ଓ ପ୍ରତାପ କିସାନ ଏବଂ ବଲାଙ୍ଗିର ପକ୍ଷରୁ ବ୍ରଜ ନାୟକ ଓ ଭୁପତି ଡିଲ୍ଲା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶେଷରେ ଟାଇବ୍ରେକର ସହଯୋଗ ନିଆଯାଇଥିଲା। ଏଥିରେ ବଲାଙ୍ଗିର ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଏହି ମ୍ୟାଚରେ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝାରୁସୁଗୁଡ଼ା ଜିଲ୍ଲାର ୧୦ ନମ୍ବର ଖେଳାଳି ପ୍ରତାପ କିସାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ରେଫରୀ ସୁବ୍ରତ ପୁରୋହିତ, ପଞ୍ଚାନନ ପାତ୍ର, ମଥୁରା ଓରାମ, ଅରୁଣ ଭୋଇ ଖେଳ ପରିଚାଳନା କରିଥିଲେ।




# କ୍ରୀଡ଼ାବିତ୍‌ଙ୍କ ପୁରସ୍କାର ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ

ଭୁବନେଶ୍ୱର,୩୦।୧ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ପାଇଥିବା କ୍ରୀଡ଼ାବିତ୍ (ସମସ୍ତ) ଓ ପ୍ରଶିକ୍ଷକଙ୍କୁ ଦିଆଯାଉଥିବା ପୁରସ୍କାର ବା ପ୍ରୋତ୍ସାହନ ରାଶି ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ କରାଯାଇଛି। ଏହି ନିର୍ଦ୍ଦେଶାବଳୀ ସମସ୍ତ ସକ୍ଷମ ଓ ଭିନ୍ନକ୍ଷମଙ୍କ ଲାଗି ଲାଗୁହେବ। ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଣେ ଖେଳାଳି ତାଙ୍କ ଜୀବନକାଳ ମଧ୍ୟରେ ସର୍ବାଧିକ ୯ କୋଟି ଟଙ୍କା ପୁରସ୍କାର ସରକାରଙ୍କଠାରୁ ପାଇବେ। ଏହାଠାରୁ ଅଧିକ ପୁରସ୍କାର ମିଳିବ ନାହିଁ।

ଏହି ନିର୍ଦ୍ଦେଶାବଳୀରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଜଣେ ଖେଳାଳି ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଲେ ମଧ୍ୟ ଗୋଟିଏ ପଦକ ଲାଗି ପୁରସ୍କାର ଦିଆଯିବ। କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣ, ରୌପ୍ୟ କିମ୍ବା କାଂସ୍ୟ ପଦକ ଜିତିଲେ , ଏହା ମଧ୍ୟରେ ଶ୍ରେଷ୍ଠ ସଫଳତା ଅର୍ଥାତ୍ ସ୍ୱର୍ଣ୍ଣ ପଦକ ଲାଗି ସରକାର ପୁରସ୍କୃତ କରିବେ। ସେହିପରି ବିଭିନ୍ନ ପୋଜିସନ ଲାଗି ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଥିବା ପ୍ରତିଯୋଗୀମାନଙ୍କୁ କେବଳ ଥରେ ବା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କାର ଦିଆଯିବ।

ଆଉ ଏକ ମୁଖ୍ୟ ସଂଶୋଧନ ହେଲା, ଯେଉଁ ଖେଳାଳି ପ୍ରଥମବର୍ଷ ପୁରସ୍କାର ପାଇଥିବେ, ସେହି ଖେଳାଳି ସମାନ ଇଭେଣ୍ଟରେ ପରବର୍ଷ ଅଧିକ ସଫଳତା ପାଇଲେ ତାଙ୍କୁ ପୁରସ୍କାର ରାଶି ଦିଆଯିବ। ନଚେତ ପୁରସ୍କାର ମିଳିବ ନାହିଁ। ପୁରସ୍କାର ପ୍ରଦାନ ଲାଗି ଖେଳାଳି କିମ୍ବା ପ୍ରଶିକ୍ଷକଙ୍କ ନାମ ବିଚାରକୁ ନିଆଗଲା ବେଳେ ଶ୍ରେଷ୍ଠ ପ୍ରଦର୍ଶନକୁ ସର୍ବଦା ଆଧାର କରି ପୁରସ୍କାର ଦିଆଯିବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶାବଳୀରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି।

## ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ଜିଏମ୍ ଜୟସନଙ୍କୁ ହରାଇଲେ ପ୍ରିଅଂଶ

ଭୁବନେଶ୍ୱର, ୩୦। ୧ (ସମିସ): ଏଠାରେ ଚାଲିଥିବା ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବର ତୃତୀୟ ଦିନରେ ସିଡେଡ ଖେଳାଳିଙ୍କ ବିପର୍ଯ୍ୟୟର ଧାରା ଅବ୍ୟାହତ କରହିଛି। ମଙ୍ଗଳବାର ଖେଳାଯାଇଥିବା ତୁର୍ଥ ରାଉଣ୍ଡରେ ଓଡ଼ିଆ ଖେଳାଳି ପ୍ରିଅଂଶ ଦାସ ଫିଲିପାଇନ୍ସ ଗ୍ରାଣ୍ଡମାଷ୍ଟର ଗୋଞ୍ଜାଲେସ୍ ଜୟସନଙ୍କୁ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ତୃତୀୟ ରାଉଣ୍ଡରେ ଓଡ଼ିଆ ଖେଳାଳି ତଥା ୬୮ତମ ସିଡ୍ ନୀଳସୁ ପଟ୍ଟନାୟକ (ରେଟିଂ-୧୯୮୭) ତାଙ୍କଠାରୁ ୨୦୦ରୁ ଅଧିକ ରେଟିଂ ଥିବା ଖେଳାଳି ତଥା ୨୪୧୫ ରେଟିଂ ଥିବା ଖେଳାଳି ଆଦିରେଡ୍ଡୀ ଅର୍ଜୁନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ଦୁଇ ଭାରତୀୟ ଖେଳାଳି ଆକାଶ ଦାଲଭି ଭିଏତନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ୍ ଭାନ ହୁଏ'ଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଅନ୍ୟତମ ବିପର୍ଯ୍ୟୟ ସୃଷ୍ଟିକାରୀ ନିତିନ ବାବୁ ତୃତୀୟ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷଙ୍କଠାରୁ ହାରିଯାଇଛନ୍ତି। ସେହିପରି ପୂର୍ବଦିନ ପରାଜିତ ହୋଇଥିବା ଦୁଇ ବିଦେଶୀ ଗ୍ରାଣ୍ଡମାଷ୍ଟର ବୋରିସ ସେଭାଚେଙ୍କୋ ଓ ଆଲେକ୍ସେଇ ଫେଡେରୋଭ୍ ତୃତୀୟ ରାଉଣ୍ଡ ମୁକାବିଲା ଡ୍ର ରଖିଛନ୍ତି।

ଟପ୍ ବୋର୍ଡରେ ସିଏମ ସୋହମ କାମୋତ୍ରା ଗ୍ରାଣ୍ଡମାଷ୍ଟର ଫୱଜି ଆଧମଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଦ୍ୱିତୀୟ ବୋର୍ଡରେ ଆଇଏମ୍ ଆରାଶ ତାହବଜ ଜିଏମ୍ ଆର୍ଯାର ଲକ୍ଷ୍ମଣଙ୍କୁ ହରାଇଦେଇଛନ୍ତି। ୬ଷ୍ଠ ବୋର୍ଡରେ ୨୦୨୮ ରେଟିଂପ୍ରାପ୍ତ ଅଦ୍ୱୈତ ଭେମୁଲା ଭିଗ୍ନେଶ (ରେଟିଂ-୨୦୨୮) ତାଙ୍କଠାରୁ ଅଧିକ ରେଟିଂପ୍ରାପ୍ତ ଆଇଏମ୍ ମନୀଷ ଆଣ୍ଟୋକ୍ରିଷ୍ଟିଆନ (ରେଟିଂ-୨୩୪୯)ଙ୍କୁ ପରାସ୍ତ କରିଛନ୍ତି।

ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ତୃତୀୟ ବୋର୍ଡରେ ଖେଳୁଥିବା ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ-୨୪୦୪) ତାଙ୍କଠାରୁ କମ୍ ମାନ୍ୟତାପ୍ରାପ୍ତ ଖେଳାଳି ତଥା ଫିଡେ ମାଷ୍ଟର କ୍ରିଷ୍ଣା ଗୌତମ (ରେଟିଂ-୨୨୮୮)ଙ୍କ ଠାରୁ ପରାଜିତ ହୋଇଛନ୍ତି। ୯ମ ବୋର୍ଡରେ ଖେଳୁଥିବା ସିଦ୍ଧାନ୍ତ ମହାପାତ୍ର ଜିଏମ୍ ସପ୍ତର୍ଷି ରୟ ଚୌଧୁରୀଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଦ୍ୱାଦଶ ବୋର୍ଡରେ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା (ରେଟିଂ-୨୧୧୩) ଆଇଏମ ପରବ ରିତଭିଜ୍ (ରେଟିଂ-୨୩୯୧)ଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି।

ଚତୁର୍ଥ ରାଉଣ୍ଡରେ ସମ୍ବିତ ପଣ୍ଡା ବିଜୟୀ ହୋଇଥିଲାବେଳେ ଅଧିକାଂଶ ଟପ୍ ସିଡ ମ୍ୟାଚ୍ ଡ୍ର ରଖିଛନ୍ତି। ଚତୁର୍ଥ ରାଉଣ୍ଡର ପ୍ରଥମ ୪ଟି ବୋର୍ଡର ଖେଳ ଅମିମାଂସିତ ରହିଛି। ଏହି ରାଉଣ୍ଡ ଶେଷରେ ୭ଜଣ ଭାରତୀୟ ଖେଳାଳି ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ଓଡ଼ିଶାର ସମ୍ବିତ ପଣ୍ଡା ଓ ପ୍ରିଅଂଶ ଦାସଙ୍କ ସମେତ ୧୨ ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ



## ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ମୁସୀରଙ୍କ ଦ୍ୱିତୀୟ ଶତକ

# ନ୍ୟୁଜିଲାଣ୍ଡକୁ ୨୧୪ ରନରେ ହରାଇଲା ଭାରତ

ବ୍ଲୋମଫେଣ୍ଟେନ୍, ୩୦।୧(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପରେ ଭାରତ ସୁପର-୬ ପର୍ଯ୍ୟାୟରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମାନଗାଉଙ୍ଗ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ମୁକାବିଲାରେ ଭାରତ ୨୧୪ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୫୦ ଓଭରରେ ୮ ୱିକେଟ ହରାଇ ୨୯୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନପାରି ୨୮.୧ ଓଭରରେ ମାତ୍ର ୮୧ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ମୂଲ୍ୟବାନ ଦୁଇ ୱିକେଟ ନେବା ସହ ୧୨୬ ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳିଥିବା ମୁସିର ଖାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁସିର ଏଥିସହ ଟୁର୍ଣ୍ଣାମେଣ୍ଟରେ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆମେରିକା ବିପକ୍ଷ ଗ୍ରୁପ୍ ମୁକାବିଲାରେ ସେ ୭୬ ରନର ଉପଯୋଗୀ ପାଳି ଖେଳିଥିଲେ। ସେହିପରି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୧୦୬ ବଲର ସମ୍ମୁଖୀନ ହୋଇ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଭାରତ ୨ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ। ୬ ପଏଣ୍ଟ ହାସଲ କରି ଭାରତ ଏବେ ସୁପର-୬ ଗ୍ରୁପ୍-୧ରେ ଶୀର୍ଷରେ ରହିଛି। ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାରେ ବାଂଲାଦେଶ, ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସୁପର-୬ ଚାଲୁ ରହିବ।



### ସୌମ୍ୟଙ୍କୁ ୪ ୱିକେଟ, ଆଦର୍ଶଙ୍କ ଅର୍ଦ୍ଧଶତକ

ନ୍ୟୁଜିଲାଣ୍ଡ ତରଫରୁ ଅଧିନାୟକ ଓସ୍କାର ଜ୍ୟାକ୍‌ସନ ୧୯, ଜ୍ୟାକ କମିଙ୍ଗ ୧୬, ଆଲେକ୍ସ ଥମ୍ପସନ ୧୨ ଓ ଜେମ୍ସ ନେଲସନ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ସୌମ୍ୟ ପାଣ୍ଡେ ୪, ରାଜ ଲିମ୍ବାନୀ ଓ ମୁସିର ଖାନ୍ ୨ଟି ଲେଖାଏ, ନମନ ତିୱାରୀ ଓ ଅର୍ଶିନୀ କୁଲକର୍ଣ୍ଣୀ ଗୋଟିଏ କରି ୱିକେଟ ଅକ୍ତିଆର କରିଥିଲେ। ସୌମ୍ୟ ଏଥିସହ ଟୁର୍ଣ୍ଣାମେଣ୍ଟରେ ୧୨ ୱିକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ମୁସିରଙ୍କ ଶତକକୁ ବାଦ୍ ଦେଲେ ଓପନର ଆଦର୍ଶ ସିଂ ୫୨, ଅଧିନାୟକ ଉଦୟ ସରନ ୩୪, ଆରାଭେଲି ଅବିନାଶ ୧୭, ସଚିନ ଧାସ୍ ୧୫, ପ୍ରିୟାଂଶୁ ମୋଲିଆ ୧୦ ରନ ସଂଗ୍ରହ କରିଥିଲେ। ଆଦର୍ଶ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ମୁସିରଙ୍କ ସହ ସେ ଦ୍ୱିତୀୟ ୱିକେଟରେ ୭୭ ବଲରୁ ୭୭ ରନ ସଂଗ୍ରହ କରିଥିଲେ। ମୁସିର ମଧ୍ୟ ସରନଙ୍କ ସହ ତୃତୀୟ ୱିକେଟରେ ୧୧୩ ବଲରୁ ୮୭ ରନର ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ମାସନ କ୍ଲାର୍କ ସର୍ବାଧିକ ୪ ୱିକେଟ ନେଇଥିଲେ। ନ୍ୟୁଜିଲାଣ୍ଡର ୭ ଖେଳାଳି ବୋଲିଂ କରିଥିଲେ।

## ବିମାନରେ ଅସୁସ୍ଥ ହେଲେ ମୟଙ୍କ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ବିମାନରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଅଗରତାଲାରୁ ଦଳ ସହ ସୁରଟ ଯିବା ବାଟରେ ବିମାନରେ ହିଁ



ତାଙ୍କୁ ମୁହଁ ଓ ଗଳାରେ ପୋଡିବା ଭଳି ଲାଗିଥିଲା। ତାଙ୍କର ବାରମ୍ବାର ବାନ୍ତି ହୋଇଥିଲା। ଫଳରେ ତୁରନ୍ତ ତାଙ୍କୁ ଅଗରତାଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ଏବେ ସେ ବିପଦମୁକ୍ତ ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ଚଳିତ ରଣଜୀ ଟ୍ରଫିରେ ୩୨ ବର୍ଷୀୟ ମୟଙ୍କ କର୍ଣ୍ଣାଟକ ଦଳର ନେତୃତ୍ୱ ନେଉଛନ୍ତି। ବୋତଲରେ ବନ୍ଦ ଥିବା ପାଣି ପିଇବା ଫଳରେ ତାଙ୍କର ଏପରି ଅବସ୍ଥା ହୋଇଛି ବୋଲି କୁହାଯାଉଛି। ଅସୁସ୍ଥ ହେବା ପରେ ସେ ଓ ଟିମ୍ ମ୍ୟାନେଜର ରମେଶ ମଧ୍ୟ ବିମାନରୁ ଓହ୍ଲାଇ ଯାଇଥିଲେ। ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ରେଳବାଇ ବିପକ୍ଷ ରଣଜୀ ମ୍ୟାଚ୍ ସେ ଖେଳିବେ ନାହିଁ ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ସେ ୪୬୦ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଶତକ ସାମିଲ ରହିଛି। ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୨୧ଟି ଟେଷ୍ଟ ଖେଳିଛନ୍ତି ଓ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଆଇପିଏଲ୍ ଖେଳୁଛନ୍ତି।

## ଏସିସି ଅଧ୍ୟକ୍ଷ ପଦ ଛାଡ଼ି ପାରନ୍ତି ଜୟ ଶାହ

# ଆଇସିସି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ନିର୍ବାଚନ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଜୟ ଶାହ ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ଅଧ୍ୟକ୍ଷ ପଦ ଛାଡି ପାରନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଶାହା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ। ତେଣୁ ସେ ଏସିସି ପଦ ଛାଡିବାର ଯଥେଷ୍ଟ ସମ୍ଭାବନା ରହିଛି। ମଙ୍ଗଳବାରଠାରୁ ଇଣ୍ଡୋନେସିଆର ବାଲିରେ ଏସିସିର ବାର୍ଷିକ ସାଧରଣ ବୈଠକ ଅନୁଷ୍ଠିତ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିର୍ବାଚନ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଏସିସିର ପ୍ରସାରଣ ଅଧିକାର ନେଇ ନିଷ୍ପତ୍ତି ନିଆଯିବ। ନଭେମ୍ବରେ ଆଇସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ ହେବ। ଅନ୍ୟପଟେ ପ୍ରତି ଦୁଇବର୍ଷରେ ଥରେ ଏସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ କରାଯାଇଥାଏ। ଜୟ ଏସିସି ଅଧ୍ୟକ୍ଷ ଭାବେ ଗୋଟିଏ ବର୍ଷ କାର୍ଯ୍ୟ କରିସାରିଛନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ସେ ପଦ ଛାଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଏସିସି ବୈଠକରେ ମଧ୍ୟ ଶାହା ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବେ କି ନା ସେ ନେଇ ସ୍ଥିର କରାଯିବ। ଏସିସିର ମିଡିଆ ରାଇଟ୍ସ ଏବେ ଷ୍ଟାର ସ୍ପୋର୍ଟ୍ସ ପାଖରେ ରହିଛି। ଏଥିସହ ଆଗାମୀ ଏସିଆ କପ୍‌ର ଭେନ୍ୟୁ ନେଇ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯିବ।



● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

# ସ୍ନେହାଙ୍କୁ ସ୍ୱର୍ଣ୍ଣ; ଅପରାଜିତା-ସନ୍ଧ୍ୟାଙ୍କୁ କାଂସ୍ୟ



ସ୍ନେହା ସୋରେନ



ସନ୍ଧ୍ୟାରାଣୀ ନାୟକ

ଭୁବନେଶ୍ୱର, ୩୦।୧ (ସମିସ): ଚଣ୍ଡିଗଡ଼ରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) ଏବଂ ଉତ୍ତର-ପୂର୍ବ ଜୋନାଲ (ମହିଳା) ଭାରୋତ୍ତୋଳନରେ ମଙ୍ଗଳବାର ଓଡ଼ିଶାକୁ ୩ଟି ପଦକ ସଫଳତା ମିଳିଛି। ୫୫ କିଗ୍ରା ଓଜନବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଅପରାଜିତା ଭୂୟାଁ ଓ ସନ୍ଧ୍ୟାରାଣୀ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ୩ଜଣ ଭାରୋତ୍ତୋଳିକା ବର୍ତ୍ତମାନ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଜାନୁଆରୀ ୩୧ରେ ଉଦ୍‌ଯାପିତ ହେବ।

## ଦୀପ୍ତିଙ୍କୁ ଡିସିପି ଚାକିରି ସହ ୩ କୋଟି ଟଙ୍କା ପୁରସ୍କାର



ଲକ୍ଷ୍ନୌ, ୩୦।୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ଉତ୍ତର ପ୍ରଦେଶ ସରକାର ସମ୍ମାନିତ କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୩ କୋଟି ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ଉତ୍ତର ପ୍ରଦେଶ ପୋଲିସରେ ୨୬ ବର୍ଷୀୟା ଦୀପ୍ତିଙ୍କୁ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିସିପି) ଭଳି ଉଚ୍ଚ ପଦରେ ଚାକିରି ଦେଇଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।

ଭାରତୀୟ ମହିଳା କ୍ରିକେଟ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ଗତ କିଛି ବର୍ଷ ଧରି ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଛନ୍ତି। ଗତବର୍ଷ ଚୀନର ହାଙ୍ଗଝୋଉରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଦୀପ୍ତିଙ୍କ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଥିଲା। ଦୀପ୍ତି ଭାରତ ପକ୍ଷରୁ ୪ ଟେଷ୍ଟ, ୮୬ ଏକଦିବସୀୟ ଓ ୧୦୪ ଟି-୨୦ ମ୍ୟାଚ୍ ଖେଳି ସର୍ବମୋଟ୍ ୩ ହଜାରରୁ ଊର୍ଦ୍ଧ୍ୱ ରନ ସହ ୨୨୯ ୱିକେଟ୍ ନେଇଛନ୍ତି।



ଫେବ୍ରୁଆରୀ ୩ରୁ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଲାଗି କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ହକି ଦଳର ପ୍ରସ୍ତୁତି।

# ବୋପନ୍ନା; ବୟୋଜ୍ୟେଷ୍ଠ ଶୀର୍ଷ ମାନ୍ୟତା ଖେଳାଳି

ଲଣ୍ଡନ, ୩୦।୧ (ଏଜେନ୍ସି): ଭାରତୀୟ ଟେନିସ ତାରକା ରୋହନ ବୋପନ୍ନା କ୍ୟାରିୟର ଶ୍ରେଷ୍ଠ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଏଟିପି ପକ୍ଷରୁ ସଦ୍ୟ ପ୍ରକାଶିତ ପୁରୁଷ ଯୁଗଳ ମାନ୍ୟତାରେ ବୋପନ୍ନା ଶୀର୍ଷ ସ୍ଥାନରେ ରହିଛନ୍ତି। ୪୩ ବର୍ଷ ଓ ୩୩୧ ଦିନରେ ଏକ ନମ୍ବର ସ୍ଥାନ ହାସଲ କରି ବୋପନ୍ନା ପୁରୁଷ ଟେନିସରେ ଶୀର୍ଷ ମାନ୍ୟତା ପାଇବାରେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ସେହିଭଳି ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ଟେନିସ ର୍‌ୟାଙ୍କିଙ୍ଗର ନମ୍ବର-୧ ସ୍ଥାନରେ ରହିବାରେ ସେ ୪ର୍ଥ ଭାରତୀୟ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି।



ଗତ ରବିବାର ବୋପନ୍ନା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଥିଲେ। ସେ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଖେଳିଥିଲେ। ଏବଡେନ ବର୍ତ୍ତମାନ ପୁରୁଷ ଯୁଗଳ ମାନ୍ୟତାରେ ବିଶ୍ୱର ୨ୟ ସ୍ଥାନରେ ରହିଛନ୍ତି। ଏଥିସହ ବୋପନ୍ନା ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ଆଶା ମଧ୍ୟ ଉଜ୍ଜିବୀତ ହୋଇଛି। ଆଗାମୀ ଜୁନ ଶେଷ ସୁଦ୍ଧା ଯେଉଁ ଖେଳାଳି ମାନ୍ୟତାର ଟପ୍-୧୦ରେ ରହିଥିବ ସେ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଥିସହ ନିଜ ଦେଶର ଟପ୍-୩୦୦ ମାନ୍ୟତା ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କୁ ସାଥୀ କରି ଅଲିମ୍ପିକ୍ସରେ ଭାଗନେବ।

● ଏଫ୍‌ଆଇଏଚ୍ ୫-ଏ ସାଇଡ୍ ବିଶ୍ୱକପ୍

## କେନିଆକୁ ହରାଇଲା ଭାରତ

ମସ୍କଟ,୩୦।୧(ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପୁରୁଷ ୫-ଏ ସାଇଡ୍ ହକି ବିଶ୍ୱକପ୍‌ରେ ଭାରତ ୫ମ-୮ମ ସ୍ଥାନ କ୍ଲାସିଫିକେସନ ମ୍ୟାଚ୍‌ରେ ମଙ୍ଗଳବାର କେନିଆକୁ ୯-୪ ଗୋଟରେ ପରାସ୍ତ କରିଛି। ଭାରତ ପାଇଁ ଉତ୍ତମ ସିଂ ୫ମ, ୨୫ ଓ ୨୬ତମ ମିନିଟ୍‌ରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେହିପରି ମହମ୍ମଦ ରାହିଲ ୧୭ ଓ ୨୫ତମ, ମନଜିତ ଷଷ୍ଠ, ପବନ ରାଜଭର ୧୦ମ, ମନଦୀପ ମୋର ୧୫ତମ ଓ ଗୁରଜୋତ ସିଂ ୨୮ ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ କେନିଆ ପାଇଁ ମୋସେସ୍ ଆଡେମ୍ବା ୧୨, ୧୪, ୨୭ତମ ମିନିଟରେ ଓ ଅଧିନାୟକ ଇଭାନ ଲୁଡିଆଲି ୨୪ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡଠାରୁ ୭-୪ ଗୋଲ୍‌ରେ ପରାଜିତ ହୋଇଥିଲା।

## ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା

# ଘରୋଇ ପରିବେଶର ଫାଇଦା ନେବ ଓଡ଼ିଶା

କଟକ, ୩୦।୧(ସମିସ): ହିମାଚଳ ପ୍ରଦେଶକୁ ୨୩୮ ରନରେ ପରାସ୍ତ କରି ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲ ଆଶାକୁ ଅଧିକ ମଜବୁତ କରିଛି। ମଧ୍ୟପ୍ରଦେଶ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ମଧ୍ୟ ଚଳିତ ଥର ଓଡ଼ିଶା ଇନିଂସ ଅଗ୍ରଣୀ ପଏଣ୍ଟ ହାତେଇଛି। ଦଳ ୯ ପଏଣ୍ଟ ପାଇଁ ଏଲିଟ ଗ୍ରୁପ-ସି'ର ୫ମ ସ୍ଥାନରେ ରହିଥିବା ବେଳେ ଟେବଲ୍‌ର ଶୀର୍ଷ ଦୁଇ ସ୍ଥାନକୁ ଉନ୍ନୀତ ହେବା ଦଳର ମୁଖ୍ୟ ଲକ୍ଷ୍ୟ। ୪ଟି ମ୍ୟାଚ୍ ଶେଷ ହୋଇଛି। ଲିଗ ପର୍ଯ୍ୟାୟରେ ଆଉ ୩ଟି ମ୍ୟାଚ୍ ବାକି। ତେବେ ଏହା ଭିତରୁ ଓଡ଼ିଶା ଘରୋଇ ପରିବେଶ ତଥା ବାରବାଟୀ ଷ୍ଟାଡିୟମରେ ପରବର୍ତ୍ତୀ ଦୁଇଟି ଯାକ ମ୍ୟାଚ୍ ଖେଳିବ। ଘରୋଇ ଗ୍ରାଉଣ୍ଡରୁ ଫାଇଦା ଉଠାଇ ଏଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ନିମନ୍ତେ ଓଡ଼ିଶା ନିକଟରେ ଯଥେଷ୍ଟ ସମ୍ଭାବନା ରହିଛି। ପ୍ରକାଶଥାଉକି, ୨୦୧୯-୨୦ ସଂସ୍କରଣରେ ଓଡ଼ିଶା ଅନ୍ତିମ ଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ଆସନ୍ତା ୨ ତାରିଖରୁ ବାରବାଟୀ ଷ୍ଟାଡିୟମରେ ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବ। ଉକ୍ତ ମ୍ୟାଚ୍ ନିମନ୍ତେ ବାରବାଟୀରେ ପ୍ରସ୍ତୁତ ପିଚ୍ ଉଭୟ ବ୍ୟାଟିଂ ଓ ବୋଲିଂ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି। ଗତ ଦୁଇଟି ମ୍ୟାଚ୍ ମଧ୍ୟ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜମ୍ମୁ ଓ କାଶ୍ମୀର ଠାରୁ ସଂଘର୍ଷ କରି ପରାସ୍ତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ହିମାଚଳପ୍ରଦେଶକୁ ଶୋଚନୀୟ ଭାବେ ହରାଇଥିଲା। ପୁଡୁଚେରୀକୁ ପରାସ୍ତ କଲେ ଦଳ ସିଧାସଳଖ ୩ୟ ସ୍ଥାନକୁ ଉନ୍ନୀତ ହୋଇପାରେ। ଉତ୍ତରାଖଣ୍ଡ ଓ ଦିଲ୍ଲୀକୁ ହରାଇ ପୁଡୁଚେରୀ କଟକରେ ପହଞ୍ଚିଛି। ଏଣୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ। ବୁଧବାର ଉଭୟ ଓଡ଼ିଶା ଏବଂ ପଣ୍ଡିଚେରୀ ଦଳ ବାରବାଟୀରେ ଅଭ୍ୟାସ କରିବେ।

### ଡ୍ରିମ୍ସରେ ସନ୍ଦୀପ ଓ ରାଜେଶଙ୍କ ଡ୍ରିମ୍ ପରଫର୍ମାନ୍ସ





ଓଡ଼ିଶାର ଦୁଇ ଯୁବ ତାରକାଙ୍କ ଉପରେ ଏବେ ପ୍ରତିପକ୍ଷ ଦଳର ନଜର। ଏହି ଦୁଇ ଖେଳାଳି ହେଲେ ବ୍ୟାଟିଂରେ ସନ୍ଦୀପ ପଟ୍ଟନାୟକ ଏବଂ ବୋଲିଂରେ ରାଜେଶ ମହାନ୍ତି। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଗତ ଦୁଇ ମ୍ୟାଚ୍‌ରେ ଏମାନେ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି। ଡ୍ରିମସରେ ଅନୁଷ୍ଠିତ ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସଂଘର୍ଷପୂର୍ଣ୍ଣ ଶତକ(୧୦୦ରନ) ହାସଲ କରିଥିଲେ। ଏଠାରେ ଖେଳାଯାଇଥିବା ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓପନିଂ ସୁଯୋଗ ପାଇଥିବା ସନ୍ଦୀପ ପୁଣି ଏକ ଶତକୀୟ ପାଳି(୧୫୦ରନ) ଖେଳି ଦଳ ବିଜୟରେ ଅଗ୍ରଣୀ ଭୂମିକା ତୁଲାଇଥିଲେ। ସେହିପରି ମିଡିୟମ ପେସର ରାଜେଶ ଏଠାରେ ୨ଟି ମ୍ୟାଚ୍‌ରୁ ୧୮ଟି ୱିକେଟ ପାଇଛନ୍ତି। ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଉଭୟ ପାଳିରେ ତାଙ୍କୁ ୫ଟି ଲେଖାଏ ୱିକେଟ ମିଳିଥିଲା। ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ସେ ପୁଣି ଥରେ ୫ଟି ୱିକେଟ ହାସଲ କରି ଓଡ଼ିଶାକୁ ପ୍ରଥମ ବିଜୟ ସ୍ୱାଦ ଚଖାଇବାରେ ସହଯୋଗ କରିଥିଲେ।

ନନ୍ଦିଘୋଷ TV

ନନ୍ଦିଘୋଷ ଟିଭି ନିମ୍ନଲିଖିତ ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଅଛି।
ପ୍ରାର୍ଥୀ ୩ ଦିନ ମଧ୍ୟରେ ଆମକୁ ଆବେଦନ କରିପାରିବେ।

୧. ରିପୋର୍ଟର : (ଉଭୟ ଫ୍ରେସର ଏବଂ ଅଭିଜ୍ଞ)
୨. ସ୍କ୍ରଲ୍ କପି ଏଡିଟର : (ଅନ୍ୟୁନ ୩ ବର୍ଷର ଅଭିଜ୍ଞତା)
୩. ବୁଲେଟିନ୍ ପ୍ରୋଡ୍ୟୁସର: (ଅନ୍ୟୁନ ୫ ବର୍ଷର ଅଭିଜ୍ଞତା)

ଆବେଦନ କରିବାର ଠିକଣା:
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ.: ୯୦ ଏବଂ ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍,
ଭୁବନେଶ୍ୱର - ୭୫୧୦୧୯
Mob.: 9437016499
Email : suhana.tabsum@nandighoshatv.com

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର